

ମାଞ୍ଚେଷ୍ଟର ଟେଷ୍ଟରେ ରୁଟ୍‌ଙ୍କ ଶତକ

ପୃଷ୍ଠା ୬

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 125 | ଭାଗ ୩୩ | ସଂଖ୍ୟା ୧୨୫ | Bhubaneswar | Saturday 26 July 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୨୬ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଏମ୍ସରେ ପୀଡ଼ିତାଙ୍କ ବୟାନ ରେକର୍ଡ କଲା କ୍ରାଇମ୍‌ବ୍ରାଞ୍ଚ୍

### ମୁଦି ଖିଅ ନେଇ ଜୁଏଲାରୀ ମାଲିକଙ୍କୁ ପଚରାଉଚରା




**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଦିଲ୍ଲୀ ଏମ୍ସରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି କ୍ରାଇମ୍ ବ୍ରାଞ୍ଚ୍। ତାଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ଧରିବା ସକାଶେ ରାଜ୍ୟରେ ତଦନ୍ତ ଚଳାଇଥିବା କ୍ରାଇମ୍ ବ୍ରାଞ୍ଚ୍‌ର ଏକ ଟିମ୍ ଗତକାଲି ଦିଲ୍ଲୀ ଏମ୍ସରେ ପହଞ୍ଚିଥିଲା। ଆଜି ଏହି ଟିମ୍ ସମ୍ପୃକ୍ତ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏଥିସହ ଆସନ୍ତାକାଲି ଦିଲ୍ଲୀରୁ ଫେରିବେ ବଳଙ୍ଗା ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍। ବୟାନ ରେକର୍ଡ ସମୟରେ ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ସେତେବେଳେ ପୀଡ଼ିତାଙ୍କ ସହ ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍‌ର ଜଣେ ବରିଷ୍ଠ ଡାକ୍ତର ରହିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିବା ବେଳେ ବଳଙ୍ଗା ଥାନାର ଜଣେ ମହିଳା ଏଏସ୍‌ଆଇ, କ୍ରାଇମ ବ୍ରାଞ୍ଚର ଜଣେ ଅଫିସରଙ୍କ ସମେତ ପୀଡ଼ିତାଙ୍କ ପରିବାର ଜଣେ ସଦସ୍ୟ ଉପସ୍ଥିତ ଥିବା ଜଣାପଡ଼ିଛି। ସେହିପରି ଏହି ମାମଲାରେ ପୀଡ଼ିତାଙ୍କଠାରୁ ଜବତ ହୋଇଥିବା କେଶର ଖିଅ ଖୋଜି ଜଟଣୀରେ ପହଞ୍ଚିଛି ବଳଙ୍ଗା ପୁଲିସ। ବଳଙ୍ଗାରେ ରହୁଥିବା ରଥିପୁର ଗ୍ରାମର ଯୁବକଙ୍କୁ ଜଟଣୀ ଥାନାରେ ପଚରାଉଚରା ଚାଲିଛି। ବଳଙ୍ଗା ପୁଲିସ୍‌ର ଏକ ଚାରିଜଣିଆ ଟିମ୍ ତାଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ଘଟଣାରେ ଆଜି ନୂଆ ଟୁଇଷ୍ଟ ଆସିଛି। ପୁଲିସ ଟିମ୍ ହାତରେ ଲାଗିଛି ବଡ଼ ସୁରାକ୍। ମାରାଥନ୍ ଜେରାରେ ମୁହଁ ଖୋଲିଛନ୍ତି କ୍ରିଷ୍ଣା ଜୁଏଲାରୀର ମାଲିକ କୁନୁ ସାହୁ। ପାଖାପାଖି ଅଢ଼େଇ ମାସ ତଳେ ବଳଙ୍ଗା ପୀଡ଼ିତାଙ୍କ ସାଙ୍ଗ ଏକ ରୁପା ମୁଦି କିଣିଥିବା ବେଳେ ସେତେବେଳେ ସାଙ୍ଗରେ ଆସିଥିଲେ ଅନ୍ୟ ଜଣେ ନାବାଳିକା। ମୁଦି ବାବଦକୁ ସେତେବେଳେ ଦୋକାନୀଙ୍କୁ ୫୦୦ ଟଙ୍କା ଦେଇଥିବା ଶ୍ରୀ ସାହୁ ସ୍ୱୀକାର କରିଛନ୍ତି। ତେବେ ଜେରା ପରେ ଶ୍ରୀ ସାହୁଙ୍କୁ ପୁଲିସ୍ ଛାଡ଼ିଦେଇଛି। କିନ୍ତୁ ପୀଡ଼ିତାଙ୍କ ପାଖକୁ ଉକ୍ତ ମୁଦିଟି କେମିତି ଗଲା, ତା’ ଜାଣିବା ସକାଶେ ପୁଲିସ୍ ଖୋଳତାଡ଼ ଚଳାଇଛି। ଏହି ମାମଲାରେ କ୍ରାଇମ୍ ବ୍ରାଞ୍ଚ୍ ଯଥେଷ୍ଟ ତଥ୍ୟ ପାଇଥିବା ବେଳେ ଏ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ଚାଲିଛି।

### ବୁଣାକାରଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ଖୁସି ଖବର

# ୧୦ ବର୍ଷରେ ସୃଷ୍ଟି ହେବ ୫ ଲକ୍ଷ ନିଯୁକ୍ତି

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଟେକ୍ସଟାଇଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମଜୁରୀ ରିହାତି ମାସକୁ ଏକ ହଜାର ଟଙ୍କା ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଫଳସ୍ୱରୂପ ଏଣିକି ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ବଦଳରେ ୭ ହଜାର ଓ ପୁରୁଷ କର୍ମଚାରୀଙ୍କୁ ୫ ହଜାର ବଦଳରେ ୬ ହଜାର ଟଙ୍କା ମିଳିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ଓଡ଼ିଶା

- ହଜାରେ ଟଙ୍କା ବଢ଼ିଲା ବୁଣାକାରଙ୍କ ମଜୁରୀ ରିହାତି
- ୩୩ ଚୁକ୍ତି ସ୍ୱାକ୍ଷରିତ, ୭,୮୦୮ କୋଟି ନିବେଶ ପ୍ରତିଶ୍ରୁତି
- ଦୁଇ ଟେକ୍ସଟାଇଲ ପାର୍କ ଲୋକାର୍ପିତ
- ସପ୍ତାହରେ ଦିନେ ସରକାରୀ କର୍ମଚାରୀ ପିନ୍ଧନ୍ତୁ ହସ୍ତତନ୍ତ ପୋଷାକ
- ପ୍ରତିବର୍ଷ ଆୟୋଜିତ ହେବ କନ୍‌କ୍ଲେଭ୍

ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ଏହା ଘୋଷଣା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଓ ଭଦ୍ରକରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱିୟର ପାର୍କର ଲୋକାର୍ପଣ ମଧ୍ୟ କରିଛନ୍ତି।

ଏଠାରେ ଅନୁଷ୍ଠିତ ‘ଓ-ଟେକ୍ସ ୨୦୨୫’ ରାଜ୍ୟର



ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ୍ ହୋଇଥିବା ବେଳେ ଏଥିରେ ୧୬୦ରୁ ଅଧିକ ବୃହତ ଓ ନୂତନ ଉଦ୍ୟୋଗୀ ଯୋଗଦେଇଥିଲେ। ବିଶ୍ୱର ନାମୀଦାମୀ ବ୍ରାଣ୍ଡ ପେଜ୍ ଇଣ୍ଡଷ୍ଟ୍ରିଜ୍, ଫାଷ୍ଟ୍ ଷ୍ଟେପ୍ ବେବି ୱିୟର୍, କେପିଆର୍ ମିଲ୍ସ, ସ୍ପୋର୍ଟକିଙ୍ଗ୍, ଆଦର୍ଶ ନିଟ୍‌ୱିୟର୍, ଅନୁଭବ ଆପାରେଲ୍ସ, ବନ୍ ଏଣ୍ଡ୍ କୋ ଏଣ୍ଡ୍ ବିଏଲ୍ ପ୍ରମୁଖ ଏହି କନ୍‌କ୍ଲେଭ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିସହ ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ମଧ୍ୟ ଉପସ୍ଥିତ ଥିଲେ। ଏହା ପୂର୍ବ ଭାରତର ସର୍ବବୃହତ ଟେକ୍ସଟାଇଲ କନ୍‌କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହରେ ଅତି କମ୍‌ରେ ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। କନ୍‌କ୍ଲେଭ୍‌ରେ ମୋଟ୍ ୩୩ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରତିଶ୍ରୁତି ମିଳିଛି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ପ୍ରତିବର୍ଷ ଏହି କନକ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡ଼ିଶାର ବସ୍ତ୍ର ଶିଳ୍ପ ବହୁ ପ୍ରାଚୀନ। ଆମ ସଂସ୍କୃତି ଓ ପରମ୍ପରା ସହ ଆମ ପୋଷାକ ଓ ପରିଧାନ ଜଡ଼ିତ। ପଶ୍ଚିମ ଓଡ଼ିଶାର ପାରମ୍ପରିକ ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା, ବ୍ରହ୍ମପୁରର ରେଶମ, ଗଜପତି, କେନ୍ଦୁଝରର ଟସର ଓ ମାଣିଆବନ୍ଧ ସୂକ୍ଷ୍ମକଳାର ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସମସ୍ତ ପୋଷାକର ପ୍ରଚାର ପ୍ରସାର ମାଧ୍ୟମରେ ଓଡ଼ିଶାକୁ ଟେକ୍ସଟାଇଲ ହବ୍ ଭାବେ ପ୍ରତିଷ୍ଠା ➪ପୃଷ୍ଠା-୬

### ସତର୍କ କରାଇଲା ଜଳ ସମ୍ପଦ ବିଭାଗ

## ଆଜିଠୁ ବଢ଼ିବ ନଦୀ ଜଳ ସ୍ତର




**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ହେଉଥିବାରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ଆଜି ଜଳ ସମ୍ପଦ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ବର୍ଷା ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ପ୍ରମୁଖ ନଦୀଗୁଡ଼ିକରେ ଜଳ ସ୍ତର ବୃଦ୍ଧି ପାଇବ। ଫଳରେ ତଳିଆ ଅଞ୍ଚଳରେ ପାଣି ଜମିବା ନେଇ ସତର୍କ କରିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ଗତକାଲିଠାରୁ ଆଜି ଭିତରେ ୧୫ ଜିଲ୍ଲାର ୪୩ ବ୍ଲକରେ ୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ହୀରାକୁଦର ୧୨ଟି ଗେଟ ଦେଇ ଏବେ ଜଳ ନିଷ୍କାସିତ ହେଉଛି। ବାମପଟରେ ୮ଟି ଓ ଡାହାଣ ପଟରେ ୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରଖିଛି। ଏବେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୦୯ ଘନଫୁଟ ରହିଛି। ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ସମସ୍ତ ➪ପୃଷ୍ଠା-୬

## ଆଉଟସୋର୍ସିଂ ନିଯୁକ୍ତି ଉପରେ ଲାଗିଲା କଟକଣା

- ଅର୍ଥ ବିଭାଗର ବିନା ଅନୁମୋଦନରେ ହେବନି ନିଯୁକ୍ତି
- ନବୀକରଣ ପୂର୍ବରୁ ମଧ୍ୟ ଅନୁମୋଦନ ଜରୁରୀ
- ଆପତ୍ତି ଉଠାଇଲା ଆଉଟସୋର୍ସିଂ କର୍ମଚାରୀ ସଂଘ



**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଆଉଟସୋର୍ସିଂ ନିଯୁକ୍ତି ନେଇ ରାଜ୍ୟ ସରକାର ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଆଉଟସୋର୍ସିଂ ଭିତ୍ତିରେ କର୍ମଚାରୀ ନିଯୁକ୍ତି ପାଇଁ ଅର୍ଥ ବିଭାଗର ପୂର୍ବ ଅନୁମୋଦନ ବାଧ୍ୟତାମୂଳକ। ଏପରି କରି ରାଜ୍ୟ ସରକାର ଠିକା ବା କଣ୍ଟ୍ରାକ୍‌ଚୁଆଲ ନିଯୁକ୍ତି ରୋକିବା ଏବଂ ଆର୍ଥିକ ଅନୁଶାସନ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଅର୍ଥ ବିଭାଗର ଏକ ଚିଠିରେ କୁହାଯାଇଛି ଯେ, ନୂଆ କରି ଆଉଟସୋର୍ସିଂ ନିଯୁକ୍ତି ଆରମ୍ଭ କରିବା ପୂର୍ବରୁ ଔପଚାରିକ ଅନୁମତି ନେବା ଦରକାର। ପୂର୍ବରୁ ଅନୁମୋଦିତ ପଦବୀଗୁଡ଼ିକର ନବୀକରଣ ପାଇଁ ମଧ୍ୟ ଏହି ଅନୁମୋଦନ ଆବଶ୍ୟକ। ଯଦି କୌଣସି ବିଭାଗରେ ପୂର୍ବ ଅନୁମୋଦନ ଥାଏ, ତେବେ ଚୁକ୍ତି ଅବଧି ଶେଷରେ ନବୀକରଣ ପାଇଁ ନୂଆ ଅନୁମତି ନେବାକୁ ପଡ଼ିବ। ପ୍ରାରମ୍ଭିକ ଅନୁମୋଦିତ ସଂଖ୍ୟାଠାରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ଅତିରିକ୍ତ ଅନୁମୋଦନ ଦରକାର ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ ନିଯୁକ୍ତି ବଢ଼ୁଥିବା ଦେଖି ଏହାଉପରେ ଏପରି ➪ପୃଷ୍ଠା-୬

### କେନ୍ଦ୍ର କର୍ମଚାରୀଙ୍କ ପାଇଁ ଖୁସି ଖବର

## ବର୍ଷକୁ ମିଳିବ ୩୦ ଦିନ ସ୍ୱତନ୍ତ୍ର ଛୁଟି

**ନୂଆଦିଲ୍ଲୀ,୨୫।୭:** କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆଜି ଏକ ଖୁସି ଖବର ଆସିଛି। ଏବେ ଏକା ସାଙ୍ଗରେ କୌଣସି କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ୩୦ ଦିନର ଛୁଟି ମିଳିବ। ଏଥିପାଇଁ ବେତନ ମଧ୍ୟ କଟିବ ନାହିଁ। ପରିଣତ ବୟସରେ ପିତାମାତାଙ୍କ ସେବା କରିବାକୁ ଚାହୁଁଥିବା ସରକାରୀ କର୍ମଚାରୀମାନେ ଏକକାଳୀନ ୩୦ ଦିନ ଛୁଟି ନେଇପାରିବେ। ଏହାଛଡ଼ା ଅନ୍ୟ କୌଣସି ବ୍ୟକ୍ତିଗତ



କାରଣ ପାଇଁ ମଧ୍ୟ ଏହି ଛୁଟି ନିଆଯାଇପାରିବ ବୋଲି ଗତକାଲି ରାଜ୍ୟସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ। ଏକ ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ସେବା ନିୟମ ଅନୁଯାୟୀ ୩୦ ଦିନର ଅର୍ଜିତ ଛୁଟି ମିଳିଥାଏ। ଯାହାକୁ ସେମାନେ ଯେକୌଣସି ➪ପୃଷ୍ଠା-୬

## ଡେପୁଟି ରେଞ୍ଜର୍‌ଙ୍କ ଘର କୁବେରପୁରୀ

- ଭିଜିଲାନ୍ସ ଚଢ଼ାଉ ବେଳେ ମିଳିଲା ବ୍ୟାପକ ସମ୍ପତ୍ତି
- ୧.୪୩ କୋଟି ଟଙ୍କା ସହ ଦେଢ଼ କିଲୋ ସୁନା ଜବତ
- ନାଁରେ ଅଛି ୬ ଘର ସହ ୨ ଦାମୀ ପ୍ଲଟ୍
- ବ୍ୟାଙ୍କ୍‌ରେ ୧.୩୨ ଲକ୍ଷ ଜମା ଠାବ

**ଜୟପୁର,୨୫।୭(ସଂଚାର ବ୍ୟୁରୋ):** ଜୟପୁର ଡେପୁଟି ରେଞ୍ଜର୍ ରାମଚନ୍ଦ୍ର ନେପାକଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ତାଙ୍କ ଘରୁ ଯାହା ସବୁ ସାମଗ୍ରୀ ମିଳିଛି, ସେଥିରେ ସମସ୍ତେ ତାଟକା ହୋଇଛନ୍ତି। ଘରୁ ପୁଳା ପୁଳା ଟଙ୍କା ସହ ସୁନା, ଏପରିକି ସୁନା ବିସ୍କୁଟ୍ ମିଳିବା ପରେ କିଛି ସମୟ ପାଇଁ ଭିଜିଲାନ୍ସ ଅଧିକାରୀମାନେ କୌଣସି



କୁବେରପୁରୀରେ ପହଞ୍ଚିଯାଇଥିବା ପରି ଅନୁମାନ କରିଥିଲେ। କାରଣ ଶ୍ରୀ ନେପାକଙ୍କ ଘରୁ ପାଖାପାଖି ୧ କୋଟି ୪୩ ଲକ୍ଷ ଟଙ୍କା ଜବତ ହୋଇଛି। ଏହାଛଡ଼ା ତାଙ୍କ ନାଁରେ ୪ଟି କୋଠା ଓ ୨ଟି ଦାମୀ ପ୍ଲଟ୍ ରହିଥିବା ଚଢ଼ାଉ ସମୟରେ ଜଣାପଡ଼ିଛି।

ଆଜି ସକାଳୁ ଭିଜିଲାନ୍ସର ୬ଟି ଟିମ୍ ଭୁବନେଶ୍ୱର ଓ ଜୟପୁରଠାରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଶ୍ରୀ ନେପାକଙ୍କ ନାଁରେ ଜୟପୁର ସହରରେ ଏକ ୩୬୦୦ ବର୍ଗଫୁଟ ପରିମିତ ୩ ମହଲା କୋଠା, ଭୁବନେଶ୍ୱରର ରଘୁନାଥପୁର ଜାଲିଠାରେ ଏକ ୩ ବିଏଚ୍‌କେ ଫ୍ଲାଟ୍, ଜୟପୁର ସହରରେ ୨ଟି




୨ ବିଏଚ୍‌କେ ଫ୍ଲାଟ୍ ରହିଥିବା ଜଣାପଡ଼ିଥିଲା। ସେହିପରି ଜୟପୁର ସହରରେ ମଧ୍ୟ ତାଙ୍କର ଦୁଇଟି ବେଶ୍ ଉଚ୍ଚ ଦାମ୍ ସମ୍ପନ୍ନ ପ୍ଲଟ୍ ରହିଛି। ସେହିପରି ଜୟପୁର ସହରର ୫୧୯ ନମ୍ବର ପ୍ଲଟ୍‌ରେ ଥିବା ଫ୍ଲାଟ୍‌ରୁ ଭିଜିଲାନ୍ସ କର୍ମଚାରୀମାନେ ଏକ ଗୁପ୍ତ ଟ୍ରେଜେରୀରୁ ନଗଦ ୧ କୋଟି ୩୮ ଲକ୍ଷ ୯୦ ହଜାର ଟଙ୍କା ଜବତ କରିଛନ୍ତି। ପରେ ଅନ୍ୟ ଏକ ଫ୍ଲାଟ୍‌ରୁ ମଧ୍ୟ ନଗଦ ୪ ଲକ୍ଷ ୪୪ ହଜାର ➪ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀ ମାଗିଲେ ରିପୋର୍ଟ କାର୍ଡ

**ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିଜେପି ସରକାରକୁ ଏ ଭିତରେ ୧୪ ମାସ ହେଲାଣି। ସେପଟେ ବିଭିନ୍ନ ଘଟଣା ଦୁର୍ଘଟଣାକୁ ନେଇ କାଠଗଡାରେ ଛିଡା ହୋଇଛନ୍ତି ସରକାର। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ଶାସନ ଓ ପ୍ରଦର୍ଶନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ସହ ବିଭାଗଗୁଡ଼ିକ କିଭଳି କାର୍ଯ୍ୟ କରୁଛନ୍ତି, ତା’ର ତଥ୍ୟ ମଧ୍ୟ ମାଗିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ପଦକ୍ଷେପ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନା କେବଳ ସରକାରଙ୍କ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରାଇବା ଉପରେ ଗୁରୁତ୍ୱ ଦେଇଛନ୍ତି, ବରଂ

### ଆଉ ବସିଲେ ହେବନି, ଉତ୍ତରଦାୟୀ ହେବେ ମନ୍ତ୍ରୀ ଓ ବିଭାଗ

ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ସହ ମନ୍ତ୍ରୀମାନଙ୍କୁ ଉତ୍ତରଦାୟୀ କରିବା ସକାଶେ ମାଗିଛନ୍ତି ରିପୋର୍ଟ କାର୍ଡ। ସବୁ ମନ୍ତ୍ରୀ ଓ ବିଭାଗ ନିର୍ଦ୍ଧାରିତ ଫର୍ମାଟ୍‌ରେ ନିଜର ପରଫର୍ମାନ୍ସ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଦିଲ୍ଲୀରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଏଭଳି ଆଭିମୁଖ୍ୟକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଆରମ୍ଭ ହୋଇଛି।

ମନ୍ତ୍ରୀମାନଙ୍କ କାର୍ଯ୍ୟକଳାପ ଓ ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହେବାର ପ୍ରାଥମିକତାକୁ ମଧ୍ୟ ସୁନିଶ୍ଚିତ କରାଇଥିବା ଜଣାପଡ଼ିଛି। ସମସ୍ତ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସ (ଏପ୍ରିଲ-ମେ’)ରେ ନିଜର ସଫଳତା, ଚ୍ୟାଲେଞ୍ଜ, ଭବିଷ୍ୟତ ଯୋଜନାର ବ୍ୟାପକ ବିବରଣୀକୁ ମନ୍ତ୍ରୀମାନେ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରସ୍ତୁତ କରିବେ। କେବଳ ➪ପୃଷ୍ଠା-୬



### କାନ ଡେରିଥା

ତାଙ୍କ ପୁଲିସଟା ବଦଳିଲା କାଠ
ବିକି ଦେଇ ଜଙ୍ଗଲ ମାଫିଆ
ହାବୁଡ଼ରେ ପଡିଗଲେ
କୋଟି କୋଟି ଟଙ୍କା ଜବତ
ହୋଇଲା
ବାବୁ ପୁରା ସ୍ୱଚ୍ଛ ଥିଲେ
ଲୋଭାଗ୍ରସ୍ତ ବେଶୀ ହେଲେ...
ନିଆଁ ମଝିରେ କ୍ଷୀର ପଶିଯିବ
କ୍ଷୀରଟା ଉତୁରି ଗଲେ ।

■ ଦେବାଶିଷ

## ବିଜେଡି ମାର୍କା ସଂଘ ନେତାଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ୍

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଓଏଏସ୍ ସଂଘର ଛତ୍ରଛାୟା ତଳେ ରହି ମୋହନ ସରକାରକୁ ଅକଳରେ ପକାଉଥିବା ବିଜେଡି ମାର୍କା ବାବୁଙ୍କ ଉପରେ ଆରମ୍ଭ ହୋଇଛି ସର୍ଜିକାଲ ଷ୍ଟ୍ରାଇକ୍। ପ୍ରଥମ ଦଫାରେ ବିଜେଡି ସରକାରରେ ମାମଲତକାର ସାଜିଥିବା ରବୀନ୍ଦ୍ର ସେଠୀଙ୍କୁ କୋରାପୁଟ ବଦଳି କରାଯାଇଥିବା ବେଳେ ଆଗକୁ ଆଉ କିଛି ସର୍ଜିକାଲ ଷ୍ଟ୍ରାଇକ୍ ହେବା ନେଇ ଆଲୋଚନା ଜୋର ଧରିଛି। ଏହାକୁ ନେଇ ସଂଘ ନେତାମାନେ ଛାନିଆ ହୋଇପଡ଼ିଥିବା ବେଳେ କାହା ଉପରେ କେତେବେଳେ ବଦଳି ବୋମା ପଡ଼ିବ, ତାହାକୁ ନେଇ ଅନେକ ଆଶଙ୍କାରେ ଅଛନ୍ତି।



- ସରକାରଙ୍କୁ ଅକଳରେ ପକାଇଥିଲେ
- ଏବେ ହେଲେ ତଡ଼ିପାର

କିଛିଦିନ ତଳେ ବିଏମ୍‌ସି ଦପ୍ତରରେ ଜଣେ ଓଏଏସ୍ ବାବୁଙ୍କୁ କେତେକ ଯୁବକ ଆକ୍ରମଣ କରିଥିଲେ। ଏହି ମାମଲାରେ ତୁରନ୍ତ ପୁଲିସ୍ ପଦକ୍ଷେପ ଗ୍ରହଣ କରି ଆକ୍ରମଣକାରୀଙ୍କୁ ବାନ୍ଧି ଜେଲ୍ ପଠାଇଥିଲା। ହେଲେ ଏହି ଘଟଣାରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ପାଇଁ ଓଏଏସ୍ ସଂଘ ଦାବି କରିଥିଲା। ସଂଘର ନେତାମାନେ ନିଜ ଦାବିରେ ଅଟଳ ରହିବା ସହ ଦାବି ପୂରଣ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ସରକାରଙ୍କର କୌଣସି କଥା ଶୁଣିନଥିଲେ। ଚାପ ସୃଷ୍ଟି କରିବା ଫଳରେ ଶେଷରେ ଜଗନ୍ନାଥ ପ୍ରଧାନ ଗିରଫ ହୋଇଥିଲେ। ଶ୍ରୀ ପ୍ରଧାନ ଗିରଫ ହେବାର କେଇ ମିନିଟ୍ ମଧ୍ୟରେ ସଂଘ ନେତାମାନେ ଖୋଲାଖୋଲି ଭାବେ ଗଣମାଧ୍ୟମକୁ ଆସି ସେମାନଙ୍କ ଦାବି ପୂରଣ ହୋଇଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ଘୋଷଣା କରିଥିଲେ। ତେବେ ଏହି ବିଜେଡି ମାର୍କା ବାବୁମାନେ ନିଜେ ଆନ୍ଦୋଳନକୁ ଓହ୍ଲାଇବା ସହ ଆଉ କିଛି ସଂଘର କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ଉସ୍‌କାଇ ନିଜ ସହ ସାମିଲ କରିଥିଲେ।

ରାଜଧାନୀରେ ଦୀର୍ଘଦିନ ଧରି ଗାଦିମାଡ଼ି ବସିଥିବା ସଂଘ ନେତାମାନେ ସରକାରଙ୍କୁ ଯେଭଳି ଅକଳରେ ପକାଇଲେ, ତାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ତେବେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ଜଣାଗଲା ଯେ ସଂଘ ନେତାଙ୍କ ପଛରେ ରହିଛନ୍ତି ବରିଷ୍ଠ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ। ଅନ୍ୟମାନଙ୍କୁ ସାଙ୍ଗରେ ଧରି ସେ ସଂଘର ବିଭିନ୍ନ ଦାବି ନେଇ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବାର ଫଟୋ ଘୂରି ବୁଲିଥିଲା। ରବୀନ୍ଦ୍ର ହେଉଛନ୍ତି ଯାଜପୁର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ସ୍ୱାମୀ। ଉଭୟ ପତି-ପତ୍ନୀ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥିବା ବେଳେ ଶର୍ମିଷ୍ଠା ଚାକିରି ଛାଡ଼ି ରାଜନୀତି କରିଥିଲେ।

ରବୀନ୍ଦ୍ର ବି ବିଜେଡି ସରକାର ଅମଳରେ ତୃତୀୟ ମହଲାଠାରୁ ଆରମ୍ଭକରି ନବୀନ ନିବାସ ପର୍ଯ୍ୟନ୍ତ ସବୁଠି ନିଜର ଦବଦବା ଜାହିର କରୁଥିଲେ। ଏକଦା ଯାଜପୁରର ଜଣେ ବିଜେଡି ନେତାଙ୍କ ପୋଷ୍ଟର ପ୍ରସ୍ତୁତ କରୁଥିବା ରବୀନ୍ଦ୍ର ବିଜେଡି କ୍ଷମତା କେନ୍ଦ୍ରରେ ଅତ୍ୟନ୍ତ ଶକ୍ତିଶାଳୀ ହୋଇଯାଇଥିଲେ। ହେଲେ ବିଜେଡି କ୍ଷମତାରୁ ହଟିବା ପରେ ରବୀନ୍ଦ୍ର କିନ୍ତୁ ସରକାରୀ ଖୋଳପା ତଳେ ରହି ରାଜନୀତି ଗୋଟି ଚଳାଉଥିଲେ। ଏହି ବିଜେଡି ମାର୍କା ଅଫିସରଙ୍କ ପାଇଁ ସୁଯୋଗ ଆଣି ଦେଇଥିଲା ବିଏମସି ଦପ୍ତରରେ ହୋଇଥିବା ଗଣ୍ଡଗୋଳ। ଉକ୍ତ ଗଣ୍ଡଗୋଳର ସୁଯୋଗ ନେଇ ନିଜର ଆଉ କିଛି ସଂଘ ନେତାଙ୍କୁ ଏକଜୁଟ କରି ରବୀନ୍ଦ୍ର ସରକାରଙ୍କ ବିରୁଦ୍ଧରେ ମେଳି କରିଥିଲେ ଓ ଶେଷରେ ବିଜୟ ଘୋଷଣା କରିଥିଲେ।

ପରିସ୍ଥିତିକୁ ଦେଖି ସେତେବେଳେ ସରକାର ଚୁପ୍ ରହିଥିବା ବେଳେ ନିଶ୍ଚିତ ଭାବେ ସଂଘ ନେତାଙ୍କ ବିରୁଦ୍ଧରେ ଆକ୍ସନ ନେବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ଏହାକୁ ନେଇ ରାଜନୀତି ଗୋଟି ଚଳାଇଥିବା ସଂଘର ସରକାରୀ ବାବୁମାନେ ଆତଙ୍କିତ ହୋଇଢ଼େିବା ସହ ସୁରକ୍ଷା ପାଇଁ ନିଜ ନିଜ ସ୍ତରରେ ଲବି ଚଳାଇଥିଲେ। ହେଲେ ମୋହନ ସରକାର କିନ୍ତୁ ➪ପୃଷ୍ଠା-୬

## ଡ୍ରୋନରେ ମିସାଇଲ୍ ପରୀକ୍ଷଣ ସଫଳ



ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆଉ ଏକ ଉପଲବ୍ଧି

**ହାଇଦ୍ରାବାଦ,୨୫।୭:** ଆନ୍ଧ୍ରପ୍ରଦେଶର କର୍ନୁଲ ଜିଲ୍ଲାରେ ଥିବା ନ୍ୟାସନାଲ ଓପନ ଏୟାର ରେଞ୍ଜ (ଏନ୍‌ଓଏଆର୍) ଟେଷ୍ଟ ରେଞ୍ଜରେ ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଡ୍ରୋନରୁ ଉତକ୍ଷେପିତ ପ୍ରସିଜନ ଗାଇଡେଡ ମିସାଇଲ (ୟୁଏଲ୍‌ପିଜିଏମ୍-ଭି୩)ର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିପାଇଁ ଆଜିର ଦିନଟି ଇତିହାସରେ ଲିପିବଦ୍ଧ ହୋଇ ରହିବ ବୋଲି ମତ ଦେଇଛନ୍ତି ପ୍ରତିରକ୍ଷା ବିଶେଷଜ୍ଞ। ଏହା ଭାରତର ଆଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ଓ ଆତ୍ମନିର୍ଭରଶୀଳ ➪ପୃଷ୍ଠା-୬

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ତେଜ ତନ୍ମୟ ପ୍ରଥମ

**କେନ୍ଦ୍ରାପଡ଼ା,୨୫।୭(ସଂଚାର ବ୍ୟୁରୋ):** ଓଡିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେ ଜାଭିୟର ହାଇସ୍କୁଲର ଛାତ୍ର ତେଜ ତନ୍ମୟ ୨ୟ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ରାପଡା ପାଇଁ ଗୌରବ ଆଣି ଦେଇଛନ୍ତି।




ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ବିଜୟକେତନ ଉପାଧ୍ୟାୟ, ସାହିତ୍ୟ ଏକାଡେମୀର ମୁଖ୍ୟ ସଚିବ ଦେବପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ତେଜ ତନ୍ମୟଙ୍କୁ ମୋମେଣ୍ଟୋ, ପ୍ରମାଣପତ୍ର ଓ ୫ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ସାହିତ୍ୟ ଏକାଡେମୀର ସଭାପତି ଚନ୍ଦ୍ରଶେଖର ହୋତା ସଭାପତିତ୍ୱ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ତନ୍ମୟ ୪ଟି ରାଜ୍ୟ ସ୍ତରୀୟ ପୁରସ୍କାର ପାଇ ସାରିଲେଣି । ତନ୍ମୟ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ସେକେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅୟୋଜିତ ପ୍ରତିଯୋଗିତା ଗୁଡିକରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରି ଆସୁଛନ୍ତି । ଜାଭିୟର ହାଇସ୍କୁଲର ଅଧକ୍ଷ ନିରଞ୍ଜନ ବେହେରା ତନ୍ମୟଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ଶୁଭେଛା ଜଣାଇବା ସହ ତାଙ୍କର ଉତରୋର ଉନ୍ନତି କାମନା କରିଛନ୍ତି ।

## ଅଡୁଆରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ

# ତଦନ୍ତ ପୂର୍ବରୁ ୮୦ ଲକ୍ଷ ବିଲ୍

**ଡେରାବିଶ,୨୫।୭ (ସଂଚାର ବ୍ୟୁରୋ):** ଡେରାବିଶ ଜଳସେଚନ ବିଭାଗ ଅଧିନରେ ଡେରାବିଶ ବ୍ଲକ ଅନ୍ତର୍ଗତ ସଦାନନ୍ଦପୁର (ଗୁଡ଼ିଆ ସହି) ଗୋବରୀ ନଦୀ ଦକ୍ଷିଣ ପାର୍ଶ୍ୱରେ ହୋଇଥିବା ପଥର ପାକିଂ କାର୍ଯ୍ୟରେ ଦେଖିବାକୁ ମିଳିଛି ଅନେକ ଚଞ୍ଚକତା। ନଦୀରେ ବନ୍ୟାଜଳ ପ୍ରବେଶ ଦ୍ୱାରା ଦୁର୍ବଳ ନଦୀବନ୍ଧରୁ ମାଟି ଅତଡା ଖସି ନିକଟସ୍ତ ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ଅନେକ କ୍ଷୟକ୍ଷତି ଘଟାଇ ଥାଏ। ସେଥିପାଇଁ ଜଳସମ୍ପଦ ବିଭାଗ ନଦୀବନ୍ଧ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବା ସହ ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧରେ ପଥର ଖଞ୍ଜା ଯାଇ ନଦୀବନ୍ଧକୁ ସୁଦୃଢ଼ କରାଯାଏ। ଏହି ସ୍ଥିତିରେ ଡେରାବିଶ ବ୍ଲକର ସଦାନନ୍ଦପୁର (ଗୁଡିଆ ସାହି) ଗୋବରୀ ନଦୀବନ୍ଧ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀ ବନ୍ଧ ସୁରକ୍ଷା ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ରେ ଜଳସେଚନ ବିଭାଗ ପକ୍ଷରୁ ୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟବରାଦରେ ଜଣେ ବି-କ୍ଲାସ ଠିକାଦାରଙ୍କୁ ଏହି ନଦୀ ବନ୍ଧରେ ପଥରପାକିଂ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଠିକାଦାର ମନମୁଖୀ ଭାବେ ନିମ୍ନମାନର ଛୋଟ ଛୋଟ (ମେଣ୍ଟାଲ) ପଥର ଲଗାଇ ୭୦ ପ୍ରତିଶତ କାର୍ଯ୍ୟ ସାରିଦେଲେ। ବିଭିନ୍ନ କ୍ଷେତ୍ରରେ ଅଭିଯୋଗ ହେବାର ଖବର ପାଇ ଜଳସେଚନ ବିଭାଗର ଅଧୁକ୍ଷଣ ଯନ୍ତ୍ରୀ ନିଜେ କାର୍ଯ୍ୟସ୍ଥଳରେ ପହଚି ନିମ୍ନମାନର ପଥର ବଦଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସବୁଠୁ ବଡ଼ ଚଞ୍ଚକତାର କଥା ଯେ କାର୍ଯ୍ୟସ୍ଥଳକୁ ନଆସି ବିଭାଗୀୟ ଯନ୍ତ୍ରୀ ଶତପଥ ବାବୁ ପ୍ରାୟ ୮୦ ଲକ୍ଷ ଟଙ୍କାର ବିଲ୍ କରାଇ ଠିକାଦାରକୁ ଧରାଇ ଦେଲେ। ଯାହାଫଳରେ ଏବେ ଖଞ୍ଜା ଯାଇଥିବା ପଥରର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଛି।



ନଦୀରେ ବନ୍ୟାଜଳ ପ୍ରବେଶ ହେବାକୁ ଆରମ୍ଭ ହୋଇଥିବା ବେଳେ ଏହି ପଥର ଗୁଡ଼ିକ ରହିବ କି ଭାସିଯିବ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ । ତେବେ ଏହି ନଦୀବନ୍ଧରେ ନିମ୍ନମାନର ପଥର ପ୍ୟାଟିଂ କାର୍ଯ୍ୟର ତଦନ୍ତ ପୂର୍ବରୁ ଏହାକୁ ନିରୀକ୍ଷଣ ନକରି କିପରି ୮୦ ଲକ୍ଷ ଟଙ୍କାର ବିଲ୍ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ କରାଇଲେ ସେଥିପାଇଁ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

## ବୀମା ପୋଟାଲ ବନ୍ଦ ଯୋଗୁଁ ଫସଲ ବୀମା ପଞ୍ଜିକରଣ ବନ୍ଦ, ଚାଷୀ ହତାଶ

**ପଟ୍ଟାମୁଣ୍ଡାଇ,୨୫।୭ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦେଶର ପ୍ରତ୍ୟେକ ରାଜ୍ୟର କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ସାମିଲ କରିବା ପାଇଁ ପଞ୍ଜିକରଣ କରାଯାଉଛି । ତେବେ ବୀମା ପାଇଁ କୃଷକ ପଞ୍ଜିକରଣ ଶେଷ ସମୟ ସୀମା ଜୁଲାଇ ୩୧ତାରିଖ ବୋଲି ବିଜ୍ଞାପନ ମାଧମରେ ସରକାରୀ ଭାବେ ଜଣାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ଥିବା ଜନସେବା କେନ୍ଦ୍ର ଓ ସମବାୟ ସମିତି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ପଞ୍ଜିକରଣ ନିମନ୍ତେ ବ୍ୟବସ୍ଥା କରାଯାଇଛି । ମାତ୍ର ବୀମା ପଞ୍ଜିକରଣ ପାଇଁ ୱେବ ପୋର୍ଟାଲ ଖୋଲୁନଥିବାରୁ କୃଷକ ପଞ୍ଜିକରଣ ବିଳମ୍ବିତ ହେଉଛି । ଯାହାଫଳରେ ସରକାରୀ ଭାବେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ କୃଷକଙ୍କ ପଞ୍ଜିକରଣ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥି ନେଇ କୃଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିହିତ ପ୍ରତିକାର କରିବା ପାଇଁ ଉତିକଣ ଚାଷୀ ମୁଲିଆ ସଂଘ ଆବାହକ ଭାସ୍କର ରାଉତରାୟ ଦାବୀ କରିଛନ୍ତି।

## ଶ୍ରୀ ସିଦ୍ଧ ବଳଦେଜୀଉଙ୍କ ସୁନାବେଶ ପାଇଁ ପଦକ୍ଷେପ ନେବାକୁ ଦାବି

**କେନ୍ଦ୍ରାପଡା,୨୫।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେଜୀଉଙ୍କ ସୁନାବେଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏକ ଦାବିପତ୍ର ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଉପ ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ବେଶ ପାଇଁ ବହୁ ପରିମାଣର ଅର୍ଥ ଆବଶ୍ୟକ ଥିବାବେଳେ ସେ ସମ୍ବନ୍ଧରେ ସରକାରୀ ଓ ବେସରକାରୀ ସ୍ତରରେ ବିଚାର ଆଲୋଚନା କରାଯାଇ ପଦକ୍ଷପ ନେବାକୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ଏକ ଆଲେଚନା କରଯିବାର ଆବଶ୍ୟକତା ରହିଛି। ପାଣ୍ଠି ସଂଗ୍ରହ ପାଇଁ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଜାତୀୟ କରଣ ବ୍ୟାଙ୍କରେ ଖୋଲାଯାଇ ସର୍ବ ସାଧାରଣଙ୍କ ଠାରୁ ଦାନ ସଂଗ୍ରହ କରାଗଲେ ଏହା ଅଧିକ ଫଳପ୍ରଦ ହୋଇ ପାରିବ । ଏନେଇ ରାଜ୍ୟ ସରକାର ଓ ଦେବୋତର ବିଭାଗ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିରେନ କୁମାର ଦାସ, ରବି ନାରାୟଣ ଦାସ, ଡ଼ଃ ଚୈତନ୍ୟ ଚରଣ ପରିଡ଼ା, ମୃତ୍ୟୁଞ୍ଜୟ ପତି, ଉମାକାନ୍ତ ବଳ, ମନୋଜ କୁମାର ନନ୍ଦ, ହୃଷିକେଶ ସାହୁ, ନିମାଇଁ ଚରଣ କର, ଆଶିଷ ପ୍ରଧାନ, ରବିନ୍ଦ୍ର କୁମାର ସେନାପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏକ ଦାବିପତ୍ର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

## ଭଉଁରିଆ ସେତୁ ଉପରେ ଭାରୀ ଯାନ ଚଳାଚଳ ଉପରେ ପ୍ରତିବନ୍ଧକ



**କାକଟପୁର/ଅସ୍ତରଙ୍ଗ,୨୫।୭ (ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷକ ଯନ୍ତ୍ରୀ ନିମାପଡ଼ାଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବିଚାର କରି, ସୁରକ୍ଷା ଦୃଷ୍ଟିକୋଣରୁ ଅସ୍ତରଙ୍ଗରୁ ପାଟସୁନ୍ଦରପୁର ଓ ନଗର ଯାଇଥିବା ରାସ୍ତାର "ଭଉଁରିଆ ନାଳ (ପୁରୁଣା ସେତୁ) ଏଚଏଲ ସେତୁ" ଉପରେ ଭାରୀ ଯାନବାହାନ ଚଳାଚଳକୁ ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ଶୁକ୍ରବାର ଅପରାହ୍ନରେ ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା, କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡ଼ିଓ,ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ସେତୁର ସ୍ଥିତି ଅନୁଧାନ କରିଥିଲେ। ସାଧାରଣ ଜନତା ସୁରକ୍ଷା ଦୃଷ୍ଟିରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରୁଣା ସେତୁ ଦେଇ ଭାରୀ ଯାନବାହାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ସ୍ଥାନରେ ଆବଶ୍ୟକୀୟ ସାଇନେଜ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ରାସ୍ତା ଉପରେ ପୋଖରୀର ଭ୍ରମ

# ଦୁର୍ଘଟଣାରେ ଖଣ୍ଡିଆଖାବରା ହେଉଛନ୍ତି ଯାତ୍ରୀ

**ମହାକାଳପଡ଼ା,୨୫।୭ (ସଂଚାର ବ୍ୟୁରୋ):** ଢଳେଇ ରାସ୍ତା ଉପରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରିଛି। ଜଳନିଷ୍କାସନ ହୋଇ ନପାରିବାରୁ ନିଇତି ଦୁର୍ଘଟଣାର ଶୀକାର ହେଉଛନ୍ତି ଯାତ୍ରୀ। ବିଭାଗ ତରଫରୁ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି।



### ନାହିରେ ତେଲ ଦେଇ ଶୋଇଛି ପୂର୍ତ୍ତ ବିଭାଗ

ଏମିତି ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମରେ। ଗ୍ରାମର ପୁରୁଣା ଦେବୀ ଘର ନିକଟରେ ଢଳେଇ ଓ ପିଚୁ ରାସ୍ତାର ସଂଯୋଗ ମୁଣ୍ଡରେ ଜମି ରହୁଛି ବର୍ଷା ପାଣି। ରାସ୍ତାର ଦୁଇ ପାର୍ଶ୍ୱ ଉଚ୍ଚ ରହିଥିବା ବେଳେ ଜଳନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରିଛି। ଯେଉଁଥିପାଇଁ ଗ୍ରାମବାସୀ ଭଣ୍ଡାଏ ନର୍ଦ୍ଦମା ପାଣିରେ ପଶି ଯାଆଆସ କରିବାକୁ ବାଧ ହେଉଛନ୍ତି। ମୁଖ୍ୟ ରାସ୍ତା ହୋଇ ଥିବାରୁ ଏହି ରାସ୍ତା ମଧ ଦେଇ ବସ୍, ଟ୍ରକ୍ ଠାରୁ ଆରମ୍ଭ କରି ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି। ପାଣିରେ ରାସ୍ତା ଜଣାପଡୁ ନାହିଁ। ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷ କରି ବାଇକ୍ ଆରୋହୀ ପଡ଼ି କ୍ଷତାକ୍ତ ହେଉଛନ୍ତି। ଏଥିପାଇଁ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ। ଆଉ କେତେ ଦୁର୍ଘଟଣା ଘଟିଲେ ଅଧିକାରୀଙ୍କ ଚେତା ପଶିବ ବୋଲି ଲୋକେ କହିଛନ୍ତି। ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହି ଜଳମଗ୍ନ ସମସ୍ୟାର ସମାଧାନ ନକରାଇଲେ ଗ୍ରାମବାସୀ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା,୨୫।୭(ସଂଚାର ବ୍ୟୁରୋ):** କାରଗିଲ ବିଜୟ ଦିବସ ଉପଲକ୍ଷେ କେନ୍ଦ୍ରାପଡା ବିଜୁ ଜନତା ଦଳ ପକ୍ଷରୁ ଏକ ମହା ରକ୍ତଦାନ ଶିବିର ଅସନ୍ତା ୨୬ ତାରିଖ (ଶନିବାର) କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲ ଠାରେ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ଅଧକ୍ଷତାରେ ଗରାପୁର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ରେ ରକ୍ତର ଅଭାବ ଯୋଗୁ ଥାଲାସେମିଆ ଏବଂ ଅନ୍ୟ ନୟମିତ ରକ୍ତ ନେଉଥିବା ରୋଗୀ ମାନଙ୍କ ରକ୍ତହୀନତା ର ଅଭାବ ପୁରଣ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଅନେକ ସମୟରେ ରୋଗୀମାନେ ରକ୍ତର ଅଭାବ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ପକ୍ଷରୁ କାରଗିଲ ବିଜୟ ଦିବସ ଉପଲକ୍ଷେ ରକ୍ତଦାନ ପାଇଁ ବ୍ୟବସ୍ଥା କରାଯାଇଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ବିଧାୟକ ଶ୍ରୀ ବେହେରାଙ୍କ ସମେତ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଜିଲ୍ଲା ସଭାପତି ଧିରେନ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭୋଳ, ରାଜ୍ୟ ସରପଂଚ ସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ହିବଜୁବୁର ରହେମାନ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବ୍ଲକ ସଭାପତି ଅଲୋକ ସାହୁ, ପ୍ରଭାତ କୁମାର ଉଡାନସିଂହ, ଯଜାତି ମହାନ୍ତି, ସମ୍ବିତ ଶ୍ରୀଚନ୍ଦନ, ମିର ମୁରସିଦ, ରାଜେଶ ମହାନ୍ତିଙ୍କ ସମେତ ବହୁ କାଉନସିଲର ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।



# ଚାଷ ପାଇଁ ଜହର ପାଲଟିଛି ପ୍ଲାଷ୍ଟିକ ଆବର୍ଜନା

**ଡେରାବିଶ,୨୫।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଲୋକମାନେ ପ୍ଲାଷ୍ଟିକ ଜରି ଓ ଅନ୍ୟାନ୍ୟ ଦ୍ରବ୍ୟ ଡଷ୍ଟବିନ୍‌ରେ ନ ପକାଇ ନଦୀ ଓ ନାଳକୁ ଫିଙ୍ଗି ଦେଉଛନ୍ତି। ଯାହାକି ଚାଷଜମି ପାଇଁ ଜହର ପାଲଟିଛି।



ଏହି ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଦ୍ରବ୍ୟ ନଦୀ ଓ ନାଳ ପାଣିରେ ପଡ଼ି ଚାଷଜମିକୁ ଯାଉଛି। ଏହା କ୍ଷେତର ମାଟିରେ ରହି ଫସଲ ଉତ୍ପାଦନ କମାଇବା ସହିତ ମାଟିକୁ ବନ୍ଧ୍ୟା କରିଦେଉଛି। ଏପରିକି ମାଟିତଳେ ପ୍ଲାଷ୍ଟିକର ଆସ୍ତରଣ ସୃଷ୍ଟି ହୋଇ ବର୍ଷା ଜଳକୁ ମାଟି ଭିତରକୁ ଭେଦିବାକୁ ଦେଉନାହିଁ। ଫଳରେ ଧିରେ ଧିରେ ଭୂତଳ ଜଳର ପରିମାଣ ହ୍ରାସ ପାଉଥିବା ପରିବେଶବିତ୍ ମତ ଦେଇଛନ୍ତି। ଏଥିସହିତ ପ୍ଲାଷ୍ଟିକର ପ୍ରଭାବରେ ନଦୀ ନାଳରେ ବିଭିନ୍ନ ସ୍ଥାନରେ ଡ୍ରେନ ଇତ୍ୟାଦି ଜାମ ହୋଇ କୃତ୍ରିମ ବନ୍ୟା କରାଉଛି। ନଦୀ ଓ ନାଳରେ ମାଛ ଏହି ପ୍ଲାଷ୍ଟିକକୁ ଖାଦ୍ୟ ଭାବି ଖାଇଯାଇଛନ୍ତି। ଯହାରା ମାଛ ଦେହରେ ପ୍ଲାଷ୍ଟିକର ଜଣିଳା ଗଳ୍ପିତ ହୋଇ ରହୁଛି। ଯେଉଁ ମାଛକୁ ଆମେ ନଦୀ ନାଳରୁ ଧରି ଖାଉଛେ, ତା' ଶରୀରରେ ଥିବା ପ୍ଲାଷ୍ଟିକ ଆମ ଶରୀରକୁ ପ୍ରବେଶ କରି ମାରାତ୍ମକ ରୋଗ ସୃଷ୍ଟି କରୁଛି।

ତେଣୁ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିଦେବା ଓ ବ୍ୟବହୃତ ପ୍ଲାଷ୍ଟିକକୁ ନଦୀ ନାଳରେ ନ ପକାଇ ଏହାକୁ ସାଇତି ରଖି ପୁନଃଚକ୍ରଣ କରି କାର୍ଯ୍ୟରେ ଲଗାଇବାକୁ ପରିବେଶବିତ୍ ମାନେ ମତ ପ୍ରକାଶ କରିଛନ୍ତି। ନଚେତ୍ ଆଗାମୀ ଦିନରେ ମନୁଷ୍ୟ ସମାଜ ଏହି ପ୍ଲାଷ୍ଟିକ ରୂପକ ବିଷରେ ଜର୍ଜରିତ ହୋଇ ଧ୍ୱଂସ ପାଇଯିବ ବୋଲି ଲୋକ ମତ ଦେଇଛନ୍ତି ।

## ଘରେ ପଶି କଳାକନା ବୁଲାଇଲେ ୩ ମୁଖାଧାରୀ

- ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ନେଇ ଫେରାର
- ଦୁର୍ବୃତ୍ତଙ୍କ ଟେର ପାଉନି ପୁଲିସ

**କାକଟପୁର/ଅସ୍ତରଙ୍ଗ,୨୫।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଚୋରଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ଗାଁ ଠୁ ବଜାର ସବୁଠି କଳାକନା ବୁଲାଉଛନ୍ତି ଚୋର। ଏମିତି ଏକ ଘଟଣା ଘଟିଛି ରସୁଲପୁର ଗ୍ରାମର ସୁଲତାନା ବେଗମ୍ ଘରେ। ଗୁରୁବାର ଭୋର ୩ଘ ୧୦ମିନିଟ ସମୟରେ ୩ ଜଣ ମୁଖାଧାରୀ ଅଚାନକ ପଶି ତାଙ୍କୁ ଆକ୍ରମଣ କରିବା ସହ ସାନପୁଅକୁ ମୁଖାମାରି ଶ୍ୱାସରୁଦ୍ଧ କରିବା ବେଳେ ୧୩ବର୍ଷୀୟ ବଡ଼ ପୁଅ ମା ଓ ସାନ ଭାଇର ଅବସ୍ଥା ଦେଖି ପାଟି କରିବାରୁ ୩ଜଣ ମୁଖାଧାରୀ କିଛି କ୍ଷଣକ ମଧ୍ୟରେ ଘର ଭିତରୁ ଆସବାବ ପତ୍ର ଭାଙ୍ଗି ୧ଲକ୍ଷ ୧୫ହଜାର ଟଙ୍କା, ସୁନା ଚେନ ୨ଭରି, କାନଫୁଲ ୬ଟା (୩ ଭରି ) ନେଇ ଫେରାର ହୋଇଯାଇଥିଲେ। ଏ ଘଟଣା ସମ୍ପର୍କରେ କାକଟପୁର ଥାନାକୁ ଜଣାଇବା ପରେ ଥାନା କେଶ ନମ୍ବର ୧୭୬/୨୫ରେ ମାମଲା ରୁଜୁ କରି ପୋଲିସ ବିଭିନ୍ନ ପାରି ପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତ ଜାରୀ ରଖିଛି।



# ରାସନ କାର୍ଡରେ ନାମ ନଥିବାରୁ ସ୍ୱାସ୍ଥ୍ୟସେବା ପାଉନାହାନ୍ତି ହିତାଧିକାରୀ

## କାର୍ଡରେ ନାମ ସଂଯୋଗ ଦାବି

**କାକଟପୁର/ଅସ୍ତରଙ୍ଗ,୨୫।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନରେ ଥିବା ୧୫ଗୋଟି ପଂଚାୟତରେ ରାସନ କାର୍ଡରେ ନୂଆ ନାମ ସଂଯୋଗ କରିବା ପାଇଁ ହିତାଧିକାରୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ କୌଣସି ପରିବାରରେ ଜନ୍ମ ନେଇଥିବା ପିଲା ମାନଙ୍କୁ ୫ବର୍ଷ ହେବା ପରେ ସେମାନଙ୍କ ନାମ ରାସନ କାର୍ଡରେ ନୂତନ ଭାବେ ସଂଯୋଗ କରାଯିବା କଥା। ହେଲେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଶହ ଶହ ପରିବାରର ଲୋକମାନେ ସେମାନଙ୍କ ପିଲା ମାନଙ୍କ ନାମ କାର୍ଡରେ ସଂଯୋଗ ପାଇଁ ଅପେକ୍ଷା କରି ରହିଥିବା ବେଳେ ଅଦ୍ୟାବିଧି ଗୋଟିଏ ହେଲେ ନାଁ ସଂଯୋଗ ହୋଇ ପାରିନଥିବାରୁ ଏ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ରାସନ କାର୍ଡରେ ନୂଆ ନାମ ସଂଯୋଗ କରିବା ପାଇଁ ବହୁ କାର୍ଡଧାରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାସନ କାର୍ଡ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ମଧ କିଛି ଫଳ ମିଳୁନାହିଁ। ଯେଉଁ ହିତାଧିକାରୀଙ୍କ ନାମ ପଡ଼ିକାର୍ଡରେ ଯୋଗ କରାଯାଇ ପାରୁନାହିଁ ସେମାନେ ରାସନ ସାମଗ୍ରୀ ପାଇ ପାରୁନଥିଲା ବେଳେ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି। ଯେଉଁ ରାସନ କାର୍ଡ ହିତାଧିକାରୀ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପାଇଛନ୍ତି ସେମାନଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ନାମ କାର୍ଡରେ ନାହିଁ, ତେଣୁ ବିଭିନ୍ନ ହସ୍ପିଟାଲରେ ସେମାନଙ୍କ ମାଗଣା ଚିକିତ୍ସା ସେବା ହୋଇ ପାରୁନଥିବା ମଧ ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ବହୁ ଗରିବ ପରିବାରଙ୍କ ନିକଟରେ ଆୟୁଷ୍ମାନ କାର୍ଡ ଥିଲେ ମଧ ଯେଉଁ ମାନଙ୍କର ନାମ କାର୍ଡରେ ନାହିଁ ସେମାନେ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେବାରୁ ସରକାରଙ୍କ ଏହି ଯୋଜନା ଏକ ପ୍ରକାର ବାଟବଣା ହେଉଥିବା ଦେଖାଯାଇଛି।

ତୁରନ୍ତ ନୂତନ ଆବେଦନକାରୀ ମାନଙ୍କୁ ରାସନ କାର୍ଡ ଯୋଗାଇଦେବା ଏବଂ ଯେଉଁ ମାନେ କାର୍ଡରେ ନାମ ସଂଯୋଗ ପାଇଁ ଆବେଦନ କରିଛନ୍ତି ତୁରନ୍ତ ସେମାନଙ୍କର ନାମକୁ ଅନୁମୋଦନ କରିବା ପାଇଁ ଦାବୀ ହୋଇଛି।

## ପାଟନାଳୀ ପୋଲକୁ ନାହିଁ ସଂଯୋଗୀକରଣ ରାସ୍ତା

# ବିପଦ ସଙ୍କୁଳ ଅବସ୍ଥାରେ ପୋଲ ପାର୍ ହେଉଛନ୍ତି ଛାତ୍ରଛାତ୍ରୀ



**ଚାନ୍ଦୋଳ,୨୫।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମ ମଧ ଦେଇ ଯାଇଥିବା ୨୧ ନଂ ପାଟନାଳୀ ଉପରେ କେନ୍ଦ୍ରାପଡ଼ା (ରାସ୍ତା ଓ କୋଠାବାଡ଼ି) ବିଭାଜନ-୨ ପକ୍ଷରୁ ଏଠାରେ ପାଟନାଳୀ ଉପରେ ରହିଥିବା ଅଣଓସାରିଆ ବିପଦସଙ୍କୁଳ ପୋଲକୁ ଭାଙ୍ଗି ଏକ ନୂତନ ପୋଲ ନିର୍ମାଣ କରାଯାଉଛି। ହେଲେ ଦୀର୍ଘ ୧ ମାସ ପୂର୍ବରୁ ଏହି ପୋଲର ନିର୍ମାଣ କାର୍ଯ୍ୟ ଠିକାଦାର ଜଣକ ସାରିଦେଇଥିଲେ ମଧ ଅଦ୍ୟାବଧି ଏହାର ସଂଯୋଗୀକରଣ ରାସ୍ତା ନିର୍ମାଣ କରିନଥିବାରୁ ସ୍ଥାନୀୟ ପ୍ରାୟ ୪ଟି ପଞ୍ଚାୟତବାସୀ ଗମନାଗମନ ନିମନ୍ତେ ନାହିଁନଥିବା ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳିଛି। ତେବେ ସବୁଠାରୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଥକେଇନେଉଳି ନିକଟରେ ରହିଥିବା ଗୋପାଳଜୀଉ ପାଟଣା ପ୍ରାଇମେରୀ ସ୍କୁଲର କୋମଳମତି ଛାତ୍ରଛାତ୍ରୀମାନେ। ବିଦ୍ୟାଳୟଟି ପାଟନାଳୀର ଅପରପାର୍ଶ୍ୱର ରହିଥିବା ବେଳେ ବିଦ୍ୟାଳୟକୁ ଯିବା ଆସିବା କରିବା ନିମନ୍ତେ ସେମାନେ ଏକ ବାଉଁଶ ସିଡ଼ିର ବ୍ୟବହାର କରୁଛନ୍ତି।

ଗତ ମାସକ ତଳେ ପାଟନଳୀରେ ଆଦୌ ପାଣି ନଥିଲା। ଏବେ ଗତ କିଛିଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ସମସ୍ତ ଗହିର ମାନଙ୍କରୁ ପାଣି ନିଷ୍କାସନ ହୋଇ ଏବେ ପାଟନାଳୀ ଫୁଲି ଉଠିଛି। ଯାହା ଫଳରେ ଠିକାଦର ନିର୍ମାଣ କରିଥିବା ଅପ୍ରୋଚ ରୋଡ୍‌ଟି ଏବେ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ଧୋଇ ଯାଇଛି। ଏହି ପୋଲର ଦୁଇ କଡ଼ରେ ନିର୍ମାଣ ହୋଇଥିବା ବାଉଁଶ ଶିଡ଼ିରେ ଚଢ଼ି କୋମଳମତି ଛାତ୍ରଛାତ୍ରୀମାନେ ବଡ଼ ବିପଦ ସଙ୍କୁଳ ଅବସ୍ଥାରେ ପୋଲ ଉପରକୁ ଉଠି ପୁଣି ଆରପଟେ ବାଉଁଶ ଶିଡ଼ିରେ ଓହ୍ଲାଇ ସ୍କୁଲକୁ ଯାଉଛନ୍ତି। ଯଦି ସାମାନ୍ୟ ଅସାବଧାନ ହେବ ତାହେଲେ କଥା ସରିଲା। କୋମଳମତି ପିଲାଟି ପୋଲ ତଳେ ଥିବା ଅଥଳ ପାଣିରେ ପଡ଼ି ବୁଡ଼ିଯିବା ନିଶ୍ଚିତ। ଏ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ମଧ ବିଭାଗୀୟ ଅଧିକାରୀ ନିଦା ବିଷ୍ଣୁ ସାଜି ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରୁନାହାଁନ୍ତି। ତେଣୁ ତୁରନ୍ତ ଏହି ପୋଲର ଆପ୍ରୋଚ ରୋଡ୍ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମାନସିକ ବିକୃତ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କାକଟପୁର/ଅସ୍ତରଙ୍ଗ,୨୫।୭ (ସଂଚାର ବ୍ୟୁରୋ):** ଦେବୀ ନଦୀ ବନ୍ଧ କାକଟପୁର ବାଉରିଆକଣ (ଖମାର)ନିକଟରେ ଶୁକ୍ରବାର ପ୍ରତ୍ୟୁଷରୁ ଏକ ବୃଦ୍ଧଙ୍କ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକ ଦେଖିଥିଲେ। ବୃଦ୍ଧଜଣକ ଏକ ବ୍ଲୁ ରଙ୍ଗର ହ୍ୟାଫ ପ୍ୟାଣ୍ଟ, ଧଳା ରଙ୍ଗର ସାର୍ଟ ଓ ଅଣ୍ଟାରେ ନାଲି ଗାମୁଛା ବାନ୍ଧିଥିବା ବେଳେ ମୃତ ଅବସ୍ଥାରେ ଫଟୋଟି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଲିବା ପରେ ମୃତ ବୃଦ୍ଧଙ୍କ ପରିଚୟ ମିଳିପାରିଥିଲା। ମୃତ ବୃଦ୍ଧଜଣକ ହେଉଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମପଂଚାୟତ ଅଧୀନ ବାଲିପନ୍ତାଳ ଗ୍ରାମର ହରଷ ବେହେରା। ଦୀର୍ଘ ଦିନ ହେବ ମାନସିକ ବିକୃତ ଥିବା ବେଳେ ଅନେକ ସମୟରେ ଚାଲି ଚାଲି ଘରୁ ଯାଇ କାକଟପୁର ମା ମଙ୍ଗଳା ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରିଥାନ୍ତି। ଏହା ସହ ଅନେକ ଦିନ ହେବ ଦେହ ଅସୁସ୍ଥ ଥିବାରୁ ଖାଦ୍ୟ ଖାଇବାରେ କଷ୍ଟ ଅନୁଭବ କରୁଥିଲେ। କିନ୍ତୁ ଗୁରୁବାର ସନ୍ଧ୍ୟାରେ ସେ ଘରୁ କୁଆଡେ ପଳାଇ ଯାଇଥିଲେ। କିନ୍ତୁ ଶୁକ୍ରବାର ସକାଳୁ ତାଙ୍କର ମୃତ୍ୟୁ ଖବର ପାଇଥିଲେ ବୋଲି ହରଷ ବେହେରାଙ୍କ ପୁଅ ଭୋଳାନାଥ ବେହେରା ସୂଚନା ଦେଇଛନ୍ତି।



ଖବର ପାଇ ଘଟଣାସ୍ଥଳରେ କାକଟପୁର ପୁଲିସ ପହଂଚି ଅପମୃତ୍ୟୁ ମାମଲା ୧୪/୨୫ ରୁଜୁ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଛେଦ ପାଇଁ ପଠାଇଛନ୍ତି। କିନ୍ତୁ ମାନସିକ ବିକୃତ ବୃଦ୍ଧ କିପରି ମୃତ୍ୟୁବରଣ କଲେ ତାହା ସ୍ପଷ୍ଟ ଜଣା ପଡ଼ିନାହିଁ।

# ‘ନିକ୍ଷୟ ମିତ୍ର’ ସହ ହାତ ମିଳାଇଲା ବେଦାନ୍ତ

## ୬୩ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର କିଟ୍ ପ୍ରଦାନ




**ସୁନ୍ଦରଗଡ,୨୫।୭(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ଟିବି ରୋଗୀଙ୍କ ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କ ‘ନିକ୍ଷୟ ମିତ୍ର’ କାର୍ଯ୍ୟକ୍ରମ ସହ ହାତ ମିଶାଇଛି। ‘ଟିବିମୁକ୍ତ ଭାରତ ଅଭିଯାନ’କୁ ସମର୍ଥନ ଉଦ୍ଦେଶ୍ୟରେ କମ୍ପାନୀ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ସହ ମିଶି ୬୩ ଜଣ ଯକ୍ଷ୍ମା ରୋଗୀଙ୍କୁ ବର୍ଷେ ପାଇଁ ପୁଷ୍ଟିକର କିଟ୍ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ଆଶା କର୍ମୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କମ୍ପାନୀର ସମ୍ପ୍ରଦାୟ-କେନ୍ଦ୍ରିତ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ନିକ୍ଷୟ ମିତ୍ର ମାଧ୍ୟମରେ ଆମେ ଏକ ‘ଯକ୍ଷ୍ମାମୁକ୍ତ ଭାରତ’ର ଜାତୀୟ ମିଶନରେ ଅର୍ଥପୂର୍ଣ୍ଣ ଯୋଗଦାନ ପାଇଁ ଲକ୍ଷ୍ୟ ରଖିଛୁ। ପୁଷ୍ଟିକର ସହାୟତା ଟିବି ଆରୋଗ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଆଜି ପର୍ଯ୍ୟନ୍ତ ଆମେ ଝାରସୁଗୁଡା ଓ କଳାହାଣ୍ଡିରେ ୫୫୦ରୁ ଅଧିକ ରୋଗୀଙ୍କୁ ସମର୍ଥନ କରିଛୁ ଏବଂ ଏବେ ଏହି ସେବାକୁ ସୁନ୍ଦରଗଡ଼କୁ ବିସ୍ତାର କରିବାକୁ ଉତ୍ସାହିତ। ଏହା ଦେଶର ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି ବୋଲି ଶ୍ରୀ କୁମାର କହିଛନ୍ତି। ସେହିପରି ସୁନ୍ଦରଗଡ଼ର ସିଡିଏମଓ ଡକ୍ଟର ସୁରେଶ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ ସାଧାରଣତଃ ଦୂରଦୂରାନ୍ତ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏକ ଚ୍ୟାଲେଞ୍ଜ। ଯକ୍ଷ୍ମା ରୋଗୀମାନଙ୍କୁ ଚିକିତ୍ସା ସହ ନିରନ୍ତର ପୁଷ୍ଟିସାର ଆବଶ୍ୟକ ହେଉଥିବା ବେଳେ ବେଦାନ୍ତର ସମର୍ଥନ ଯକ୍ଷ୍ମା ଚିକିତ୍ସା ଫଳାଫଳକୁ ଉନ୍ନତ କରିବ ବୋଲି ଡ. ମହାନ୍ତି କହିଛନ୍ତି।

# ଏସ୍‌ସିବିରେ କାମ କରୁନି ଏମଆର୍‌ଆଇ ମେସିନ୍

## ମରାମତି ପାଇଁ ଚାନ୍ଦା କଲେ କଂଗ୍ରେସ କର୍ମୀ



**କଟକ,୨୫।୭(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରତିଷ୍ଠିତ ସରକାରୀ ହସ୍ପିଟାଲ୍ କଟକର ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଉପରେ ଅଧିକାଂଶ ରାଜ୍ୟବାସୀ ନିର୍ଭର କରୁଥିଲେ ହେଁ ଏଠାରେ ବିଭିନ୍ନ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ବିଭିନ୍ନ ସମୟରେ ଏନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଏହି କ୍ରମରେ ଏସ୍‌ସିବିରେ ଗରିବଗୁରୁବାଙ୍କୁ ଏମ୍‌ଆର୍‌ଆଇ ସୁବିଧା ଯୋଗାଇଦେବା ସକାଶେ ମେସିନ୍ ରହିଥିଲେ ମଧ୍ୟ ଦୀର୍ଘଦିନ ହେବ ଏହା ଅଚଳ ଅବସ୍ଥାରେ ରହିଛି। ଫଳସ୍ୱରୂପ ହସ୍ପିଟାଲ୍‌କୁ ଆସୁଥିବା ରୋଗୀମାନେ ବାହାରେ ଏମ୍‌ଆର୍‌ଆଇ କରିବାକୁ ବାଧ୍ୟ ହେଉଛନ୍ତି। ଫଳତଃ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି ଅବ୍ୟବସ୍ଥା ନେଇ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ କଟକ ଏସ୍‌ସିବିକୁ ଚିକିତ୍ସା ପାଇଁ ଯାଇଥିବା ସମୟରେ ଜଣାପଡ଼ିଥିଲା। ଆଜି କଂଗ୍ରେସ ଦଳର ସଦସ୍ୟମାନେ ଏମ୍‌ଆର୍‌ଆଇ ମେସିନ୍ ମରାମତି ସକାଶେ ଚାନ୍ଦା ଆଦାୟ ମାଧ୍ୟମରେ ପ୍ରତୀକାତ୍ମକ ବିରୋଧ କରିଛନ୍ତି। ସେମାନେ ଏଆଇସିସିର ସଦସ୍ୟ ତଥା ଆଇଏନ୍‌ଟିୟୁସିର ଜାତୀୟ ସମ୍ପାଦକ ମାନସ ଚୌଧୁରୀଙ୍କ ନେତୃତ୍ୱରେ ୫ ହଜାର ଟଙ୍କା ସଂଗ୍ରହ କରି ଏହି ଅର୍ଥ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କୁ ପ୍ରଦାନ କରିଛନ୍ତି। ଏହି ଅର୍ଥରେ ଏମଆର୍‌ଆଇ ମେସିନ୍ ମରାମତି କରି ତୁରନ୍ତ ଗରିବ ଲୋକଙ୍କୁ ଅଯଥା ଖର୍ଚ୍ଚରୁ ରକ୍ଷା କରିବା ସକାଶେ ଶ୍ରୀ ଚୌଧୁରୀ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କୁ ନିବେଦନ କରିଛନ୍ତି। ଏଥିସହ ଭୁବନେଶ୍ୱରରେ ମାଳ ମାଳ ଘରୋଇ ହସ୍ପିଟାଲ୍ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ସରକାରୀ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ବାଛିଥିବାରୁ ଶ୍ରୀ ଚୌଧୁରୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଓଡ଼ିଶା ଚାଷୀଙ୍କୁ ଠକିଦେଲା କୃଷିଧନ ସିଡ୍ସ

**ଭୁବନେଶ୍ୱର, ୨୫।୭ (ସଂଚାର ବ୍ୟୁରୋ) :** ଧୋକା ଦେଲା କୃଷିଧନ ସିଡ୍ସ ପ୍ରାଇଭେଟ୍ ଲିମିଟେଡ୍। ପୁଣେର ଏହି ସଂସ୍ଥା ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ଲୁଟିଛି ବୋଲି ଅଭିଯୋଗ ହୋଇଛି। ଗତ ଖରିଫ ସିଜିନରେ କଳାହାଣ୍ଡି, ବଲାଙ୍ଗିର, ଗଞ୍ଜାମ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଏବଂ ଜଗତସିଂପୁର ଜିଲ୍ଲାରେ ଏହି ସଂସ୍ଥା ସଂସାର ଆଗ୍ରୋପୋଲ୍ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ରିସର୍ଚ୍ଚ ଏବଂ ହାଇବ୍ରିଡ୍ ଧାନ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏଥିରେ ପ୍ରାୟ ୬୦୦ ଚାଷୀ ବିହନ ଉତ୍ପାଦନ କାର୍ଯ୍ୟକ୍ରମରେ ସାମିଲ ଥିଲେ।

କୃଷିଧନ ସିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ରଥମେ ସଂସାର ଆଗ୍ରୋପୋଲ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ପ୍ରତି କିଲୋ ୩୩ ଟଙ୍କା (କୃଷକ ମୂଲ୍ୟ ୩୨ ଟଙ୍କା ଓ ଆୟୋଜକ ପାଇଁ ୧ ଟଙ୍କା)ରେ ଉତ୍ପାଦିତ ଧାନ ବିହନ କ୍ରୟ କରିବାକୁ ରାଜି ହୋଇଥିଲା। ଏଥିପାଇଁ ବିହନ ଦେୟ ପରିଶୋଧ କରିବାର ସମୟ ସୀମା ଫେବୃଆରୀ ୨୦୨୫ ଧାର୍ଯ୍ୟ ହୋଇଥିଲା। ସଂସାର ଆଗ୍ରୋପୋଲ୍ ପ୍ରାଇଭେଟ୍ ଲିମିଟେଡ୍ ଚାଷୀମାନଙ୍କଠାରୁ ପ୍ରାୟ ୧୫ ହଜାର ୭୬୫ କ୍ୱିଣ୍ଟାଲ ଉତ୍ପାଦିତ ଧାନ ବିହନ ସଂଗ୍ରହ କରିଥିଲା ଏବଂ ଏହାକୁ ଛତିଶଗଡ଼ ରାୟପୁରସ୍ଥିତ କୃଷିଧନ ସିଡ୍ସର ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ପଠାଇଥିଲା। ଏହାରି ଭିତରେ କୃଷିଧନ ସିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଫେବୃଆରୀ ୨୦୨୫ ମଧ୍ୟରେ କେବଳ ୩କୋଟି ୯୭ ଲକ୍ଷ ଟଙ୍କା ପ୍ରଦାନ କରିଥିଲା। ବାକି ଥିବା ଟଙ୍କା ପରିଶୋଧ କରିବା



ପାଇଁ ସଂସାର ଆଗ୍ରୋପୋଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବାରମ୍ବାର ଯୋଗାଯୋଗ କରାଯାଇ ଥିଲେ ବି କମ୍ପାନୀ ଧରଛୁଆଁ ଦେଉନି ବୋଲି ଅଭିଯୋଗ ହୋଇଛି। କୃଷିଧନ ସିଡ୍ସ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୁଶୀଲ କରୱା ଏବଂ ଉତ୍ପାଦନ ପରିଚାଳକ ରମେଶ ସିଂହ ରାୱତଙ୍କୁ ଫୋନ୍ କଲ୍, ହ୍ୱାଟ୍ସଆପ୍ ମେସେଜ୍ ଏବଂ ଇମେଲ୍ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ଏପରିକି ଅନେକ ଥର ସେମାନେ ଫୋନ୍ କଲର ଉତ୍ତର ଦେଇନଥିଲେ ବୋଲି ଅଭିଯୋଗ ହୋଇଛି। ଶେଷରେ ସଂସାର ଆଗ୍ରୋପୋଲ ପ୍ରାଇଭେଟ ଲିମିଟେଡ ଏହାର ପରିଚାଳକ ଶ୍ରୀଯୁକ୍ତ ମହାପାତ୍ରଙ୍କୁ କୃଷିଧନ ସିଡ୍ସ ପ୍ରାଇଭେଟ ଲିମିଟେଡର ପୁନେ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ବକେୟା ଦେୟ ଆଦାୟ କରିବାକୁ ପଠାଇଥିଲା। ଶେଷରେ ଗତ ଜୁନ ୩୦ରେ ୯୯ ଲକ୍ଷ ୩୨ ହଜାର ଏବଂ ୩୦ ଲକ୍ଷ ୩୧ ହଜାର ମୂଲ୍ୟର ଦୁଇଟି ଚେକ୍ ଦେଇଥିଲା କମ୍ପାନୀ।

କୃଷିଧନ ସିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଠାରୁ କୌଣସି ଦେୟ ନପାଇବା ପରେ, ସଂସାର ଆଗ୍ରୋପୋଲ୍ ପ୍ରାଇଭେଟ୍ ଲିମିଟେଡ୍ ବକେୟା ଦେୟ ପରିଶୋଧ କରିବା ପାଇଁ ବ୍ୟାଙ୍କରେ ଏଥିରୁ ଗୋଟିଏ ଚେକ୍ ଜମା କରି ଫୋନ୍ କଲ୍, ଇମେଲ୍ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ଏମଡି ଏବଂ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ଚେକ୍ ଜମା ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ପର୍ଯ୍ୟାପ୍ତ ପାଣ୍ଠି ନଥିବାରୁ ଶେଷରେ ଚେକ୍ ବାଉନ୍ସ ହୋଇଗଲା। ଚେକ୍ ବାଉନ୍ସ ହେବା ପରେ ସଂସାର ଆଗ୍ରୋପୋଲ୍ ପ୍ରାଇଭେଟ୍ ଲିମିଟେଡ୍ କୃଷିଧନ ସିଡ୍ସ ପ୍ରାଇଭେଟ୍ ଲିମିଟେଡର ଏମଡି ଏବଂ ପ୍ରଡକ୍ସନ୍ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଛି କିନ୍ତୁ ସେମାନେ ଫୋନ୍ କଲ୍ ଗ୍ରହଣ କରୁନାହାଁନ୍ତି। ଏବେ, ସଂସାର ଆଗ୍ରୋପୋଲ୍ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ଚାଷୀମାନଙ୍କୁ ନ୍ୟାୟ ଦେବା ପାଇଁ କୋର୍ଟର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛି।

- ଚାଷୀଙ୍କଠାରୁ ବିହନ ନେଇ ଦେଉନି ପ୍ରାପ୍ୟ
- କୋର୍ଟର ଦ୍ୱାରସ୍ଥ ହେବ ସଂସାର ଆଗ୍ରୋପୋଲ

## ରାଜଧାନୀରେ ବଢୁଛି ଡେଙ୍ଗୁ ମାସକରେ ୭୪ ଆକ୍ରାନ୍ତ

**ଭୁବନେଶ୍ୱର,୨୫।୭ (ସଂଚାର ବ୍ୟୁରୋ):** ରାଜଧାନୀରେ କାୟା ମେଲାଉଛୁ ଡେଙ୍ଗୁ । ୨୦୨୪ ତୁଳନାରେ ୨୦୨୫ରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ରାଜଧାନୀରେ ବୃଦ୍ଧି ପାଇବାରେ ଲାଗିଛି । ଗତବର୍ଷ ଜୁଲାଇରେ ୨୫ଟି କେସ୍ ଚିହ୍ନଟ ହୋଇଥିବା ବେଳେ, ଚଳିତବର୍ଷ ଜୁନରେ ୫୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜୁନ୍ ୧ ରୁ ୨୪ ତାରିଖ ଭିତରେ ୨ ହଜାର ୪୭୪ ଜଣଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ସେଥିରୁ ୭୪ ଜଣ ଡେଙ୍ଗୁ ଆକ୍ରାନ୍ତ ଥିବା ଜଣାପଡ଼ିଛି। ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲ୍‌କୁ ୩ ରୁ ୪ ଡେଙ୍ଗୁ ରୋଗୀ ଆସୁଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ, ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ୭୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ଚିନ୍ତାଜନକ।

# ସରକାରଙ୍କ ଉପରେ ବର୍ଷିଲେ ସ୍ନାତକୋତ୍ତର ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରଥମ ଓ ବୃହତ୍ତର ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ସମାପ୍ତ କରି ଦୀର୍ଘ ବର୍ଷ ହେବ ଚାକିରି ଆଶାରେ ରହିଛନ୍ତି ଛାତ୍ରଛାତ୍ରୀ। କିନ୍ତୁ ସରକାରଙ୍କ ପକ୍ଷରୁ ଏପରି ଛାତ୍ରଛାତ୍ରୀଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ନା ସ୍ନାତକୋତ୍ତର ପାଠ୍ୟ ସମାପ୍ତ ପରେ ଛାତ୍ରଛାତ୍ରୀଙ୍କୁ ଚାକିରି ମିଳୁଛି ନା ସେମାନଙ୍କ ପାଇଁ ଉଚ୍ଚଶିକ୍ଷା ହାସଲ ସକାଶେ




କୌଣସି ସୁବିଧା ଅଛି। ଓଡ଼ିଆ ଅସ୍ମିତା ରକ୍ଷା କରିବା ସକାଶେ ଗତ ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିବା ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଉଚ୍ଚ ଧରଣର ଗବେଷଣା ଦିଗରେ କୌଣସି ପଦକ୍ଷେପ ନେଇନାହିଁ। ଏବେ ବି ରାଜ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଗବେଷଣା ପାଇଁ କୌଣସି ନିର୍ଦ୍ଦିଷ୍ଟ ସୁବିଧା ନାହିଁ। ଏପରି ସ୍ଥିତିରେ ଦେଶର ଭବିଷ୍ୟତ କିପରି ଗଢ଼ାଯିବ ବୋଲି ପ୍ରଶ୍ନ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ। ଆଜି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ପରିଜା ପାଠାଗାରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଛାତ୍ରଛାତ୍ରୀମାନେ ସରକାରଙ୍କୁ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ନିଯୁକ୍ତି ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଛନ୍ତି।

## ବ୍ୟାପିଲା ବାର୍ଡ ଫ୍ଲୁ

# ମରାଗଲା ୪୦୭ ବତକ

**ଖୋର୍ଦ୍ଧା,୨୫।୭ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଜିଲା ଖୋର୍ଦ୍ଧା ବ୍ଲକ ଜଂକିଆ ମୁଣ୍ଡାଆମ୍ବ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଗତକାଲି ପ୍ରଥମ ଦିନରେ ୪୫୦୭ କୁକୁଡା ମରାଯାଇ ପୋତାଯାଇଛି । ଶୁକ୍ରବାର ଦ୍ୱିତୀୟ ଦିନରେ କୁକୁଡ଼ା ଫାର୍ମ ନିକଟରେ ଥିବା ଏକ ବତକ ଫାର୍ମରେ ୪୦୭ ବତକଙ୍କୁ ମରା ଅଭିଯାନ ଚାଲିଛି। ଆଜି ପଶୁ ଚିକିତ୍ସା ବିଭାଗର ୧୧ଟି ଟିମ ବତକ ମରା ଅଭିଯାନରେ ସାମିଲ ଅଛନ୍ତି। ଜିଲା ପ୍ରାଣୀଧନ ପଶୁ ଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦ ଜନ ସାଧାରଣ ଭୟଭୀତ ନହେବା ପାଇଁ କହିଛନ୍ତି। ଉକ୍ତ ଅଞ୍ଚଳର ଏକ କି.ମି. ପରିଧି ଅଞ୍ଚଳରେ ସର୍ଭେଲାନ୍ସ ରଖାଯାଇଛି।

# ପୁରୀରେ ମହାପ୍ରଭୁଙ୍କ ଶରଣାଶ୍ରିତ ହେଲେ ‘ନବକଳେବର’ ଟିମ୍

**ପୁରୀ,୨୫।୭(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ‘ନବକଳେବର’ ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ ମୁକ୍ତିଲାଭ କରିବାର ୨୧ ଦିନ ପରେ ବି ସବୁଠି ହାଉସଫୁଲ୍ ରହିଛି। ଏହି ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଜଗନ୍ନାଥ ଧାମ ପୁରୀରୁ ଆରମ୍ଭ ହୋଇଥିଲା ଅଡିଓ ରିଲିଜ୍ ମାଧ୍ୟମରେ। ଆଜି ମୁକ୍ତିଲାଭର ୨୧ତମ ଦିନରେ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ଅଭିନେତା ଶ୍ରୀତମ ଦାସ, ଅଭିନେତ୍ରୀ ପିଙ୍କି ପ୍ରଧାନ, ଅଭିନେତା ଅଂଶୁମାନ (କଳାପାହାଡ଼) ଓ ଅଭିନେତା ଶମ୍ଭୁ ଖୁଣ୍ଟିଆ ପ୍ରଭୁଙ୍କ ଶରଣାଶ୍ରିତ ହୋଇ ଧନ୍ୟବାଦ ଅର୍ପଣ କରିଛନ୍ତି। ଚଳଚ୍ଚିତ୍ରର ମାର୍ଗଦର୍ଶକ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କୁ ମଧ୍ୟ



ଟିମ୍ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପୁରୀରୁ ବାହାରି ‘ନବକଳେବର’ ପ୍ରତି ଦର୍ଶକଙ୍କର ଭଲ ପାଇବା ଦେଖି ଟିମ୍ ନୟାଗଡ଼ରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ସମେତ ଅଭିନେତା ଅଭିନେତ୍ରୀ ‘ନବକଳେବର’ର ପୂରା ଟିମ୍ ଦର୍ଶକଙ୍କ ସହ ଏକାଠି ବସି ଚଳଚ୍ଚିତ୍ର ଉପଭୋଗ କରିଥିଲେ।

## ବେଆଇନ ନିର୍ମାଣ ପରିପ୍ରେକ୍ଷୀରେ ଏନ୍‌ଜିଟିଙ୍କ ରାୟ

# ଜଙ୍ଗଲ ଜମିରୁ ହଟିବ ୩ ମହଲା କୋଠା

**ଢେଙ୍କାନାଳ,୨୫।୭(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଲୋ ମୌଜାରେ ଜଙ୍ଗଲ ଜମି କିସମ ଦୁଇରେ ବେଆଇନ ଭାବେ ନିର୍ବାଣ ହୋଇଥିବା ଏକ ୩ ମହଲା ବିଶିଷ୍ଟ କୋଠାକୁ ଉଚ୍ଛେଦ କରିବା ସକାଶେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ନିର୍ଦ୍ଦେଶେ ଦେଇଛନ୍ତି। ସେହିପରି କର୍ତ୍ତବ୍ୟରେ ଅବହେଳା ନେଇ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନାନୁସାରେ, କୁଆଲୋ ମୌଜାରେ ଗ୍ରାମର ଜନୈକ ପ୍ରଭାବଶାଳୀ ବ୍ୟକ୍ତି ଜଙ୍ଗଲ ଦୁଇ କିସମ ଜମି ଉପରେ ଉକ୍ତ କୋଠାଟି ନିର୍ମାଣ କରିଛନ୍ତି। ଏଥିସହ ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସଂରକ୍ଷିତ ଜଙ୍ଗଲ ଜମିରେ ରାସ୍ତା ତିଆରି କରି ଉକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ହୋଟେଲକୁ ଦୈନିକ ଶହ ଶହ ଭାରୀଯାନ ଯିବାଆସିବାର ବ୍ୟବସ୍ଥା କରିଛନ୍ତି। ଏପରିକି ତାଙ୍କ ହୋଟେଲ୍‌କୁ ଯାଉଥିବା ଲୋକଙ୍କ ଗାଡ଼ି ପାର୍କିଂ ପାଇଁ ମଧ୍ୟ ଉକ୍ତ ବ୍ୟକ୍ତି ଜଣଙ୍କ ଗୋଚର ଜମିରେ ପାର୍କିଂସ୍ଥଳ ନିର୍ମାଣ କରି ବ୍ୟବସାୟ ଚଳାଇଆସିଛନ୍ତି। ଏଥିଯୋଗୁଁ ଉକ୍ତ ଜଙ୍ଗଲ ଜମିରେ ଥିବା ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଯାଇଥିବା ବେଳେ ପାଉଁଶ ପକାଇ ରାସ୍ତା କରାଯାଇଥିବା ଯୋଗୁଁ ପରିବେଶ ପ୍ରଦୂଷିତ ହୋଇଆସିଛି।



ଜାତୀୟ ରାଜପଥ ପାର୍ଶ୍ୱରେ ଓ ଜନବସତି ନିକଟରେ ଏହି ଜଙ୍ଗଲଜମି ରହିଥିବା ବେଳେ ଉକ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଏପରି କାର୍ଯ୍ୟର ପରିବେଶ ଉପରେ କୁପ୍ରଭାବ ପଡୁଥିଲା। ଏନେଇ ୟୁଥ ୟୁନାଇଟେଡ଼ ଫର ସଷ୍ଟେନବ୍‌ଲ ଏନଭାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ବାରମ୍ବାର ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏପରିକି ଢେଙ୍କାନାଳ ଜିଲ୍ଲାପାଳ, ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ଉକ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ରାଜନୈତିକ ପତିଆରା କାରଣରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନଥିଲା। ବାରମ୍ବାର ନିରାଶ ହେବା ପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବାଧ୍ୟ ହୋଇ ୟୁଥ ୟୁନାଇଟେଡ଼ ଫର ସଷ୍ଟେନବ୍ଲ୍ୟୁ ଇନଭାରମେଣ୍ଟ ଟ୍ରଷ୍ଟ ତରଫରୁ ଏ ସଂକ୍ରାନ୍ତରେ ଗତ ଫେବୃଆରୀ ୩ ତାରିଖରେ ଏନଜିଟିଙ୍କ ନିକଟରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗକୁ ଗ୍ରହଣ କରି ଏନଜିଟି ଏକ ସ୍ୱତନ୍ତ୍ର ଟିମ ଗଠନ କରି ୪ ସପ୍ତାହ ମଧ୍ୟରେ କ୍ଷେତ୍ର ପରିଦର୍ଶନ ପୂର୍ବକ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶେ ଦେଇଥିଲେ।

# ପୋଷ୍ଟର ଚିରା ନେଇ ମନ୍ତ୍ରୀଙ୍କୁ ଟାର୍ଗେଟ୍ କଲା କଂଗ୍ରେସ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଂଯୋଜକ ରାଜୀବ ପଟ୍ଟନାୟକ ରାଜ୍ୟ ସରକାରଙ୍କ ପ୍ରତିହିଂସାମୂଳକ କାର୍ଯ୍ୟକଳାପକୁ କଡ଼ା ସମାଲୋଚନା କରିବା ସହ ବାଉଁଶବାଡ଼ କାରବାରରେ ପିସି କାରବାର ହୋଇଥିବା ଅଭିଯୋଗ ଆଣିଛନ୍ତି। ବିଜେଡି ସରକାର ଅମଳରେ ବିରୋଧୀ ଭୂମିକା ନିର୍ବାହ କରୁଥିବା ବିଜେପି ତୁମ୍ବିତୋଫାନ କରୁଥିଲେ ହେଁ ଏବେ କ୍ଷମତାକୁ ଆସିବା ପରେ ଏହି ପ୍ରସଙ୍ଗରେ କାହିଁକି ଚୁପ୍ ରହିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ କଂଗ୍ରେସ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ ନିକଟରେ ରାଜଧାନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ସମ୍ପର୍କରେ କିଛି ଆପତ୍ତିଜନକ ଶବ୍ଦ ଲେଖା ଥିବା ଏକ ପୋଷ୍ଟରକୁ କଂଗ୍ରେସ କର୍ମୀମାନେ ହଟାଇ ଦେଇଥିବା ବେଳେ ଜାତୀୟ ସମ୍ପତ୍ତି ନଷ୍ଟ କରାଯାଇଥିବାରୁ



ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଶ୍ରୀ ଦାସଙ୍କୁ ବଦନାମ କରିବା ସକାଶେ ଲଗାଯାଇଥିବା ପୋଷ୍ଟର୍ ହଟିବାର ଆବଶ୍ୟକତା ଥିଲା। ଏପରି ବେନାମୀ ପୋଷ୍ଟର୍ କିଏ ମାରିଲା, ଏହାକୁ କାହିଁକି ବିଏମ୍‌ସି ପକ୍ଷରୁ ହଟାଗଲା ନାହିଁ ବୋଲି ସେ ପ୍ରଶ୍ନ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀମାନଙ୍କୁ ଖୋଜି ବାହାର କରିବା ସକାଶେ ଦାବି କରିଛନ୍ତି। ଏଥିସହ ପୋକରା ବାଉଁଶ କାରବାରରେ କେତେ ଟଙ୍କାର ପିସି କାରବାର ହୋଇଛି, ସେନେଇ ମନ୍ତ୍ରୀ ଡ. ମହାପାତ୍ର ଅଡିଟ୍ ରିପୋର୍ଟ ଦେବା ସକାଶେ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ସେହିପରି ରାଜ୍ୟରେ ଦିନକୁ ଦିନ ନାରୀମାନଙ୍କ ପ୍ରତି ଅତ୍ୟାଚାର ଘଟଣା ବଢୁଥିବା ବେଳେ ତାକୁ ରୋକିବା ଦିଗରେ ସରକାର ପଦକ୍ଷେପ ନ ନେଇ କଂଗ୍ରେସ ବିରୋଧରେ ଆକ୍ରୋଶମୂଳକ ପଦକ୍ଷେପ କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ପିସିସି ସଭାପତିଙ୍କ ଆହ୍ୱାନରେ ଆଗାମୀ ଦିନରେ ରାଜ୍ୟରେ ନାରୀମାନଙ୍କୁ ନ୍ୟାୟ ଦେବା ସକାଶେ କଂଗ୍ରେସ ତା’’ର ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ ଦୋହରାଇଛନ୍ତି।

ସେହିପରି ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଯେ ନିକଟରେ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଏକାଦଶାହକୁ କଂଗ୍ରେସ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇ ଏ ସଂକ୍ରାନ୍ତରେ ଏକ ପୋଷ୍ଟର୍ ବାଣୀବିହାରରେ ଲଗାଇଥିଲା। କିନ୍ତୁ ଉକ୍ତ ପୋଷ୍ଟରକୁ କୌଣସି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ଚିରି ଦେଇଥିବା ବେଳେ ଉକ୍ତ ପୋଷ୍ଟର୍ ନିକଟରେ ଲାଗିଥିବା ସରକାରୀ ପୋଷ୍ଟର୍ ଅକ୍ଷତ ଥିବା ପକ୍ଷପାତ ରାଜନୀତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ତେଣୁ ନଗର ଉନ୍ନୟନ ମନ୍ତ୍ରୀ ଉକ୍ତ ଦୁର୍ବୃତ୍ତମାନଙ୍କୁ ଖୋଜି ବାହାର କରିବା ସହିତ ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ସକାଶେ ସେ ଦାବି କରିଛନ୍ତି।

# ଏସବିଆଇ-କିୟୋରବେ ଶିବିରରେ କେନ୍ଦୁପତ୍ର ତୋଳାଳିଙ୍କୁ ସ୍ୱାସ୍ଥ୍ୟସେବା

**ବଲାଙ୍ଗୀର,୨୫।୭(ସଂଚାର ବ୍ୟୁରୋ):** ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁଲଭ୍ୟ କରିବାକୁ ଏକ ପ୍ରଭାବଶାଳୀ ସହଭାଗୀତାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ), ପ୍ରଧାନ ମୁଖ୍ୟ ବନସଂରକ୍ଷକ, କେନ୍ଦୁଲିଫ୍ ସଂଗଠନ, ସମଗ୍ର ବଲାଙ୍ଗୀର ଓ ବରଗଡ ଜିଲ୍ଲାର କେନ୍ଦୁପତ୍ର ତୋଳାଳିଙ୍କ ନିମନ୍ତେ ଏକାଧିକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆରମ୍ଭ କରିଛନ୍ତି। ଦୁର୍ଗମ ଅଞ୍ଚଳଗୁଡ଼ିକରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମାଧାନ ଉପରେ ଗୁରୁତ୍ୱ ଦେଉଥିବା ଦେଶର ଏକ ଦ୍ରୁତତମ ସ୍ୱାସ୍ଥ୍ୟ-ପ୍ରଯୁକ୍ତି କମ୍ପାନୀ ‘କିୟୋରବେ’ ଏହି ଶିବିରଗୁଡ଼ିକର ଆୟୋଜନ କରିବା ସହ ସେଗୁଡ଼ିକ କାର୍ଯ୍ୟକାରୀ କରୁଛି।

ଏସବିଆଇ ଡୁଡୁକାର ଶାଖା ପରିଚାଳକ ଶ୍ରୀନିବାସ ପଟେଲ, ଏସବିଆଇ ଲୋଇସିଙ୍ଗା ଶାଖା ପରିଚାଳକ ଅରବିନ୍ଦ ବେହେରା, ଏସବିଆଇ ବଲାଙ୍ଗୀର ଆଞ୍ଚଳିକ ଶାଖା ପରିଚାଳକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଲୋଇସିଙ୍ଗାଠାରେ ପ୍ରଥମ ଶିବିର ଆୟୋଜିତ ହୋଇଥିଲା। ଆମର କେନ୍ଦୁପତ୍ର ତୋଳାଳିମାନେ ହେଉଛନ୍ତି ଓଡ଼ିଶା ଜଙ୍ଗଲ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା କେବଳ ଏକ ସେବ ନୁହେଁ ଏହା ଏକ ଦାୟିତ୍ୱ। ଏସ୍‌ବିଆଇ ଏବଂ କିୟୋରବେ ମିଳିତ ଉଦ୍ୟମରେ ଏହି ଉଦ୍ୟମ ସର୍ବାଧିକ ଆବଶ୍ୟକ କରୁଥିବା ଲୋକଙ୍କ ନିକଟରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାକୁ କିଭଳି ପ୍ରତ୍ୟକ୍ଷ ଭାବରେ ପହଞ୍ଚାଯାଇପାରିବ ତାର ସହଭାଗୀ ବ୍ୟବସ୍ଥା ପ୍ରତିଫଳିତ କରୁଛି। ମୁଁ ଏହି ପ୍ରୟାସକୁ ସାଧୁବାଦ ଜଣାଉଛି ଏବଂ ଆଶା କରୁଛି ଏହା ଏହିଭଳି ଅନେକ କଲ୍ୟାଣକାରୀ ସହଯୋଗୀତାକୁ ପ୍ରେରଣା ଦେବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ



ଯୋଗଦେଇଥିବା ବଲାଙ୍ଗୀରର ଆଇଏଫଏସ ଅଫିସର ପ୍ରଦୀପ ମିରାସେ ଉଲ୍ଲେଖ କରିଥିଲେ।

ବର୍ତ୍ତମାନ ସୁଦ୍ଧା ୧୦ ଶିବିରରେ ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇସାରିଛି। ଏହିଭଳି କ୍ରମାନ୍ୱୟରେ ଆହୁରି ୧୮ଟି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପ୍ରତ୍ୟେକ ଶିବିରରେ ୨୬ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇ ଦିଆଯାଉଛି। ଉଚ୍ଚତା, ଓଜନ, ନାଡିର ସ୍ପନ୍ଦନ, ରକ୍ତଚାପ, ଏସ୍‌ପି୪୨, ସିଡିସି, ରକ୍ତ ଶର୍କରା, ଏସଜିଓଟି, କୋଲୋଷ୍ଟେରଲ ଆଦି ପରୀକ୍ଷା ସହ ଲୋକଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଉଛି। ମୋଟ ୨୮ଟି ଶିବିର ଆୟୋଜନ ଯୋଜନା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ଦ୍ୱାରା ୧୦ ହଜାରରୁ ଅଧିକ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ, ଯାହା ସେମାନଙ୍କୁ ଆଦ୍ୟ ରୋଗ ନିରୂପଣ, ଦୀର୍ଘକାଳୀନ ଅସୁସ୍ଥତାର ପରିଚାଳନା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟଯତ୍ନର ନିଃଶୁଳ୍କ ସୁଯୋଗ ଯୋଗାଇଦେବ। ‘କିୟୋରବେ’ ଭାରତରେ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ୱାସ୍ଥ୍ୟ-ପ୍ରଯୁକ୍ତ କମ୍ପାନୀ ଯାହା ଦୁର୍ଗମ ଅଞ୍ଚଳଗୁଡ଼ିକରେ ପ୍ରାଥମିକ ସ୍ୱାସ୍ଥ୍ୟଯତ୍ନ ସମାଧାନ ଯୋଗାଣ ଉପରେ ଗୁରୁତ୍ୱ ଦେଉଛି। ଏହା ଆଂଶିକ ସେବା ଡିଜିଟାଲ ଉପାୟରେ ଏବଂ କିଛି ଅଂଶ ଶାରୀରିକ ଉପସ୍ଥିତିରେ ଯୋଗାଇଦେଇ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକଙ୍କୁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେଉଛି । କମ୍ପାନୀ ଉଭୟ ପ୍ରଯୁକ୍ତି ଏବଂ ମାଇକ୍ରୋ ସାଟେଲାଇଟ ସେଣ୍ଟରଗୁଡ଼ିକର ନେଟ୍‌ୱାର୍କକୁ ବ୍ୟବହାର କରୁଛି ଯାହା ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଣକାରୀଙ୍କୁ ଏହାର ପ୍ଲାଟଫର୍ମରେ ଅଂଶଗ୍ରହଣ କରିବା ଓ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ସୁବିଧା ପାଇବାରେ ସହଯୋଗ କରୁଛି।




# ମେଟ୍ରୋ ପ୍ରକଳ୍ପ ନେଇ ସରକାରଙ୍କୁ ଘେରିଲା ବିଜେଡି




**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ବିଜେଡି ସରକାର ଅମଳରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତି ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଦଳ ପକ୍ଷରୁ ଜାରି ଏକ ବିବୃତିରେ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହା ଯୋଗୁଁ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି' କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜ୍ୟ ସହର ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତି ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି କହିଛନ୍ତି। କିନ୍ତୁ ବିଜେଡି ସରକାର ସମୟରେ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକତା ନ ଥିଲା। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଭିନ୍ନ ଭିନ୍ନ ବକ୍ତବ୍ୟ ରଖୁଛନ୍ତି। ଏହି ପ୍ରକଳ୍ପକୁ ସମ୍ପ୍ରସାରଣ କରାଯିବ ଓ ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଏହି ପ୍ରକଳ୍ପ ଏଲିଭେଟେଡ୍ ଷ୍ଟ୍ରକ୍ଚରରେ ଅର୍ଥାତ ମାଟି ଉପରେ ନିର୍ମିତ ହେବ ବୋଲି ବକ୍ତବ୍ୟ ଦେଇଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏହା ମାଟି ତଳେ ଯିବ ବୋଲି କହିଛନ୍ତି। ଯଦି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବେ, ତା’ହେଲେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକତା ନାହିଁ। ଏଥିରୁ ସ୍ପଷ୍ଟ ଯେ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

### ବିଏଆର୍‌ସିର ୬୮ତମ ସ୍ନାତକୋତ୍ତର ସମାରୋହ

## ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



**ନୂଆଦିଲ୍ଲୀ,୨୫।୭:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର ଆଜି ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆରସି) ତାଲିମ ବିଦ୍ୟାଳୟରେ ୬୮ତମ ସ୍ନାତକୋତ୍ତର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ବୈଜ୍ଞାନିକ ଓ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଡକ୍ଟର ମିଶ୍ର ବିଏଆରସିର ଐତିହ୍ୟ ଓ ଡକ୍ଟର ହୋମି ଜାହାଙ୍ଗୀର ଭାବାଙ୍କ ଦୃଷ୍ଟିକୋଣ ଉପରେ ସୂଚନା ଦେବା ସହ ଅନୁଷ୍ଠାନର ତାଲିମ ଉତ୍କର୍ଷତା ଓ ଭାରତର ବିକାଶରେ ଅବଦାନ ପାଇଁ ଏହାକୁ ପ୍ରଶଂସା କରିଥିଲେ। ସେ ଆଭ୍ୟନ୍ତରୀଣ ପରିବର୍ତ୍ତନ ଓ ପରିବର୍ତ୍ତନଶୀଳ ଅନ୍ତର୍ଜାତୀୟ ଗତିଶୀଳତା ଦ୍ୱାରା ଚାଳିତ ଭାରତର ବିଶ୍ୱସ୍ତରୀୟ ଅଭିବୃଦ୍ଧି ଉପରେ ଆଲୋକପାତ କରିବା ସହ ଯୁବ ଜନସଂଖ୍ୟା, ଭିତ୍ତିଭୂମି ବିସ୍ତାର ତଥା ପ୍ରଯୁକ୍ତିବିଦ୍ୟା ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଡକ୍ଟର ମିଶ୍ର ୨୦୪୭ରେ ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଏବଂ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ 'ସଂସ୍କାର, କାର୍ଯ୍ୟଦକ୍ଷତା ଓ ରୂପାନ୍ତରଣ'ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏଥିସହ ଡକ୍ଟର ମିଶ୍ର ୧୦୦ରୁ ଅଧିକ ୟୁନିକର୍ଣ୍ଣ ସହ ଭାରତର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍, ୨୦୨୪-୨୫ରେ ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ହେତୁ ୧୮୫ ବିଲିୟନରୁ ଅଧିକ କାରବାର ୟୁପିଆଇରେ କରାଯାଇଛି ଓ ୨୦୩୦ ସୁଦ୍ଧା ୫୦୦ ଜିଡବ୍ଲ୍ୟୁ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ସମେତ ଜଳବାୟୁ ପ୍ରତିବଦ୍ଧତା ଓ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ଭଳି ବହୁ ଜାତୀୟ ସଫଳତାର ଉଦାହରଣ ଦେଇଥିଲେ। ମହାକାଶ କ୍ଷେତ୍ରର ସଫଳ ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରି ଶ୍ରୀ ମିଶ୍ର କହିଥିଲେ ଯେ ସ୍ୱଚ୍ଛ ଶକ୍ତି ଓ ଜାତୀୟ ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ ଗ୍ରହଣ କରାଯାଇଛି।

# ଇନ୍ଦିରାଙ୍କ ରେକର୍ଡ ଭାଙ୍ଗିଲେ ମୋଦି



**ନୂଆଦିଲ୍ଲୀ, ୨୫।୭:** ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡ ଭାଙ୍ଗିଲେ ନରେନ୍ଦ୍ର ମୋଦି । ଭାରତର ଦ୍ୱିତୀୟ ସର୍ବାଧିକ କାଳ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ ଭାବେ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ନିରବଚ୍ଛିନ୍ନ ଭାବେ ୪ ହଜାର ୭୮ ଦିନ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ୪ ହଜାର ୭୭ ଦିନର ନିରବଚ୍ଛିନ୍ନ କାର୍ଯ୍ୟକାଳକୁ ଅତିକ୍ରମ କରିଛନ୍ତି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହୁରୁ ମୋଦିଙ୍କ ଠାରୁ ଅଧିକ ଦିନ କାର୍ଯ୍ୟ କରିଛନ୍ତି । ୧୯୪୭ ରୁ ୧୯୬୪ ମଧ୍ୟରେ ୧୬ ବର୍ଷ ୨୮୬ ଦିନ ବା ଛଅ ହଜାର ୧୩୦ ଦିନ କାର୍ଯ୍ୟ କରିଛନ୍ତି। ମୋଦି ୨୦୧୪ ମସିହା ମେ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ।

୨୦୧୪, ୨୦୧୯ ଓ ୨୦୨୪ ଲୋକସଭା ନିର୍ବାଚନରେ ତିନିଥର ବାଜି ମାରି ଜବାହାରଲାଲ ନେହୁରୁଙ୍କ ସହ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଛନ୍ତି । ଏଥିସହ ଅଣ-କଂଗ୍ରେସ ଦଳରୁ ଦୀର୍ଘ ସମୟ କାର୍ଯ୍ୟ କରିଛନ୍ତି। ୨୦୦୧ ରୁ ୨୦୧୪ ମଧ୍ୟରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି । ରାଜ୍ୟ ଓ କେନ୍ଦ୍ରରେ ୨୪ ବର୍ଷରୁ ଅଧିକ ସମୟ ନିର୍ବାଚିତ ସରକାରର ନେତୃତ୍ୱ ଦେଇଥିବା ଏକମାତ୍ର ନେତା ଭାବେ ପରିଗଣିତ କରାଇଛି। ମୋଦୀଙ୍କ ନେତୃତ୍ୱରେ ଦେଶରେ ଜିଏସଟି, ମେକ୍ ଇନ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ଅଭିଯାନ ଓ ଆୟୁଷ୍ମାନ ଭାରତ ଭଳି ପରିବର୍ତ୍ତନଶୀଳ ଯୋଜନା କାର୍ଯ୍ୟକାରୀ ହୋଇଛି ।

## ମାଗଣାରେ ବସ୍ ଯାତ୍ରା କରିବେ ମହିଳା



**ଅମରାବତୀ,୨୫।୭:** ୧୫ ଅଗଷ୍ଟ ୨୦୨୫ ଠାରୁ ରାଜ୍ୟବ୍ୟାପୀ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି ଆନ୍ଧ୍ର ପ୍ରଦେଶ ସରକାର । ଏନେଇ ଆନ୍ଧ୍ର ପ୍ରଦେଶ ପରିବହନ ମନ୍ତ୍ରୀ ମଣ୍ଡିପାଲି ରାମପ୍ରସାଦ ରେଡ୍ଡୀ ସୂଚନା ଦେଇ କହିଛନ୍ତି, ଏହି ପଦକ୍ଷେପ ଆନ୍ଧ୍ର ପ୍ରଦେଶରେ ଆମର ମହାନ ବିଜୟରେ ଆମକୁ ସମର୍ଥନ କରିଥିବା ମହିଳାମାନଙ୍କ ପ୍ରତି କୃତଜ୍ଞତାର ପ୍ରତୀକ। ଆମେ ଏହି ଯୋଜନାକୁ ରାଜ୍ୟର ସମସ୍ତ ମହିଳାମାନଙ୍କ ନିକଟରେ ପହଞ୍ଚାଇ ଖୁସି। ଯେଉଁମାନେ ଆମର ସଫଳତାରେ ଅବଦାନ ରଖିଛନ୍ତି ସେମାନଙ୍କୁ ପ୍ରତିଦାନ ଦେବାକୁ ଆମେ ପ୍ରତିବଦ୍ଧ। ପରିବହନ ମନ୍ତ୍ରୀ କହିଛନ୍ତି , ଏହି ସେବା ସମସ୍ତ ପଲ୍ଲେ- ବେଲୁଗୁ, ଲଗଜରୀ ଏବଂ ଅଲ୍ଟ୍ରା-ଲଗଜରୀ ବସରେ ଉପଲବ୍ଧ ହେବ, ଯାହା ସାରା ରାଜ୍ୟରେ ସର୍ବାଧିକ କଭରେଜ ପ୍ରଦାନ କରିବ।ଅଗଷ୍ଟ ୧୫ ରେ ଆରମ୍ଭ ହେବାକୁ ଥିବା ଏହି ଯୋଜନା, ମେ ୨୦୨୪ ନିର୍ବାଚନ ପୂର୍ବରୁ ତେଲୁଗୁ ଦେଶମ ପାର୍ଟି ସରକାର ଦ୍ୱାରା ଦିଆଯାଇଥିବା ନିର୍ବାଚନୀ ସୁପର ସିକ୍ସ ଗ୍ୟାରେଣ୍ଟିର ଏକ ଅଂଶ। ଆପଣଙ୍କୁ ଜଣାଇ ଦେଉଛୁ ଯେ ତେଲଙ୍ଗାନାର ରେଓ୍ୱନ୍ତ ରେଡ୍ଡୀ ଯୋଜନା ମଧ୍ୟ ସମାନ ନୀତି କାର୍ଯ୍ୟକାରୀ କରିଛି।





## ଭୋଟର ଲିଷ୍ଟରେ ନାମ ନ ଥିଲେ ମିଳିବ ୩୦ ଦିନ ସମୟ

**ପାଟନା,୨୫।୭:** ବିହାରରେ ସଘନ ସଂଶୋଧନ ଅଭିଯାନ (ଏସ୍‌ଆଇଆର୍) ଚାଲିଛି। ନିର୍ବାଚନ କମିଶନ ଏ ସମ୍ପର୍କରେ ଏକ ବଡ଼ ସୂଚନା ଦେଇଛନ୍ତି। ଯଦି କୌଣସି ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଏ, ତେବେ ତାଙ୍କୁ ପୁନର୍ବାର ଯୋଡିବାର ସୁଯୋଗ ମିଳିବ। କମିଶନ ୧ ଅଗଷ୍ଟ, ୨୦୨୫ ରେ ପ୍ରକାଶିତ ହେବାକୁ ଥିବା ଡ୍ରାଫ୍ଟ ଭୋଟର ତାଲିକାରେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ ଜୋରଦାର କରିଛି। ଏଥିପାଇଁ ଭୋଟରମାନଙ୍କୁ ପ୍ରାୟ ଏକ ମାସ ସମୟ ଦିଆଯିବ।ନିର୍ବାଚନ କମିଶନ (ଇଏସ୍‌ଆଇ) କହିଛି ଯେ ଏସ୍‌ଆଇଆର୍ ଆଦେଶର ପୃଷ୍ଠା ୩, ଅନୁଚ୍ଛେଦ ୭(୫) ଅନୁଯାୟୀ, ଯେକୌଣସି ବ୍ୟକ୍ତି କିମ୍ବା ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ୧ ଅଗଷ୍ଟରୁ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଭୋଟର ତାଲିକାରେ ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିପାରିବେ। ବିଏଲ୍‌ଓ କିମ୍ବା ବିଏଲ୍‌ଏରୁ ବାଦ ପଡ଼ିଥିବା ନାମ କିମ୍ବା ଭୁଲରେ କଟାଯାଇଥିବା ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗୋଟିଏ ମାସ ସମୟ ପାଇବେ। ଅଗଷ୍ଟ ୧ ତାରିଖରେ ଡ୍ରାଫ୍ଟ ତାଲିକା ପ୍ରକାଶିତ ହେବା ପରେ, ଯେକୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳ ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ପୃକ୍ତ ଇଆରଓ କିମ୍ବା ଏଇଆରଓଙ୍କ ନିକଟକୁ ଯାଇ ସେପ୍ଟେମ୍ବର ୧, ୨୦୨୫ ସୁଦ୍ଧା ଆପତ୍ତି ଦାଖଲ କରିପାରିବେ। ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ନ ଥିବ, ତେବେ ସେ ଦାବି ଦାଖଲ କରି ଏହାକୁ ପୁନର୍ବାର ଯୋଡିପାରିବେ।

## ବିବାହ ପୂର୍ବରୁ ଏଚ୍‌ଆଇଭି ଟେଷ୍ଟ ବାଧ୍ୟତାମୂଳକ

**ଶିଲଂ,୨୫।୭:** ମେଘାଳୟ ସରକାର ରାଜ୍ୟରେ ବୃଦ୍ଧି ପାଉଥିବା ଏଚ୍‌ଆଇଭି ଏବଂ ଏଡ୍‌ସ ମାମଲା ବିରୋଧରେ କଠୋର ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ଆମପାରେନ ଲିଙ୍ଗଡୋହ ଶୁକ୍ରବାର କହିଛନ୍ତି ଯେ ରାଜ୍ୟରେ ବିବାହ ପୂର୍ବରୁ ଏଚ୍‌ଆଇଭି/ଏଡ୍‌ସ ପରୀକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ସରକାର ଏକ ନୂତନ ଆଇନ ପ୍ରଣୟନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେ କହିଛନ୍ତି ଯେ ଏଚ୍‌ଆଇଭି/ଏଡ୍‌ସ ପ୍ରବଣତା ଦୃଷ୍ଟିରୁ ମେଘାଳୟ ଜାତୀୟ ସ୍ତରରେ ଷଷ୍ଠ ସ୍ଥାନରେ ଅଛି। ଏହାର ବୋଝ ଉତ୍ତର-ପୂର୍ବ ଅଞ୍ଚଳରେ ବହୁତ ଅଧିକ। ଲିଙ୍ଗଡୋହ କହିଛନ୍ତି, 'ଯଦି ଗୋଆ ପରୀକ୍ଷାକୁ ବାଧ୍ୟତାମୂଳକ କରିଛି, ତେବେ ମେଘାଳୟର ନିଜସ୍ୱ ଆଇନ କାହିଁକି ରହିବ ନାହିଁ? ଏହି ଆଇନଗୁଡ଼ିକ ଏକ ବୃହତ ସମ୍ପ୍ରଦାୟକୁ ଲାଭ ପହଞ୍ଚାଇବ।' ସେ ଆହୁରି କହିଛନ୍ତି, 'ରାଜ୍ୟ ଏହି ପ୍ରସଙ୍ଗରେ କଠୋର ପଦକ୍ଷେପ ନେବାକୁ ମାନସିକ ଭାବରେ ପ୍ରସ୍ତୁତ ହେଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ଉପମୁଖ୍ୟମନ୍ତ୍ରୀ ପ୍ରେଷ୍ଟୋନ ଟାଇନସୋଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଯୋଗ ଦେଇଥିଲେ। ସମାଜ କଲ୍ୟାଣ ମନ୍ତ୍ରୀ ପଲ ଲିଙ୍ଗଡୋ ଏବଂ ପୂର୍ବ ଖାସି ହିଲ୍ସ ଜିଲାର ଆଠ ଜଣ ବିଧାୟକ ଏହି ବୈଠକରେ ଯୋଗ ଦେଇଥିଲେ। ଏହାର ଲକ୍ଷ୍ୟ ଥିଲା ମିଶନ ମୋଡ୍ରେ ଏକ ବ୍ୟାପକ ଏଚ୍‌ଆଇଭି/ଏଡ୍‌ସ ନୀତି ପ୍ରସ୍ତୁତ କରିବା। ଏହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଏକ କ୍ୟାବିନେଟ ନୋଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁଯାୟୀ, ସରକାର ଅମଲା ଏବଂ ଡାକ୍ତରୀ ବୃତ୍ତିଗତଙ୍କଠାରୁ ପରାମର୍ଶ ନେଇ କ୍ଷେତ୍ର-ନିର୍ଦ୍ଦିଷ୍ଟ ରଣନୀତି ବିକଶିତ କରିବେ ଏବଂ ଗାରୋ ହିଲ୍ସ ଏବଂ ଜୈଣ୍ଟିଆ ହିଲ୍ସ ଅଞ୍ଚଳରେ ସମାନ ବୈଠକ ଅନୁଷ୍ଠିତ ହେବ।

## ଓଡ଼ିଶାର ୨୮% ଶିଶୁ ଶାରୀରିକ ଅବିକଶିତ



**ନୂଆଦିଲ୍ଲୀ,୨୫।୭:** ଓଡ଼ିଶାର ୬ ବର୍ଷରୁ କମ୍ ପ୍ରାୟ ୨୮ ପ୍ରତିଶତ ଶିଶୁ ଅବିକଶିତ ବା ଶାରୀରିକ ଭାବେ ଦୁର୍ବଳ ହୋଇଥିବାବେଳେ ୧୨ ପ୍ରତିଶତ କୁପୋଷଣର ଶିକାର। ସେହିପରି ଶୂନରୁ ୫ ବର୍ଷ ବୟସ ମଧ୍ୟରେ ୩.୨୧ ପ୍ରତିଶତ ପିଲା ଉଚ୍ଚତା ତୁଳନାରେ ପତଳା ହୋଇଥିବାବେଳେ ୧୧.୬୩ ପ୍ରତିଶତଙ୍କ ଓଜନ ବହୁତ କମ୍ ବୋଲି କେନ୍ଦ୍ର ସରକାରଙ୍କ ଜୁନ୍ ମାସର ପୋଷଣ ଟ୍ରାକର ତଥ୍ୟରୁ ଜଣାପଡ଼ିଛି, ଯାହାକି ଦୀର୍ଘକାଳୀନ କୁପୋଷଣକୁ ସୂଚିତ କରୁଛି। ତେବେ ରାଜ୍ୟ ତୁଳନାରେ ସାରା ଦେଶର ସ୍ଥିତି ଅଧିକ ଚିନ୍ତାଜନକ ରହିଛି। ଏ କ୍ଷେତ୍ରରେ ସମଗ୍ର ଦେଶର ସ୍ଥିତିକୁ ଦେଖିଲେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନାମ ଲେଖାଇଥିବା ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ୩୮.୯% ଶାରୀରିକ ଭାବେ ଦୁର୍ବଳ ଏବଂ ୧୭% କୁପୋଷଣର ଶିକାର। ୫.୨% ପିଲା ଉଚ୍ଚତା ତୁଳନାରେ ପତଳା। ପୋଷଣ ଟ୍ରାକର ହେଉଛି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ ମୋବାଇଲ ଭିତ୍ତିକ ଆପ୍ଲିକେଶନ। ଏଥିରେ ବ୍ୟବହୃତ ପ୍ରଯୁକ୍ତି ପିଲାମାନଙ୍କ ମଧ୍ୟରେ ଶାରୀରିକ ଦୁର୍ବଳ, କୁପୋଷଣ ଏବଂ କମ୍ ଓଜନ ପିଲାଙ୍କୁ ଚିହ୍ନଟ କରିଥାଏ। ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ କୁମାରୀମାନେ ଏହାର ହିତାଧିକାରୀ। ସୁପରଭାଇଜର, ସିଡିପିଓ ଏବଂ ଡିପିଓଙ୍କ ଜରିଆରେ ହିତାଧିକାରୀମାନଙ୍କ ବିକାଶର ପର୍ଯ୍ୟବେକ୍ଷଣ କରାଯିବା ସହ ମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପୋଷଣ ଟ୍ରାକରରୁ ଉପଲବ୍ଧ କମ୍ ଓଜନ ଓ ଅତି ଦୁର୍ବଳ ପିଲାମାନଙ୍କ ସ୍ତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୦ (ଏନ୍‌ଏଫ୍‌ଏଚ୍‌ଏସ୍)ରେ ପୂର୍ବାନୁମାନ କରାଯାଇଥିବା ସ୍ତରଠାରୁ ଯଥେଷ୍ଟ କମ୍। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଶିଶୁ ଅଭିବୃଦ୍ଧି ମାନକ ଅନୁଯାୟୀ, ବିକାଶ ନ ହେବା ଦ୍ୱାରା ପିଲାର ଶାରୀରିକ ଏବଂ ମାନସିକ କ୍ଷତି ଘଟିଥାଏ। ଜଣେ ଅବିକଶିତ ଶିଶୁର ବୟସ ତୁଳନାରେ ଉଚ୍ଚତା କମ୍ ହୋଇଥାଏ, ଉପଯୁକ୍ତ ବିକାଶିତ ହୋଇ ନ ଥାଏ ଏବଂ ବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ସମୟ ବା ଶୈଶବାବସ୍ଥାରେ ଦୀର୍ଘସମୟ କୁପୋଷଣରେ ରହିଥାଏ ବୋଲି ଶିଶୁରୋଗ ବିଶେଷଜ୍ଞମାନେ କହିଛନ୍ତି। ଅଣ୍ଡରୱେଟ୍ ଶିଶୁମାନଙ୍କ ଉଚ୍ଚତା ତୁଳନାରେ ଓଜନ ବହୁତ କମ୍ ହୋଇଥାଏ। ମୁଖ୍ୟତଃ କୁପୋଷଣ ଏବଂ ଅସ୍ୱାସ୍ଥ୍ୟକର ସ୍ଥିତି ପାଇଁ ୫ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ଏହା ଦେଖାଦେଇଥାଏ।

## ବ୍ରିଟେନ ରାଜାଙ୍କୁ ମୋଦିଙ୍କ ଉପହାର

### ମା'ଙ୍କ ନାମରେ ଲଗାଇବାକୁ ଦେଲେ ଗଛ



**ଲଣ୍ଡନ,୨୫।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁନାଇଟେଡ୍ କିଙ୍ଗଡମର ସାଣ୍ଡ୍ରିହୋମ ହାଉସରେ ରାଜା ଚାର୍ଲ୍ସଙ୍କୁ ଭେଟିଥିଲେ । ଏହି ବୈଠକ ଭାରତ ଏବଂ ବ୍ରିଟେନ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାକୁ ପ୍ରୟାସ କରିଥିଲେ । ଏହି ଭେଟ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଥିବା ମୁକ୍ତ ବାଣିଜ ଚୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା । ବ୍ରିଟିଶ ରାଜ ପରିବାର ଏକ୍ସରେ ଏହି ସମ୍ପର୍କରେ ଏକ ପୋଷ୍ଟ କରିଥିଲେ। ଆଜି ଦ୍ୱିପ୍ରହର ସମୟରେ ରାଜା ଚାର୍ଲ୍ସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାଣ୍ଡ୍ରିହୋମ ହାଉସରେ ସାକ୍ଷାତ କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ପରିବେଶ ଅଭିଯାନ ଏକ ଗଛ ମାଙ୍କ ନାମରେ ଉପହାର ଦେଇଥିଲେ । ଏହି ଗଛକୁ ଶରତ ଋତୁରେ ଲଗାଯିବ । ପ୍ରଧାନମନ୍ତ୍ରୀ ମୋଦି ଯେଉଁ ଗଛ ରାଜା ଚାର୍ଲ୍ସଙ୍କୁ ଉପହାରରେ ଦେଇଥିଲେ ସେହି ଗଛ ହେଉଛି ଡେଭିଡିଆ ଇନଭୋଲୁକ୍ରାଟା ସୋନୋମା । ଯାହାକୁ ସୋନମା ଡ୍ରୋଭଟି କୁହାଯାଏ । ଏହାର ସ୍ୱତନ୍ତ୍ରତା ହେଉଛି ଏହି ଗଛରେ ଧଳା ରଙ୍ଗର ପାଖୁଡ଼ା ହୋଇଥାଏ । ଯାହାକି ପବନରେ ଉଡୁଥିବା ରୁମାଲ କିମ୍ବା କପୋତ ଭଳି ଦେଖାଯାଏ । ସାଧାରଣତଃ ଫୁଲଟିଏ ଫୁଟିବାକୁ ୧୫ ରୁ ୨୦ ବର୍ଷ ଲାଗୁଥିବା ସମୟରେ ସୋନୋମା ୨ରୁ ୩ ବର୍ଷ ମଧ୍ୟରେ ଫୁଟିଥାଏ । ତେବେ ଏହି ଅଭିଜାନ ଏକ ଗଛ ମାଙ୍କ ନାମରେ ମୋଦିଙ୍କ ନାମରେ ଆରମ୍ଭ ହୋଇଛି । ଯାହାକି ମାଙ୍କ ନାମରେ ଏକ ଗଛ ଲଗାଇବାକୁ ପ୍ରେରଣା ଦେଇଥାଏ । ଯାହାକି ଏକ ରାଷ୍ଟ୍ରିୟ ଆନ୍ଦୋଳନ ରୂପ ନେଇଛି ।

## ରିଟର୍ଣ୍ଣିଂ ଅଫିସର ଓ ସହାୟକ ଅଧିକାରୀ ନିଯୁକ୍ତ କଲେ ନିର୍ବାଚନ କମିଶନ

**ନୂଆଦିଲ୍ଲୀ,୨୫।୭:** ଦେଶର ଉପରାଷ୍ଟ୍ରପତି ପଦ ପାଇଁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ନିର୍ବାଚନ କମିଶନ ଏକ ପ୍ରମୁଖ ପ୍ରଶାସନିକ ଘୋଷଣା କରିଛନ୍ତି ଏବଂ ନିର୍ବାଚନ ପରିଚାଳନା ପାଇଁ ଜଣେ ରିଟର୍ଣ୍ଣିଂ ଅଫିସର ଏବଂ ଦୁଇଜଣ ସହାୟକ ରିଟର୍ଣ୍ଣିଂ ଅଫିସରଙ୍କୁ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତି ସମ୍ବିଧାନର ଧାରା ୩୨୪ ଏବଂ ରାଷ୍ଟ୍ରପତି-ଉପରାଷ୍ଟ୍ରପତି ନିର୍ବାଚନ ଆଇନ, ୧୯୫୨ ଅନୁଯାୟୀ କରାଯାଇଛି।ପରମ୍ପରା ଅନୁଯାୟୀ ନିର୍ବାଚନ କମିଶନ ଏଥର ରାଜ୍ୟ ସଭାର ମହାସଚିବଙ୍କୁ ରିଟର୍ଣ୍ଣିଂ ଅଫିସର ଭାବରେ ନିଯୁକ୍ତ କରିଛନ୍ତି। ଗତ ଥର ଏହି ଦାୟିତ୍ୱ ଲୋକ ସଭା ସଚିବ ମହାସଚିବଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ସହିତ ପରାମର୍ଶ ଏବଂ ରାଜ୍ୟ ସଭାର ଉପାଧ୍ୟକ୍ଷଙ୍କ ସମ୍ମତି ପରେ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ, କମିଶନ ରାଜ୍ୟ ସଭା ସଚିବାଳୟର ଯୁଗ୍ମ ସଚିବ ଗରିମା ଜୈନ ଏବଂ ନିର୍ଦ୍ଦେଶକ ବିଜୟ କୁମାରଙ୍କୁ ସହାୟକ ରିଟର୍ଣ୍ଣିଂ ଅଫିସର ଭାବରେ ମନୋନୀତ କରିଛନ୍ତି। ଏହି ଉଭୟ ଅଧିକାରୀ ଉପରାଷ୍ଟ୍ରପତି ନିର୍ବାଚନ ୨୦୨୫ ପ୍ରକ୍ରିୟାକୁ ସୁଗମ ଏବଂ ସ୍ୱଚ୍ଛ ଭାବରେ ପରିଚାଳନା କରିବାରେ ରିଟର୍ଣ୍ଣିଂ ଅଫିସରଙ୍କୁ ସହାୟତା କରିବେ। ସୂଚନାଯୋଗ୍ୟ, ନିର୍ବାଚନ କମିଶନଙ୍କ ଏହି ପଦକ୍ଷେପ ପରେ, ନିର୍ବାଚନ ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି।



ଭାରତରେ, ଉପରାଷ୍ଟ୍ରପତି ସଂସଦର ଉଭୟ ଗୃହର ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। ଏହି ନିର୍ବାଚନ ଗୁପ୍ତ ଭୋଟର ବ୍ୟବସ୍ଥା ଅନ୍ତର୍ଗତ ଏକକ ସ୍ଥାନାନ୍ତରଣୀୟ ଭୋଟ ବ୍ୟବସ୍ଥା ଅନୁସାରେ ଅନୁଷ୍ଠିତ ହେଉଛି। ନିର୍ବାଚନ କମିଶନଙ୍କ ଏହି ଘୋଷଣା ରାଜନୈତିକ କରିଡରରେ ହଇଚଇ ସୃଷ୍ଟି କରିବ ବୋଲି ବିଶ୍ୱାସ କରାଯାଉଛି, କାରଣ ଏଥର ଉପରାଷ୍ଟ୍ରପତି ପଦ ପାଇଁ ଅନେକ ନାମ ଆଲୋଚନାରେ ରହିଛି। ନିୟମ ଅନୁଯାୟୀ, ଦେଶର ଉପରାଷ୍ଟ୍ରପତି ତାଙ୍କ ପଦରୁ ଇସ୍ତଫା ଦେବା ପରେ କିମ୍ବା ତାଙ୍କ ସମୟ ସରିବା ପରେ, ନିର୍ବାଚନ କମିଶନ ଆନୁଷ୍ଠାନିକ ଭାବରେ ଏହି ନିର୍ବାଚନ ପରିଚାଳନା କରନ୍ତି। ବିଶେଷ କଥା ହେଉଛି ଏଥିପାଇଁ ନିର୍ବାଚନ ପ୍ରକ୍ରିୟା ୬୦ ଦିନ ମଧ୍ୟରେ ଶେଷ କରିବାକୁ ପଡିବ।

## ୨୦୨୫ ବିଦେଶ ଗସ୍ତ ଖର୍ଚ୍ଚର ଜବାବ ଦେଲେ ସରକାର

**ନୂଆଦିଲ୍ଲୀ,୨୫।୭:** ଗୁରୁବାର (୨୫ ଜୁଲାଇ, ୨୦୨୫) କେନ୍ଦ୍ର ସରକାର ସଂସଦକୁ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୫ ମସିହାରେ ଆମେରିକା ଏବଂ ଫ୍ରାନ୍ସ ସମେତ ପାଞ୍ଚଟି ଦେଶ ଗସ୍ତରେ ୬୭ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିଲା। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ତୃଣମୂଳ କଂଗ୍ରେସ (ଟିଏମସି) ସଦସ୍ୟ ଡେରେକ ଓ'ବ୍ରାଏନଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଚଳିତ ବର୍ଷ ମରିସସ, ସାଇପ୍ରସ, କାନାଡା ଏବଂ କ୍ରୋଏସିଆ, ଘାନା, ତ୍ରିନିଦାଦ ଏବଂ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ ଏବଂ ନାମିବିଆ ଗସ୍ତର ତଥ୍ୟ ଉପଲବ୍ଧ ନାହିଁ। ସିଂହଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଗସ୍ତ ମଧ୍ୟରୁ ସବୁଠାରୁ ମହଙ୍ଗା ଥିଲା ଫ୍ରାନ୍ସ ଗସ୍ତ, ଯେଉଁଥିରେ ୨୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିଲା। ସେହି ସମୟରେ, ୨୦୨୩ ଜୁନ ମାସରେ ତାଙ୍କ ଆମେରିକା ଗସ୍ତରେ ୨୨ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ଚଳିତ ବର୍ଷ ଫେବୃଆରୀ ୧୦-୧୩ ମଧ୍ୟରେ ଫ୍ରାନ୍ସ ଏବଂ ଆମେରିକା ଗସ୍ତ କରିଥିଲେ। ପ୍ୟାରିସରେ ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ ଏବଂ ଏକ 'ଏଆଇ' ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଆମେରିକାରେ, ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ, ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ। ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଫ୍ରାନ୍ସ ଗସ୍ତରେ ୨୫,୫୯,୮୨,୯୦୨ ଟଙ୍କା ଖର୍ଚ୍ଚ ହୋଇଥିଲା, ଯେତେବେଳେ ଆମେରିକା ଗସ୍ତରେ ୧୬,୫୪,୮୪,୩୦୨ ଟଙ୍କା, ଥାଇଲ୍ୟାଣ୍ଡ ଗସ୍ତରେ ୪,୯୨,୮୧,୨୦୮ ଟଙ୍କା, ଶ୍ରୀଲଙ୍କା ଗସ୍ତରେ ୪,୪୬,୨୧,୬୯୦ ଟଙ୍କା ଏବଂ ସାଉଦି ଆରବ ଗସ୍ତରେ ୧୫,୫୪,୦୩,୭୯୨ ଟଙ୍କା ଖର୍ଚ୍ଚ ହୋଇଥିଲା। ତଥ୍ୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୦୨୩ ଇଜିପ୍ଟ ଗସ୍ତ ପାଇଁ ବିଜ୍ଞାପନ ଏବଂ ପ୍ରସାରଣ ପାଇଁ ୧୧.୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ୨୩ରୁ ୨୬ ଜୁଲାଇ ମଧ୍ୟରେ ବ୍ରିଟେନ ଏବଂ ମାଳଦ୍ୱୀପ ଗସ୍ତରେ ଅଛନ୍ତି। ବ୍ରିଟେନରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦି ମାଳଦ୍ୱୀପ ଗସ୍ତରେ ଯାଇଛନ୍ତି। ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦି ଏଠାକୁ ଆସିଛନ୍ତି। ମାଳଦ୍ୱୀପର ରାଷ୍ଟ୍ରପତି ନିଜେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ।

## ଭୁଶୁଡ଼ିଲା ସ୍କୁଲ ଛାତ: ୪ ବିଦ୍ୟାର୍ଥୀ ମୃତ

**ଜୟପୁର,୨୫।୭:** ରାଜସ୍ଥାନର ଝାଲାୱାର ଜିଲ୍ଲାରେ ମନୋହର ଥାନା ଅଞ୍ଚଳର ପିପଲୋଡି ଗାଁରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଠାର ଛାତ ଭୁଶୁଡ଼ି ପଡ଼ିଛି । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ୬ ଜଣ ପିଲାଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ଅନେକ ପିଲା ଭଗ୍ନାବଶେଷ ତଳେ ଚାପି ହୋଇ ରହିଛନ୍ତି । ବର୍ତ୍ତମାନ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି । ଭଗ୍ନାବଶେଷରୁ ପିଲାମାନଙ୍କୁ ବାହାର କରିବା ପାଇଁ ଜେସିବିର ସାହାଯ୍ୟ ନିଆଯାଉଛି ।



ସେହି ସମୟରେ, ଆହତ ପିଲାମାନଙ୍କୁ ମନୋହର ଥାନା ସିଏସସିକୁ ଅଣାଯାଉଛି । ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ ସ୍କୁଲର ଛାତ ଭୁଶୁଡ଼ି ପଡ଼ିଥିଲା, ଯାହା ଫଳରେ ଏହି ଦୁର୍ଘଟଣା ଘଟିଛି । ଏଥି ସହ ଜାଣିରଖନ୍ତୁ ଯେ, ଶୁକ୍ରବାର ଦିନ ପିପଲୋଡି ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଚାଲିଥିଲା । ସକାଳେ ଛାତ୍ରଛାତ୍ରୀମାନେ ପାଠପଢ଼ିବା ପାଇଁ ସ୍କୁଲ ଯାଇଥିଲେ । ଏହି ସମୟରେ ପ୍ରବଳ ବର୍ଷା ହେଉଥିଲା । ବର୍ଷା ଯୋଗୁଁ ସ୍କୁଲର ଛାତ ଭୁଶୁଡ଼ି ପଡ଼ିଥିଲା। ଯଦିଓ ମୃତାହତଙ୍କ ସଠିକ୍ ସଂଖ୍ୟା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ, ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ୬ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି । ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଅଧିକାରୀମାନେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ବିଷୟରେ ସୂଚନା ନେଉଛନ୍ତି ।

# ୨୫ ଅଶ୍ଳୀଳ ଆପ୍‌କୁ ବ୍ୟାନ୍ କଲେ ସରକାର

**ନୂଆଦିଲ୍ଲୀ,୨୫।୭:** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ (MIB) ଏକ ବଡ଼ ନିଷ୍ପତ୍ତି ନେଇ ୨୫ଟି ମୋବାଇଲ ଆପ ଉପରେ କଟକଣା(ବ୍ୟାନ୍) ଲଗାଇଛି। ଏହି ଆପ୍‌ଗୁଡ଼ିକ ଅଶ୍ଳୀଳ ଏବଂ ଆପତ୍ତିଜନକ ବିଷୟବସ୍ତୁ ପ୍ରଚାର କରୁଥିବା ଅଭିଯୋଗ ସହ ଆଇଟି ଆଇନ (IT Act) ଏବଂ ଅନ୍ୟାନ୍ୟ ଆଇନର ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି।




ସରକାରଙ୍କ ମତରେ, ଏହି ଆପ୍‌ଗୁଡ଼ିକ ଡିଜିଟାଲ ପ୍ଲାଟଫର୍ମରେ ଅଶ୍ଳୀଳ ଓ ଅନୁଚିତ ବିଷୟବସ୍ତୁ ପରିବେଷଣ କରୁଥିଲା, ଯାହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଉଥିଲା। ଏହି ଆପ୍‌ଗୁଡ଼ିକ ବିନା ସେନ୍ସର କିମ୍ବା ନିୟନ୍ତ୍ରଣରେ ଚାଲୁଥିଲା, ଯାହା ଆଇଟି ଆଇନ ୨୦୦୦ ଏବଂ ଅନ୍ୟାନ୍ୟ ସାଇବର ଆଇନର ଉଲ୍ଲଂଘନ କରୁଥିଲା।

ବ୍ୟାନ ହୋଇଥିବା ଆପ୍‌ଗୁଡ଼ିକ ହେଉଛି: ALTT, ULLU, Big Shots App, Desiflix, Boomex, Navarasa Lite, Gulab App, Kangan App, Bull App, Jalva App, Wow Entertainment, Look Entertainment, Hit Prime, Feneo, ShowX, Sol Talkies, Adda TV, HotX VIP, Hulchal App, MoodX, NeonX VIP, ShowHit, Fugi, Mojflix ଏବଂ Triflicks ଏହି ଆପ୍‌ଗୁଡ଼ିକ ଉପରେ ଅଶ୍ଳୀଳ ଭିଡିଓ ଏବଂ ଓବେ ସିରିଜ ପ୍ରଦର୍ଶନ, କମ ବୟସ୍କ ବ୍ୟବହାରକାରୀଙ୍କୁ ଟାର୍ଗେଟ କରିବା, ବୟସ ଯାଞ୍ଚ ବିନା ବିଷୟବସ୍ତୁ ପ୍ରଦାନ, ଡାଟା ସୁରକ୍ଷା ଓ ଗୋପନୀୟତା ନିୟମର ଉଲ୍ଲଂଘନ ଏବଂ ଆଇଟି ଆଇନ ଓ ସୂଚନା ପ୍ରସାରଣ ନିୟମର ଅବମାନନା ଭଳି ଅଭିଯୋଗ ରହିଛି। ଆଜିକାଲି ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବିଷୟବସ୍ତୁ ଅଧିକାଂଶ ଏହିପରି ଅଶ୍ଳୀଳ ସିରିଜରୁ ପ୍ରେରଣା ପାଉଥିବା ଜଣାପଡ଼ିଛି। ଏହା ସହଜରେ ଶିଶୁ ଓ କମ ବୟସ୍କଙ୍କ ପାଖରେ ପହଞ୍ଚୁଥିଲା। ଡିଜିଟାଲ ପ୍ଲାଟଫର୍ମରେ ବିନା ସେନ୍ସରସିପ୍‌ରେ ଅଶ୍ଳୀଳ ଓବେ ସିରିଜ ରିଲିଜ ହେଉଥିଲା। ସମାଜରେ ମାନସିକ ଓ ନୈତିକ ଅବକ୍ଷୟକୁ ରୋକିବା ପାଇଁ ଏହି ପଦକ୍ଷେପ ଜରୁରୀ ହୋଇପଡ଼ିଥିଲା।

ଏହି ଆପ୍‌ଗୁଡ଼ିକୁ ପ୍ଲେ ଷ୍ଟୋର ଏବଂ ଆପ୍ ଷ୍ଟୋରରୁ ହଟାଯିବ। ଯେଉଁ ପ୍ଲାଟଫର୍ମଗୁଡ଼ିକ ଆଇନର ପାଳନ କରୁନାହାନ୍ତି, ସେମାନଙ୍କ ବିରୁଦ୍ଧରେ ଆଗକୁ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରଙ୍କ କହିବା ଅନୁସାରେ, ଡିଜିଟାଲ ଜଗତରେ ସ୍ୱଚ୍ଛ ଓ ସୁସ୍ଥ ବିଷୟବସ୍ତୁକୁ ଅଗ୍ରାଧିକାର ଦିଆଯିବ।

## ମଣିପୁରରେ ଆଉ ୬ ମାସ ରାଷ୍ଟ୍ରପତି ଶାସନ

**ଇମ୍ଫାଲ,୨୫।୭:** ମଣିପୁରରେ ଆଉ ୬ ମାସ ପାଇଁ ବୃଦ୍ଧି ହୋଇଛି ରାଷ୍ଟ୍ରପତି ଶାସନ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଉପରେ ସଂସଦର ମୋହର ବାଜିଛି। ଫେବୃଆରୀ ୧୩ରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ବିଧାନସଭା ଭଙ୍ଗ କରିଥିଲେ । ଦେଶର ଗୋଟିଏ ରାଜ୍ୟରେ ରାଷ୍ଟ୍ରପତି ଶାସନ ପାଇଁ ସଂସଦର ଅନୁମତି ଜରୁରୀ। ପ୍ରତି ୬ ମାସରେ କେନ୍ଦ୍ର ସରକାର ସଂସଦର ଅନୁମତି ନେବା ନିହାତି ଜରୁରୀ ଅଟେ।

## ଫୁଲୁଛି ହିମ ହ୍ରଦ: ବିପଦରେ ୧୦୦ ଡ୍ୟାମ୍



**ନୂଆଦିଲ୍ଲୀ, ୨୫।୭:** ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ଲାସିୟର ତରଳୁଛି ଏବଂ ହିମ ହ୍ରଦ ଫୁଲିବାରେ ଲାଗିଛି। ଏହାର ପ୍ରଭାବରେ ହିମାଳୟର ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନା ବଢ଼ିଛି। ଏହାଫଳରେ ଭାରତର ୫ ରାଜ୍ୟ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ସିକିମ ଏବଂ ଅରୁଣାଚଳ ପ୍ରଦେଶର ୧୦୦ ଡ୍ୟାମ୍ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାନେଇ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ଗତ ସପ୍ତାହରେ ସତର୍କ ସୂଚନା ଜାରି କରାଯାଇଛି। ସମ୍ପ୍ରତି କରାଯାଇଥିବା ବିଭିନ୍ନ ଗବେଷଣା ଅନୁଯାୟୀ, ଭାରତୀୟ ହିମାଳୟରେ ଏବେ ୦.୦୫ ବର୍ଗ କି.ମି. କ୍ଷେତ୍ରଫଳରୁ ବଡ଼ ୩୨୯ଟି ହିମ ହ୍ରଦ ରହିଛି। ୧୯୯୦ ତୁଳନାରେ ଏହି ହିମ ହ୍ରଦଗୁଡ଼ିକର କ୍ଷେତ୍ରଫଳ ପ୍ରାୟ ୭୦% ବଢ଼ିଯାଇଛି। ଭାରତରେ ୬ ହଜାର ବଡ଼ ଡ୍ୟାମ୍ ରହିଛି। ବଡ଼ ଡ୍ୟାମ୍ ଥିବା ଦେଶ ତାଲିକାରେ ବୈଶ୍ୱିକ ସ୍ତରରେ ଭାରତ ତୃତୀୟ ସ୍ଥାନରେ ରହିଛି। ହିମ ହ୍ରଦରେ ପ୍ରଳୟଙ୍କାରୀ ବନ୍ୟାର ବିନାଶକାରୀ ପରିଣାମ ଭାରତ ପୂର୍ବରୁ ମଧ୍ୟ ଅନୁଭବ କରି ସାରିଛି ବୋଲି ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି।

ଫିଡ଼େ ମହିଳା ଚେସ୍ ବିଶ୍ୱକପ

# ଭାରତ ସହ ଭାରତର ହେବ ଟକ୍କର, ହମ୍ପି-ଦିବ୍ୟା ଫାଇନାଲ୍



**ନୂଆଦିଲ୍ଲୀ,୨୫।୭:** ଜର୍ଜିଆର ବାତୁମି ଠାରେ ଚାଲିଥିବା ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଫାଇନାଲ୍‌ରେ ଦିବ୍ୟା ଦେଶମୁଖଙ୍କ ପରେ କୋନେରୁ ହମ୍ପି ଏଣ୍ଟ୍ରୀ କରିଛନ୍ତି । ଏହା ସହିତ ଆଗାମୀ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି । ଫିଡ଼େ ମହିଳା ଚେସ୍ ବିଶ୍ୱକପରେ ହମ୍ପି ବନାମ ଦିବ୍ୟାଙ୍କ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଭାରତ ସହ ଭାରତର ହେବ ଟକ୍କର । ପ୍ରଥମ ଥର ପାଇଁ ୨ ଜଣ ଭାରତୀୟଙ୍କ ମଧ୍ୟରେ ଟ୍ରଫି ଲଢେଇ ହେବ । ଡବ୍ଲ୍ୟୁଜିଏମ୍ କୋନେରୁ ହମ୍ପି ଓ ଆଇଏମ୍ ଦିବ୍ୟା ଦେଶମୁଖ ଟାଇଟଲ ଲଢ଼େଇରେ ମୁହାଁମୁହିଁ ହେବେ । ଏଥିସହ ନୂଆ ବିଶ୍ୱ ଚାମ୍ପିଅନ୍‌ଙ୍କ ଆବିର୍ଭାବ ଘଟିବ। ଦ୍ୱିତୀୟ ସେମି ଫାଇନାଲ୍‌ରେ ହମ୍ପି ଟାଇବ୍ରେକ୍‌ରେ ଚୀନ ତାରକା ଲି ଟିଙ୍ଗ୍‌ଜିଙ୍ଗ୍‌ଙ୍କୁ ୫-୩ରେ ହରାଇ ଫାଇନାଲ୍‌ରେ ସ୍ଥାନ ପକ୍କା କରିଥିଲେ । ବିଜୟ ସହ ସେ ଆଗାମୀ ୨୦୨୬ କ୍ୟାଣ୍ଡିଡେଟ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ହମ୍ପି-ଟିଙ୍ଗ୍‌ଜିଙ୍ଗ୍ ମଧ୍ୟରେ ସେମି ମୁକାବିଲା କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା । ପ୍ରଥମେ ଉଭୟଙ୍କ ମଧ୍ୟରେ କ୍ଲାସିକାଲର ୨ଟି ଯାକ ଡ୍ର’ ରହିଥିଲା । ଏହାପରେ ଟାଇବ୍ରେକରେ ମଧ୍ୟ ଉଭୟ ୨ଟି ଯାକ ବାଜିରେ ପଏଣ୍ଟ ଭାଗ କରିଥିଲେ। ସ୍ଥିତି ୨-୨ରେ ବରାବର ରହିଥିଲା । ଆଜି ର୍‌ୟାପିଡ୍ ଓ ବ୍ଲିଜ୍‌ରେ ପ୍ରତିଯୋଗିତା ହୋଇଥିଲା । ଟିଙ୍ଗ୍‌ଜି ର୍‌ୟାପିଡ୍‌ର ପ୍ରଥମ ଗେମ୍ ଜିତି ଆଗେଇଥିଲେ। ମାତ୍ର ହମ୍ପି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ପରବର୍ତ୍ତୀ ଗେମ୍ ଜିତିବା ସହ ସ୍ଥିତି ୩-୩ରେ ବରାବର କରିଥିଲେ । ଏହାପରେ ବ୍ଲିଜ୍‌ରେ ହମ୍ପି ଅବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିବା ସହ ଉଭୟ ଗେମ୍ ଜିତି ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

# ମାଞ୍ଚେଷ୍ଟରରେ ଟେଷ୍ଟରେ ରୁଟ୍‌ଙ୍କ ଶତକ



**ମାଞ୍ଚେଷ୍ଟର,୨୫।୭:** ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ମୈଦାନରେ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏହି ମୁକାବିଲାର ତୃତୀୟ ଦିନରେ ଇଂଲଣ୍ଡ ବ୍ୟାଟର ଜୋ ରୁଟ୍ ରେକର୍ଡ ଇନିଂସ ଖେଳିଛନ୍ତି। ଇଂଲଣ୍ଡର ପ୍ରଥମ ପାଳିରେ ରୁଟ୍ ଶତକ ମାରିଛନ୍ତି । ୧୭୮ ବଲରେ ଶତକ ପୂରଣ କରିଛନ୍ତି, ଏଥିରେ ୧୨ଟି ଚୌକା ସାମିଲ ରହିଛି । ଏହା ରୁଟ୍‌ଙ୍କ ଟେଷ୍ଟ କ୍ୟାରିୟରର ୩୮ତମ ଓ ଭାରତ ବିପକ୍ଷରେ ୧୨ତମ ଶତକ । ଏହାସହ ସେ ଲଗାତାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ରୁଟ୍‌ଙ୍କ ବ୍ୟାଟରୁ ଶତକ ବାହାରିଛି । ଜୋ ରୁଟ୍ ଭାରତ ବିପକ୍ଷରେ ଇଂଲଣ୍ଡରେ ଟେଷ୍ଟ କ୍ରିକେଟରେ ୯ମ ଶତକ ମାରିଛନ୍ତି । ଏହା ଘରୋଇ ମାଟିରେ ଗୋଟିଏ ଟିମ୍ ବିପକ୍ଷରେ କୌଣସି ବ୍ୟାଟରଙ୍କ ସବୁଠୁ ଅଧିକ ଟେଷ୍ଟ ଶତକ ଅଟେ। ସେ ଏହି ମାମଲାରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନଙ୍କୁ ପଛରେ ପକାଇଛନ୍ତି। ବ୍ରାଡମ୍ୟାନ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ୮ଟି ଶତକ ମାରିଥିଲେ । ଆଜିର ଏହି ଶତକ ସହ ଜୋ ରୁଟ୍ ଏବେ ଭାରତ ବିପକ୍ଷରେ ଟେଷ୍ଟ କ୍ରିକେଟରେ ସବୁଠୁ ଅଧିକ ଶତକ ମାରିଥିବା ବ୍ୟାଟର ହୋଇଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପ୍ଟେନ ଷ୍ଟିଭ୍ ସ୍ମିଥଙ୍କୁ ପଛରେ ପକାଇ ସେ ଏହି ଉପଲବ୍ଧ ହାସଲ କରିଛନ୍ତି। ଭାରତ ବିପକ୍ଷରେ ଷ୍ଟିଭ ସ୍ମିଥଙ୍କ ୧୧ ଶତକ ରହିଛି । ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ ସ୍କୋର କରିବା ମାମଲାରେ ଜୋ ରୁଟ୍ ଏବେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି । ଏହାସହ ମ୍ୟାଚ୍‌ରେ ୧୨୦ ରନ୍ ହାସଲ କରି ରିକି ପଣ୍ଟିଂଙ୍କୁ ପଛରେ ପକାଇ ଦେଇଛନ୍ତି। ପଣ୍ଟିଂ ଅଷ୍ଟ୍ରେଲିଆ ପାଇଁ ୧୬୮ ଟେଷ୍ଟ ମ୍ୟାଚରେ ୧୩,୩୭୮ ରନ୍ କରିଥିଲେ । ଏବେ ଜୋ ରୁଟଙ୍କ ଆଗରେ କେବଳ ସଚିନ ତେନ୍ଦୁଲକର ଅଛନ୍ତି । ସଚିନ ୨୦୦ ଟେଷ୍ଟ ମ୍ୟାଚ୍‌ରେ ୧୫,୯୨୧ ରନ୍ କରିଥିଲେ ।

## ଗିଲ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଲେ ସାଥୀ ଖେଳାଳି



**ମାଞ୍ଚେଷ୍ଟର,୨୫।୭:** ଭାରତ ବନାମ ଇଂଲଣ୍ଡ ଇଂଲଣ୍ଡ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ଏକ ଦୃଢ଼ ସ୍ଥିତିରେ ଅଛି, ଏହା ଟିମ ଇଣ୍ଡିଆ ପାଇଁ କର ବା ମର ମ୍ୟାଚ। ଦ୍ୱିତୀୟ ଦିନର ଖେଳ ଶେଷ ହେବା ପରେ, ଶାର୍ଦ୍ଦୁଳ ଠାକୁର ସାମ୍ବାଦିକ ସମ୍ମିଳନୀକୁ ଆସିଥିଲେ। ଏହି ସମୟରେ ସେ ଶୁବମନ ଗିଲ ବିଷୟରେ ଯାହା କହିଥିଲେ, ତାହା ଆଲୋଚନାର ବିଷୟ ପାଲଟିଥିଲା। ଦ୍ୱିତୀୟ ଦିନରେ, ଜସପ୍ରିତ ବୁମରାଙ୍କ ସମେତ ଭାରତୀୟ ବୋଲରମାନେ ପ୍ରଭାବହୀନ ଦେଖାଯାଉଥିଲେ। ଠାକୁର ଏକ ବଡ଼ ବୟାନ ଦେଇ କହିଥିଲେ,ବୋଲିଂ ମୋର କାମ ନୁହେଁ। ଦ୍ୱିତୀୟ ଦିନରେ, ସମସ୍ତେ ରିଷଭ ପନ୍ତଙ୍କ ସାହସକୁ ପ୍ରଶଂସା କରିଥିଲେ, କାରଣ ସେ ତାଙ୍କ ପାଦ ଆଙ୍ଗୁଠିରେ ଫ୍ରାକ୍ଚର ସତ୍ତ୍ୱେ ପଡ଼ିଆରେ ଖେଳିବାକୁ ଆସିଥିଲେ। ସେ ୧୭ ରନ ଯୋଡ଼ିଥିଲେ ଏବଂ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ପ୍ରଥମ ଇନିଂସରେ ଭାରତୀୟ ଦଳ ୩୫୮ ରନରେ ଅଲଆଉଟ ହୋଇଯାଇଥିଲା। ଏହା ପରେ, ଜ୍ୟାକ କ୍ରଲି (୮୪) ଏବଂ ବେନ ଡକେଟ (୯୪) ମିଳିତ ଭାବରେ ପ୍ରଥମ ଉଇକେଟ ପାଇଁ ୧୬୬ ରନର ପାର୍ଟନରଶିପ କରିଥିଲେ। ଜସପ୍ରିତ ବୁମରା, ମହମ୍ମଦ ସିରାଜଙ୍କ ସମେତ ଭାରତୀୟ ବୋଲରମାନେ ପ୍ରଭାବହୀନ ଦେଖାଯାଉଥିଲେ। ଏହା ପରେ, ସାମ୍ବାଦିକ ସମ୍ମିଳନୀରେ ଶାର୍ଦ୍ଦୁଳ ଠାକୁରଙ୍କୁ ଏ ବିଷୟରେ ପଚରାଯାଇଥିଲା।

## ଏସିଆ କପ୍‌କୁ ନେଇ ସସ୍‌ପେନ୍ସ ଶେଷ, ୟୁଏଇ ଭେନ୍ୟୁ

**ନୂଆଦିଲ୍ଲୀ ୨୫।୦୭:** ଏସିଆ କପ୍‌କୁ ନେଇ ଶେଷ ହେଲା ସସ୍‌ପେନ୍ସ । ୟୁଏଇରେ ଆୟୋଜିତ ହେବ ଏସିଆ କପ୍ କ୍ରିକେଟ୍ । ଗୋଟିଏ ଗ୍ରୁପ୍‌ରେ ରହିବେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ । ଖୁବଶୀଘ୍ର ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ ବିସିସିଆଇ ପକ୍ଷରୁ ଘୋଷଣା କରାଯିବ ବୋଲି ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ଜାଣିବାକୁ ମିଳିଛି। ଗୁରୁବାର ଢାକାରେ ଏସିଆନ କ୍ରିକେଟ୍ କାଉନସିଲର ବାର୍ଷିକ ସାଧାରଣ ବୈଠକ ବସିଥିଲା । ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ବୈଠକରେ ସାମିଲ ହୋଇଥିଲେ। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ‘ଅପରେସନ ସିନ୍ଦୂର’, ଭାରତ ଓ ପାକିସ୍ତାନ ସଂପର୍କକୁ ଅଧିକ ତିକ୍ତ କରିଦେଇଥିଲା । ଆଶା କରାଯାଉଥିଲା ଯେ, ଏଭଳି ସମୟରେ ଏସିଆ କପ୍ ଆୟୋଜନ ସମ୍ଭବ ନୁହେଁ। କିନ୍ତୁ ଏବେ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଯେଉଁ ବାଧା ରହିଥିଲା ତାହା ଏକ ପ୍ରକାର ଦୂର ହୋଇଯାଇଛି ।

ଚାଇନା ଓପନ ସେମିଫାଇନାଲ୍‌ରେ ସ୍ୱସ୍ତି-ଚିରାଗଙ୍କ ପ୍ରବେଶ

## ଉନ୍ନତି ହୁଡ୍ଡାଙ୍କ ପରାସ୍ତ ସହ ଭାରତର ସିଙ୍ଗଲ ଅଭିଯାନ ଶେଷ



**ନୂଆଦିଲ୍ଲୀ,୨୫।୦୭:** ଶୁକ୍ରବାର ଚାଇନା ଓପନ୍ ୨୦୨୫ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ସେମିଫାଇନାଲରେ ଏସୀୟ ଗେମ୍ସ ଚାମ୍ପିଅନ୍ ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ସେଟ୍ଟୀ କମାଲ କରିଛନ୍ତି। ମାଲେସିଆର ୟୁ ସିନ୍ ଓଙ୍ଗ ଏବଂ ଇ ୟି ତେଓଙ୍କୁ ସହଜରେ ପରାସ୍ତ କରି ଏହି ଯୋଡ଼ି ଚାଇନା ଓପନ୍ ସୁପର ୧୦୦୦ର ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିଛନ୍ତି। ରାଙ୍କିରେଡ୍ଡି ଏବଂ ଚିରାଗ ସେଟ୍ଟୀଙ୍କ ଯୋଡ଼ି କ୍ୱାର୍ଟରଫାଇନାଲରେ ୪୦ ମିନିଟରେ ମାଲେସିଆର ୟୁ ସିନ୍ ଓଙ୍ଗ ଏବଂ ଇ ୟି ତେଓଙ୍କୁ ୨୧-୧୮, ୨୧-୧୪ରେ ପରାସ୍ତ କରିଥିଲେ। ଏହି ବିଜୟ ସହିତ ରାଙ୍କିରେଡ୍ଡୀ-ଚିରାଗଙ୍କର ମାଲେସିଆ ଯୋଡ଼ି ବିରୋଧରେ ବିଜୟ ହାର ୭-୩କୁ ବୃଦ୍ଧି ପାଇଛି। ସେମିଫାଇନାଲ୍‌ରେ ସାତ୍ୱିକ-ଚିରାଗ ବିଶ୍ୱର ଦ୍ୱିତୀୟ ନମ୍ବର ଯୋଡ଼ି ମାଲେସିଆର ଆରନ୍ ଚିଆ-ସୋହ ଉଇ ୟିକ୍‌ଙ୍କୁ ଭେଟିବେ। ଭାରତ, ସିଙ୍ଗାପୁର ଏବଂ ମାଲେସିଆ ଓପନ୍ସରେ ଦୃଢ଼ ପ୍ରଦର୍ଶନ ପରେ ଏହା ସିଜିନର ସେମାନଙ୍କର ଚତୁର୍ଥ ସେମିଫାଇନାଲ ପ୍ରବେଶ। ଆଜିର ମ୍ୟାଚ୍‌ରେ ପ୍ରଥମ ଖେଳ ଦ୍ରୁତ ଗତିରେ ଆରମ୍ଭ କରିଥିଲେ ଯୋଡ଼ି। ସାତ୍ୱିକ ଏବଂ ଚିରାଗ ମାଲେସିଆର ଶେଷ ଲଢ଼େଇକୁ ୨୧-୧୮ରେ ଜିତି ନେଇଥିଲେ। ଦ୍ୱିତୀୟ ଖେଳରେ ସେମାନେ ୬ଟି ଅସମାପ୍ତ ପଏଣ୍ଟ ସହିତ ୧୫-୧୪ର ସଂଘର୍ଷପୂର୍ଣ୍ଣ ଲିଡ୍ ନେଇ ବିଜୟୀ ହୋଇଥିଲେ। ଅନ୍ୟପଟେ ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ଉନ୍ନତି ହୁଡା ଚୀନ୍ ଓପନ୍‌ରୁ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ଖେଳାଯାଉଥିବା କ୍ୱାର୍ଟର ଫାଇନାଲରେ ଉନ୍ନତି ବିଶ୍ୱର ଚତୁର୍ଥ ନମ୍ବର ଖେଳାଳି ଜାପାନର ଆକାନେ ୟାମାଗୁଚିଙ୍କ ବିପକ୍ଷରେ ସିଧାସଳଖ ଗେମରେ ପରାଜିତ ହୋଇଥିଲେ। ପୂର୍ବ ରାଉଣ୍ଡରେ ସେ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କୁ ପରାସ୍ତ କରିଥିଲେ। ହେଲେ କ୍ୱାର୍ଟର ଫାଇନାଲରେ ୩୩ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌ରେ ଜାପାନୀ ଖେଳାଳିଙ୍କଠାରୁ ୧୬-୨୧, ୧୨-୨୧ରେ ପରାସ୍ତ ହୋଇଛନ୍ତି ଉନ୍ନତି।

## ଯଶ ଦୟାଲଙ୍କ ନାମରେ ଆଉ ଜଣେ ଯୁବତୀ ଆଣିଲେ ଦୁଷ୍କର୍ମ ଅଭିଯୋଗ



**ନୂଆଦିଲ୍ଲୀ,୨୫।୭:** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଷ୍ଟ ବୋଲର କ୍ରିକେଟର ଯଶ ଦୟାଲଙ୍କ ବିରୋଧରେ ଆଉ ଜଣେ ଯୁବତୀ ଦୁଷ୍କର୍ମ ଅଭିଯୋଗ କରିଛି । ଗାଜିଆବାଦ ପରେ, ଜୟପୁରରେ ମଧ୍ୟ ଯଶ ଦୟାଲଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଛି। ଯୁବତୀ ଜଣକ କ୍ରିକେଟରଙ୍କ ନାମରେ କ୍ୟାରିୟରର ପ୍ରଲୋଭନ ଦେଖାଇ ଦୁଇ ବର୍ଷ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ କରିଛି। ଯୁବତୀଙ୍କ ଅଭିଯୋଗ ପରେ, ଜୟପୁରରେ ଆଇପିଏଲ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଷ୍ଟ ବୋଲର ଯଶ ଦୟାଲଙ୍କ ବିରୋଧରେ ଦୁଷ୍କର୍ମ ଏବଂ ପକ୍ସୋ ଆଇନ ଅନୁଯାୟୀ ଏକ ଏଫଆଇଆର ରୁଜୁ ହୋଇଛି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ ଯଶ ଦୟାଲ ତାଙ୍କୁ କ୍ରିକେଟରେ କ୍ୟାରିୟରର ପ୍ରଲୋଭନ ଦେଖାଇ ଏବଂ ଭାବପ୍ରବଣ ବ୍ଲାକମେଲ୍ କରି ଦୁଇ ବର୍ଷ ଧରି ଦୁଷ୍କର୍ମ କରିଥିଲେ। ପୀଡ଼ିତା ଜୟପୁରର ସାଙ୍ଗାନେର ସଦର ପୋଲିସ ଷ୍ଟେସନରେ ଯଶ ଦୟାଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଯୁବତୀଜଣକ ଅଭିଯୋଗ କରିଛନ୍ତି ଯେ ସେ ଦୁଇ ବର୍ଷ ପୂର୍ବେ ଜୟପୁରରେ ଯଶ ଦୟାଲଙ୍କୁ ଭେଟିଥିଲେ ଯେତେବେଳେ ସେ ନାବାଳିକା ଥିଲେ। ସେହି ସମୟରେ ଯଶ ଦୟାଲ ଏକ ଆଇପିଏଲ ମ୍ୟାଚ୍ ଖେଳିବାକୁ ଜୟପୁର ଆସିଥିଲେ।

# ପନ୍ତଙ୍କ ଆହତ ଖୋଲିଦେଲା କ୍ରିକେଟ୍ ବ୍ୟବସ୍ଥାର ପୋଲ

**ରାଗିଗଲେ ଭେଟେରାନ କ୍ରିକେଟର**



**ନୂଆଦିଲ୍ଲୀ,୨୫।୭:** ଭାରତର ୱିକେଟ କିପର-ବ୍ୟାଟସମ୍ୟାନ୍ ରିଷଭ ପନ୍ତ । ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ପାଇଛନ୍ତି ଗଭୀର ଆଘାତ। ଭାଙ୍ଗିଯାଇଛି ପାଦର ଆଙ୍ଗୁଠି। ସେ ଆଗକୁ କରିବେନି ଓ୍ୱିକେଟ କିପିଂ । ମ୍ୟାଚ୍ ଅଧାରୁ ସେ ପଡିଆ ଛାଡି ରୁଲ୍ଡ ଆଉଟ୍ ହୋଇଥିଲେ । ଖେଳିବେ ଖେଳିବେନି ଏମିତି ଦେଖାଦେଇଥିଲା ଅନିଶ୍ଚିତତା । ତାଙ୍କ ସ୍ଥାନରେ ଅନେକ ଖେଳିବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ଭଙ୍ଗା ଗୋଡରେ ଚାଲିଆସିଥିଲେ ବ୍ୟାଟିଂ କରିବାକୁ। ହଠାତ୍ ତାଙ୍କ ମୈଦାନରେ ଏଣ୍ଟ୍ରି ସମସ୍ତଙ୍କୁ କରିଦେଇଥିଲା ଆଶ୍ଚର୍ଯ୍ୟ । ତାଙ୍କର ଅଦମ୍ୟ ସାହାସକୁ ସଲାମ କରିଥିଲା ମାଞ୍ଚେଷ୍ଟର । ଦମ୍ ଦେଖାଇ ହାସଲ କରିଥିଲେ ଅର୍ଦ୍ଧଶତକ। ତେବେ କ୍ରିକେଟର ଏହି ବିକଳ୍ପ ବ୍ୟବସ୍ଥାକୁ ନେଇ ଭଡକିଛନ୍ତି ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ । ସେ ବିଶ୍ୱାସ କରନ୍ତି ଯେ ଟେଷ୍ଟ କ୍ରିକେଟରେ ମେଡିକାଲ ସବ୍‌ଷ୍ଟିଚ୍ୟୁଟ୍ ଅନୁମତି ନ ଦେବା ଦର୍ଶାଏ ଯେ କ୍ରିକେଟ ଏବେ ବି ସେହି ପୁରୁଣା ନିୟମରେ ଫସି ରହିଛି। ପ୍ରକୃତରେ, କହିବାକୁ ଗଲେ ପନ୍ତ ମାଞ୍ଚେଷ୍ଟର ଟେଷ୍ଟ ମ୍ୟାଚ୍‌ରେ ଏକ ଭଙ୍ଗା ଗୋଡ ସହିତ ସାହସିକତାର ସହିତ ବ୍ୟାଟିଂ କରିଥିଲେ। ପ୍ରଥମ ଦିନରେ ଆହତ ହୋଇ ଅବସର ନେବା ପରେ, ସେ ପରଦିନ ପୁଣି ଥରେ ପଡ଼ିଆକୁ ଆସିଥିଲେ । ୩୭ ରନରୁ ତାଙ୍କର ଇନିଂସ ଜାରି ରଖିଲେ । ତାଙ୍କର ଅର୍ଦ୍ଧଶତକ ପୂରଣ କଲେ। ଏହି ସମୟରେ, ସେ ୨୮ ବଲ୍‌ର ସମ୍ମୁଖୀନ ହୋଇ ୧୭ ରନ କରିଥିଲେ। ଭନ୍ ‘ଦି ଟେଲିଗ୍ରାଫ୍’ରେ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, ‘ତାଙ୍କୁ ଭଙ୍ଗା ଗୋଡ ସହିତ ବ୍ୟାଟିଂ କରିବା ଦେଖିବା ଆଶ୍ଚର୍ଯ୍ୟଜନକ ଥିଲା। ସେ ସାହସ ଏବଂ ଦକ୍ଷତା ଉଭୟ ଦେଖାଇଥିଲେ, କିନ୍ତୁ ସେ ସୁସ୍ଥ ନଥିଲେ। ସେ ଦୌଡ଼ି ପାରୁନଥିଲେ । ଏହା ତାଙ୍କ ଆଘାତକୁ ଆହୁରି ଖରାପ କରିଥାନ୍ତା ।’

● ବେଙ୍ଗାଲୁରୁ ଦଳାଚକଟା ମାମଲାରେ ବଡ଼ ଆକ୍ସନ

## ଆର୍‌ସିବି ଘରେ ହେବନି ଆଇପିଏଲ୍ ମ୍ୟାଚ!



**ନୂଆଦିଲ୍ଲୀ,୨୫।୭:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ରେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ କୌଣସି ମ୍ୟାଚ୍ ଖେଳାଯିବ ନାହିଁ । ରିପୋର୍ଟ ଅନୁଯାୟୀ, ବେଙ୍ଗାଲୁରୁ ଦଳାଚକଟା ମାମଲାରେ ତଦନ୍ତ କମିଶନ ଏହି ଷ୍ଟାଡିୟମରେ ବଡ଼ ଇଭେଣ୍ଟ ଉପରେ ରୋକ୍ ଲଗାଇଛନ୍ତି । ଏହା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଏକ ବଡ଼ ଝଟକା ଦେଇଛି । ତଥାପି, ଏହି ମାମଲାରେ ଏପର୍ଯ୍ୟନ୍ତ କୌଣସି ସରକାରୀ ନିଷ୍ପତ୍ତି ହୋଇନାହିଁ। ଏହା ସହିତ, କର୍ଣ୍ଣାଟକ ସରକାର ଏବେ ଦଳଚକଟା ଘଟଣାରେ ମାମଲା ରୁଜୁ କରିବାକୁ ଅନୁମତି ମଧ୍ୟ ଦେଇଛନ୍ତି । ଆର୍‌ସିବିକୁ ଅପରାଧିକ ମକଦ୍ଦମାର ସାମ୍ନା କରିବାକୁ ପଡ଼ିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀ...

ସେତିକି ନୁହେଁ, ମନ୍ତ୍ରୀମାନେ ମଧ୍ୟ ୨୦୨୫ ମେ’ ମାସ ପର୍ଯ୍ୟନ୍ତ ନିଜର ସଫଳତା ଓ କାର୍ଯ୍ୟଦକ୍ଷତାର ରିପୋର୍ଟ ଦେବେ।

ଏହି ସମୟ ମଧ୍ୟରେ ମନ୍ତ୍ରୀମାନେ କେଉଁ କେଉଁ ଜିଲ୍ଲା ଗସ୍ତ କରିଛନ୍ତି, ଲୋକଙ୍କର ଅଭିଯୋଗକୁ ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି କେତେ ସମାଧାନ କରିଛନ୍ତି, ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ କେତେଥର ଶେୟାର କରିଛନ୍ତି, ଆଦିର ରିପୋର୍ଟ ସେମାନଙ୍କୁ ଦେବାକୁ ପଡ଼ିବ। ସବୁଠୁ ବଡ଼ କଥା ହେଲା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ହୋଇଥିବା ଫର୍ମାଟ ଏଭଳି ହୋଇଛି, ଯେଉଁଥିରେ ବିଭାଗ ଓ ମନ୍ତ୍ରୀମାନେ ଏସବୁ ତଥ୍ୟ ଦେବାକୁ ଏକପ୍ରକାର ବାଧ୍ୟ ହେବେ। ଏଥିରେ କୌଣସି ପ୍ରକାରର ବାହାନା ଗ୍ରହଣୀୟ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏଥିସହିତ ପ୍ରତ୍ୟେକ ମନ୍ତ୍ରୀ ଚଳିତ ଆର୍ଥିକ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ ଦାଖଲ କରିବେ। ଯେଉଁଥିରେ ପ୍ରଭାବୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ତଦାରଖ, ଅଭିଯୋଗ ନିରାକରଣ, ଜନସାଧାରଣଙ୍କ ସହ ଯୋଗାଯୋଗ ଏବଂ ବଜେଟ ମାନଦଣ୍ଡ ଅନୁଯାୟୀ ଖର୍ଚ୍ଚକୁ ସୁନିଶ୍ଚିତ କରିବା ନେଇ ସେମାନଙ୍କ ଯୋଜନାକୁ ଉପସ୍ଥାପନ କରିବେ।

ମନ୍ତ୍ରୀମାନଙ୍କୁ ଓ ବିଭାଗଗୁଡ଼ିକୁ ଏଭଳି ନିର୍ଦ୍ଦେଶ ଓ ରିପୋର୍ଟ ତଲବ କରି ମୁଖ୍ୟମନ୍ତ୍ରୀ ନିଜ ସରକାରର ସୁଶାସନ ଓ ଦାୟିତ୍ୱବୋଧ ପ୍ରତି ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ଦେଇଛନ୍ତି ବୋଲି ଜଣେ ପୂର୍ବତନ ପ୍ରଶାସକ କହିଛନ୍ତି। ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତା ଉପରେ କଡ଼ା ନଜର ରଖିବା ସହ ସେମାନେ କିଭଳି ବିଭାଗର କାର୍ଯ୍ୟ ସମ୍ପାଦନ କରୁଛନ୍ତି ଓ ଅନ୍ୟ ଗତିବିଧି କ’ଣ ରହିଛି, ତାହା ଉପରେ ମୁଖ୍ୟମନ୍ତ୍ରୀଙ୍କ ନଜର ରହିବା ସ୍ୱାଭାବିକ। ଏଥିସହିତ ଲୋକଙ୍କ ଅଭିଯୋଗର ନିରାକରଣ, ଟେକ୍ନୋଲୋଜିର ବ୍ୟାପକ ଉପଯୋଗ, ମନ୍ତ୍ରୀମାନଙ୍କୁ ସୋସିଆଲ ମିଡିଆର ବ୍ୟବହାର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ସମଗ୍ର ପ୍ରଶାସନିକ କଳ ଓ ମନ୍ତ୍ରୀମାନଙ୍କ ଉପରେ ନିଜର ଦୃଢ଼ ନିୟନ୍ତ୍ରଣକୁ ମଧ୍ୟ ଦର୍ଶାଇବାକୁ ଚାହୁଁଥିବା ସେ କହିଛନ୍ତି।

### ଡ୍ରୋନରେ...

ଭାରତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି।

ଆଜି ସକାଳେ ଆନ୍ଧ୍ରପ୍ରଦେଶରେ କୁର୍ନୁଲଠାରେ ଏହି ପରୀକ୍ଷା କରାଯାଇଥିଲା। ଏହି ମିସାଇଲର ନାମ ୟୁଏଭି-ଲଞ୍ଚଡ ପ୍ରସିଜନ ଗାଇଡେଡ ମିସାଇଲ ରହିଥିବା ବେଳେ ପ୍ରଥମ ଥର ପାଇଁ ଭାରତରେ ଗୋଟିଏ ଡ୍ରୋନରୁ ମିସାଇଲ୍‌ର ସଫଳ ଉତକ୍ଷେପଣ କରାଯାଇଛି। ଏହି ମିସାଇଲ ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ଆଧାରିତ ହୋଇଥିବା ବେଳେ ଏହା ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଅତ୍ୟନ୍ତ ସଠିକତାର ସହ ଭେଦ କରିବାର କ୍ଷମତା ରଖେ। ଏହା ଏକ ଅଣମାନବ ଡ୍ରୋନ ମାଧ୍ୟମରେ ଉତକ୍ଷେପିତ ହୋଇଥିଲା। ଏହା ଭାରତର ଡ୍ରୋନ ଯୁଦ୍ଧ କ୍ଷମତାକୁ ଆହୁରି ସୁଦୃଢ଼ କରିଛି। ଏହି ପ୍ରଯୁକ୍ତିର ବିକାଶରେ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ ଓ ବେସରକାରୀ ଶିଳ୍ପ ସଂସ୍ଥାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଅଭିଯାନର ଏକ ବଳିଷ୍ଠ ଉଦାହରଣ ହୋଇଥିବା ବେଳେ ଏଥିରେ ସ୍ୱଦେଶୀ ପ୍ରଯୁକ୍ତି ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦିଆଯାଇଛି। ଏହି ପରୀକ୍ଷଣ ସଫଳ ହେବା ପରେ ଭାରତର ପ୍ରତିରକ୍ଷା କ୍ଷମତା ଆହୁରି ସଶକ୍ତ ହୋଇଛି। ବିଶେଷକରି ଅଣମାନବ ଯୁଦ୍ଧ ପ୍ରଯୁକ୍ତି (ନେକ୍ସଜେନ୍ ୱାରଫେୟାର୍) କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହା ଭାରତୀୟ ସେନାକୁ ଅଧିକ ସଠିକ ଭାବେ ଓ ଅଧିକ କ୍ଷମତା ସହ ଲକ୍ଷ୍ୟଭେଦୀ ଆକ୍ରମଣରେ ବିଶେଷ ଭାବେ ସହାୟକ ହେବ। ଏହି ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଓ ଭାରତର ଶିଳ୍ପ ସଂସ୍ଥାକୁ ଧନ୍ୟବାଦ ଦେବା ସହ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ସୋସିଆଲ୍ ମିଡିଆ ‘ଏକ୍ସ’ରେ କହିଛନ୍ତି ଯେ ଏହି ପରୀକ୍ଷଣ ପ୍ରମାଣିତ କରୁଛି ଯେ ଭାରତ ଆଧୁନିକ ଡ୍ରୋନ ଓ ମିସାଇଲ ଟେକ୍ନୋଲୋଜିରେ ଦ୍ରୁତ ଅଗ୍ରଗତି କରୁଛି। ଏହି ସଫଳତାକୁ ନେଇ ଅନେକ ବ୍ୟକ୍ତି ଓ ସଂଗଠନ ଗର୍ବ ଅନୁଭବ କରୁଛନ୍ତି। ଏହାକୁ ‘ଅଦ୍ଭୁତ ଉପଲବ୍ଧି’ ଓ ‘ଜୟ ହିନ୍ଦ’ ଭଳି ଶବ୍ଦରେ ବର୍ଣ୍ଣନା କରାଯାଇଛି। ଏହି ପରୀକ୍ଷଣ ଭାରତର ସାମରିକ ଶକ୍ତିକୁ ବୃଦ୍ଧି କରିବା ସହ ଅନ୍ୟ ଦେଶମାନଙ୍କୁ ଏକ ଶକ୍ତିଶାଳୀ ସଂକେତ ପ୍ରଦାନ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ଆଜିଠୁ...

ନଦୀର ଜଳ ସ୍ତର ବିପଦ ସଂକେତ ତଳେ ରହିଛି ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ସେପଟେ ଆଗାମୀ ୩/୪ ଦିନ ଧରି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସ୍‌ଆର୍‌ସି) ନିର୍ଦ୍ଦେଶ ଜାରି କରିଛନ୍ତି। ବିଶେଷକରି ମୟୂରଭଞ୍ଜ ଓ କେନ୍ଦୁଝରରେ ଭୀଷଣ ବର୍ଷା ସମ୍ଭାବନା ରହିଛି। ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ ଓ ସୁନ୍ଦରଗଡ଼ରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଛୁଟି ବାତିଲ ହୋଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଓ ଜଳବନ୍ଦୀ ପରିସ୍ଥିତି ହେତୁ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ହୋଇଛି। ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାର ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

### ଆଉଟସୋର୍ସିଂ...

ଏକ ପଦକ୍ଷେପ ଆସିଛି। ସମସ୍ତ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶ ରାଜ୍ୟରେ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଉପରେ ପ୍ରଭାବ ପକାଇବ। ବର୍ତ୍ତମାନ ୨୫ ହଜାରରୁ ଅଧିକ କର୍ମଚାରୀ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅର୍ଥ ବିଭାଗର ଅଧିକାରୀମାନେ କହିଛନ୍ତି ଯେ ଏହା ଅନିୟମିତ ଖର୍ଚ୍ଚକୁ ରୋକିବ ଏବଂ ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ବଢ଼ାଇବ।

ଉଲ୍ଲେଖଯୋଗ୍ୟ, ପୂର୍ବ ବିଜେଡି ସରକାରରେ ଆଉଟସୋର୍ସିଂ ନିଯୁକ୍ତି ବହୁତ ଥିଲା। ଆଉ ଏଥିରେ ପାରଦର୍ଶିତା ନଥିବା ଏବେର ସରକାର କହିଛନ୍ତି। ଏହାପରେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉଟସୋର୍ସିଂ ନିଯୁକ୍ତିର ନୀରିକ୍ଷଣ କରିବାକୁ ନିକଟରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଅର୍ଥ ବିଭାଗର ଏଭଳି ନିର୍ଦ୍ଦେଶନାମାକୁ ଆଉଟସୋର୍ସିଂ କର୍ମଚାରୀ ସଂଘ ବିରୋଧ କରିଛି। ଆଉଟସୋର୍ସିଂ କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ଏହା ଅନିଶ୍ଚିତତା ସୃଷ୍ଟି କରିଛି। ଗତ ମାର୍ଚ୍ଚ ମାସରେ ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପରେ ମୁଖ୍ୟମନ୍ତ୍ରୀ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। କମିଟି ଏପର୍ଯ୍ୟନ୍ତ ରିପୋର୍ଟ ଦେଇନାହିଁ। ସେପଟେ ଯେଉଁମାନେ ୫ରୁ ୧୫ ବର୍ଷ ପର୍ଯ୍ୟନ୍ତ କାମ କରିସାରିଲେଣି ସେମାନଙ୍କ ଭବିଷ୍ୟତ କଣ ସେନେଇ କିଛି ସ୍ପଷ୍ଟ କରାଯାଇନଥିବାରୁ ସଂଘ ଆପତ୍ତି ଉଠାଇଛି।

### ଡେପୁଟି...

ଟଙ୍କା ଉଦ୍ଧାର କରାଯାଇଛି। ସେହିପରି ତାଙ୍କ ଘରୁ ପାଖାପାଖି ଦେଢ଼ କିଲୋ ଓଜନର ସୁନାଗହଣା ଓ ସୁନା ବିସ୍କୁଟ୍‌କୁ ଜବତ କରାଯାଇଥିବା ବେଳେ ଜବତ ହୋଇଥିବା ରୁପା ଗହଣାର ପରିମାଣ ସାଢ଼େ ୪ କିଲୋରୁ ଊର୍ଦ୍ଧ୍ୱ ରହିଛି। ସେହିପରି ଘରୁ ଗୋଟିଏ ଚାରିଚକିଆ ଗାଡ଼ି (କିଆ କାରେନ୍ସ) କୁ ମଧ୍ୟ ଜବତ କରାଯାଇଛି। ଏହାଛଡ଼ା ଶ୍ରୀ ନେପାକ ଓ ତାଙ୍କ ପରିବାର ଲୋକଙ୍କ ନାମରେ ୪ଟି ବ୍ୟାଙ୍କରେ ୧୦ରୁ ଊର୍ଦ୍ଧ୍ୱ ଜମା ଖାତା ରହିଛି, ଯେଉଁଥିରେ ୧ କୋଟି ୩୨ ଲକ୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜମା ରହିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ୍ ଭିତ୍ତିରେ ଏହି ଚଢ଼ାଉ ହୋଇଥିବା ବେଳେ ଏଥିରେ ୬ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୯ ଜଣ ଏଏସଆଇ ଓ ଭିଜିଲାନ୍ସର ଅନ୍ୟ କର୍ମଚାରୀମାନେ ସାମିଲ୍ ଅଛନ୍ତି।

### ୧୦ ବର୍ଷରେ...

ସକାଶେ ସରକାର ଉଦ୍ୟମ କରୁଛନ୍ତି। ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କର ବିକାଶ ଦିଗରେ ସରକାର ଯୋଜନା କରୁଛନ୍ତି। ଓଡ଼ିଶା ପୁଞ୍ଜିନିବେଶକଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦ ପ୍ରତିଶତ ଓଡ଼ିଶାକୁ ଆସିଛି। ଏହା ବିଶ୍ୱର ଉଦ୍ୟୋଗ ଜଗତ ଆମ ସରକାରଙ୍କ ଉପରେ ରଖୁଥିବା ଆସ୍ଥାର ପ୍ରମାଣ। ଏହି ଭରସାକୁ ଅତୁଟ ରଖିବା ଦିଗରେ ସରକାରଙ୍କ ଉଦ୍ୟମ ଜାରି ରହିବ। ଅନ୍ୟାନ୍ୟ ଶିଳ୍ପ ସହ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦେଶର ସବୁଠାରୁ ଆକର୍ଷଣୀୟ ସ୍ଥାନ ଭାବେ ପରିଗଣିତ ହୋଇପାରିଛି। ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରର ସବୁଠାରୁ ବଡ଼ ଆକର୍ଷଣ ହେଉଛି ବ୍ୟାପକ ନିଯୁକ୍ତି ସୁଯୋଗ। ବିଶେଷକରି ମହିଳାଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳ ଓ ଅର୍ଥନୈତିକ ପଛୁଆ ବର୍ଗର ଯୁବକଯୁବତୀଙ୍କ ପାଇଁ ଏହା ବ୍ୟାପକ ସୁଯୋଗ ସୃଷ୍ଟି କରିବା ସହି ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଥିଲେ।

ସେହିପରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଶା ଟେକ୍ସ-୨୦୨୫ ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି। ଦକ୍ଷତା ଓ ଶିଳ୍ପ ଦ୍ୱାରା ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧି, ଆଞ୍ଚଳିକ ବିକାଶ ଓ ଏକ ଉତ୍ସର୍ଗୀକୃତ ଟାସ୍କ ଫୋର୍ସ ମାଧ୍ୟମରେ ନିବେଶକଙ୍କୁ ଆକୃଷ୍ଟ କରୁଛି। ଓଡ଼ିଶାରେ କଞ୍ଚାମାଲ ଉପଲବ୍ଧତାଠାରୁ ବନ୍ଦର ସଂଯୋଗୀକରଣ ଓ ଏକ ସହାୟକ ନୀତି ବୟନ ଓ ପୋଷାକ ନିବେଶ ପାଇଁ ସବୁଠାରୁ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ପାଲଟିଛି ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ ଆମର ପ୍ରତିବଦ୍ଧତା ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁଦୃଢ଼ କରିବା ସହ ଆଧୁନିକ ବୟନ ନିବେଶକୁ ଦ୍ୱିଗୁଣିତ କରିବା। ଏକ ଦୃଢ଼ ବୟନ ଇକୋସିଷ୍ଟମର ବିକାଶକୁ ପ୍ରାଥମିକତା ଦେଇ ପାରମ୍ପରିକ ବୁଣାକାରମାନଙ୍କୁ ସଶକ୍ତ ଓ ବଜାର ବ୍ୟବସ୍ଥାକୁ ବୃଦ୍ଧି କରି ସରକାର ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିଥିବା ଶ୍ରୀ ବଳ ସାମନ୍ତ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଓ ଦେଶର କୋଣଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଓ ଶିଳ୍ପପତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଥିଲେ।

### ବର୍ଷକୁ ମିଳିବ...

ବ୍ୟକ୍ତିଗତ କାରଣ ଦର୍ଶାଇ ନେଇପାରିବେ। କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସିଂହ କର୍ମଚାରୀଙ୍କ ଏହି ଛୁଟି ବିଷୟରେ ସୂଚନା ଦେଇଛନ୍ତି। ସେ ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଉପରୋକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ସିଭିଲ୍ ସର୍ଭିସେସ୍ ଲିଭ୍ ନିୟମ-୧୯୭୨ ଅନୁଯାୟୀ, ଜଣେ କେନ୍ଦ୍ର ସରକାରୀ କର୍ମଚାରୀ ପ୍ରତିବର୍ଷ ୩୦ ଦିନର ଅର୍ଜିତ ଛୁଟି, ୨୦ ଦିନର ହାଫ୍ ଡେ’ ଛୁଟି, ୮ ଦିନର କାଜୁଆଲ୍ ଲିଭ୍ ଓ ଦୁଇ ଦିନର ପ୍ରତିବନ୍ଧିତ ଛୁଟି ଅର୍ଥାତ ରେଷ୍ଟ୍ରିକ୍ଟେଡ୍ ହଲିଡେ’ ପାଇବାକୁ ହକଦାର। ରାଜ୍ୟସଭାରେ ଡକ୍ଟର ସିଂହଙ୍କୁ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ସେମାନଙ୍କ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ପାଇଁ କୌଣସି ସ୍ୱତନ୍ତ୍ର ଛୁଟିର ବ୍ୟବସ୍ଥା ଅଛି କି ବୋଲି ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଡ. ସିଂ କହିଛନ୍ତି ଯେ କେନ୍ଦ୍ର ସରକାରୀ କର୍ମଚାରୀମାନେ ବ୍ୟକ୍ତିଗତ କାରଣରୁ ଏହି ସମସ୍ତ ଛୁଟି ନେଇପାରିବେ। ଏଥିରେ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ମଧ୍ୟ ସାମିଲ ରହିଛି। ସିଜିଏଚ୍‌ଏସ୍ ଅଧୀନରେ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଶସ୍ତା ଔଷଧ ଓ ଚିକିତ୍ସା ମଧ୍ୟ ପାଇପାରିବେ। ଅବସର ପରେ ମଧ୍ୟ ସିଜିଏଚ୍‌ଏସ୍ ସୁବିଧା ଉପଲବ୍ଧ ହୋଇପାରିବ। ମହିଳାଙ୍କୁ ୬ ମାସର ମାତୃତ୍ୱ ଛୁଟି ଓ ପୁରୁଷଙ୍କୁ ୧୫ ଦିନର ପିତୃତ୍ୱ ଛୁଟି ମଧ୍ୟ ପ୍ରଦାନ କରାଯାଉଛି। ସରକାରୀ କର୍ମଚାରୀମାନେ ଅବସର ପରେ ଗ୍ରାଚ୍ୟୁଇଟି ଓ ପିଏଫ୍ ସୁବିଧା ପାଉଥିବା ଡ. ସିଂ କହିଛନ୍ତି। ଏହାଛଡ଼ା ଡ. ସିଂ ଆହୁରି କହିଛନ୍ତି ଯେ ନୂଆ ପେନସନ ଯୋଜନା ଅଧୀନରେ ପ୍ରତି ମାସରେ ଦରମାରୁ କିଛି ଟଙ୍କା କଟାଯାଏ, ଯାହା ପେନସନ ଆକାରରେ ମିଳିଥାଏ। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଅଷ୍ଟମ ବେତନ କମିଶନ ଲାଗୁ କରିବାକୁ ଯାଉଛନ୍ତି। ଏହା ଆସନ୍ତା ବର୍ଷ ଜାନୁଆରୀ ୧ରୁ ଲାଗୁ ହେବ। ଏହାଦ୍ୱାରା କର୍ମଚାରୀଙ୍କ ଦରମାରେ ଉଲ୍ଲେଖନୀୟ ବୃଦ୍ଧି ହେବା ଆଶା କରାଯାଉଛି। ଏହି ଅନୁସାରେ, ଲେବଲ୍-୧ କର୍ମଚାରୀଙ୍କ ମୂଳ ଦରମା ୧୮ ହଜାରରୁ ୫୧ ହଜାର ଟଙ୍କାକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

### ବିଜେଡି...

ଏଥିରେ ପ୍ରଭାବିତ ନହୋଇ ତାଙ୍କର ସର୍ଜିକାଲ ଷ୍ଟ୍ରାଇକ ଆରମ୍ଭ କରିଛନ୍ତି। ପ୍ରଥମ ଦଫାରେ ରବୀନ୍ଦ୍ର କୋରାପୁଟ ଯାଇଥିବା ବେଳେ ଏହାପରେ ଆଉ କିଛି ବିଜେଡି ମାର୍କା ସଂଘ ନେତାଙ୍କ ପାଳି ବୋଲି ଆଲୋଚନା ହେଉଛି। ଏବେ ଦେଖିବାକୁ ବାକି ରହିଲା ବଦଳି ହୋଇଥିବା ସଂଘନେତା ରାଜଧାନୀରୁ ପେଡ଼ି ପୁଟୁଳା ବାନ୍ଧି କେବେ କୋରାପୁଟ ଯାଉଛନ୍ତି ଓ ସରକାରୀ କ୍ୱାର୍ଟର୍ସରେ ରହୁଥିବା ତାଙ୍କ ପତ୍ନୀ ତଥା ବିଜେଡି ନେତ୍ରୀ କିଭଳି ଗୋଟି ଚଳାଉଛନ୍ତି। ଏପରି ସ୍ଥିତିରେ ଏହା ଉପରେ ସରକାର ସତର୍କ ଦୃଷ୍ଟି ନ ରଖିଲେ ସର୍ଜିକାଲ ଷ୍ଟ୍ରାଇକରୁ ସେଭଳି ସୁଫଳ ମିଳିବ ନାହିଁ ବୋଲି ରାଜଧାନୀରେ ଆଲୋଚନା ମଧ୍ୟ ଆରମ୍ଭ ହୋଇଛି।

## ୩ ମାସ ପରେ ବି ଅପହୃତ ନାବାଳିକାଙ୍କ ପତ୍ତା ମିଳୁନି

**ବାଲିଅନ୍ତା,୨୫।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ ବର୍ଦ୍ଧିଆ ପଞ୍ଚାୟତ ଅନ୍ତର୍ଗତ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରି ନେବାର ୩ ମାସ ବିତିଗଲାଣି । ହେଲେ ନାବାଳିକାର ଏଯାଏ ପତ୍ତା ମିଳି ପାରିନି । ନାବାଳିକାଙ୍କ ବାପା ବାଲିଅନ୍ତା ଥାନାରେ ଝିଅକୁ ଅପହରଣ କରି ନିଆଯାଇଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଅପହରଣ ମାମଲା ରୁଜୁ କରି ଫୋନ ଟ୍ରାକିଂ କରି ନାବାଳିକାଙ୍କୁ ଉଦ୍ଧାର କରିବା ନେଇ ଉଦ୍ୟମ ଜାରି ରଖିଛି ।

ସୂଚନା ଅନୁସାରେ ନାବାଳିକା ଜଣକ କଲେଜରେ ଯୁକ୍ତ ୨ ଶ୍ରେଣୀରେ ପଢ଼ୁଛି । ଗତ ମେ ମାସ ୨୩ ତାରିଖ ରାତିରେ ଘର ଲୋକ ଶୋଇଥିବା ବେଳେ ଯୁବକ ଏବଂ ନାବାଳିକା ଫେରାର ହୋଇଯାଇଥିଲେ । ଉକ୍ତ ଗ୍ରାମରେ ଘରୋଇ ସଂସ୍ଥାରେ କାମ କରୁଥିବା ୨୩ ବର୍ଷୀୟ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଯୁବକ ଜଣକ ଝିଅକୁ ଅପହରଣ କରି ନେଇ ଯାଇଥିବା ନେଇ ତାଙ୍କର ବାପା ସନ୍ଦେହରେ ଥାନାରେ ଅଭିଯୋଗରେ ଦର୍ଶାଇଥିଲେ । ହେଲେ ଦୀର୍ଘ ତିନି ମାସ ପରେ ମଧ୍ୟ ଅପହୃତ ନାବାଳିକାଙ୍କର ଏଯାଏ ପତ୍ତା ମିଳିପାରିନି । ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଜିଲ୍ଲା ପୁଲିସର ମୋବାଇଲ ବଣ୍ଟନ ମେଳା



**ନୟାଗଡ଼,୨୫।୭ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଆଜି ଏକ ମୋବାଇଲ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୋ ଏବଂ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହିଥିଲେ । ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରୀ ହୋଇଥିବା ମୋବାଇଲ ସମ୍ପର୍କରେ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରିଥିଲା । ଜିଲ୍ଲା ପୁଲିସ ସାଇବର ଟିମ୍ ଉକ୍ତ ଚୋରୀ ମୋବାଇଲ ଗୁଡ଼ିକ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଉଦ୍ଧାର ହୋଇଥିବା ୧୦୫ଟି ମୋବାଇଲକୁ ଉପଯୁକ୍ତ ପ୍ରମାଣ ଯାଞ୍ଚ କରାଯାଇ ଆଜି ଅଭିଯୋଗକାରୀ ତଥା ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ଜିଲ୍ଲା ପୁଲିସର ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ଚୋରା ବାଇକ ଜବତ ; ଜଣେ ଗିରଫ



**ବ୍ରହ୍ମପୁର,୨୫।୭ (ସଂଚାର ବ୍ୟୁରୋ):** ଗୋପାଳପୁର ପୁଲିସ ଆଜି ୧୩ଟି ଚୋରି ବାଇକ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ଶୀତଳାପଲ୍ଲୀ ଗ୍ରାମର ସୁଶାନ୍ତ ସେଠୀ ବୋଲି ଜଣାପଡ଼ିଛି । ସୂଚନା ପ୍ରକାରେ ଗତକାଲି ଗୋପାଳପୁର ଷଣ୍ଢ ଛକ ନିକଟରେ ଏମ ଭି ଚେକିଂ ବେଳେ ସୁଶାନ୍ତ ବାଇକରେ ଦୃତ ଗତିରେ ଗୋପାଳପୁର ଠାରୁ କରାପଲ୍ଲୀ ଅଭିମୁଖେ ଯାଉଥିବା ବେଳେ ତାକୁ ପୁଲିସ ଅଟକାଇ ବାଇକ କାଗଜପତ୍ର ସହ ଡ଼ି.ଏଲ ମାଗିଥିଲେ । କିନ୍ତୁ କୌଣସି କାଗଜ ପତ୍ର ଏବଂ ଡ଼ି.ଏଲ ନଥିବାରୁ ଏହା ଏକ ଚୋରି ବାଇକ ଭାବି ବାଇକ ଜବତ କରିବା ସହ ଅଭିଯୁକ୍ତ ସୁଶାନ୍ତକୁ ଥାନାକୁ ଆଣି ପୋଲିସ୍ ପଚରା ଉଚରା କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ସୁଶାନ୍ତ ତାର ସାଙ୍ଗ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମର ଶିବ ରେଡି ସହ ମିଶି ଗତବର୍ଷ ୧୭/୧୨/୨୪ରେ ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ ପଡ଼ିଆରୁ ବାଇକଟି ଚୋରି କରିଥିବା କହିଥିଲା। ପୁଲିସକୁ ସନ୍ଦେହ ହେବାରୁ ଅଭିଯୁକ୍ତ ସୁଶାନ୍ତକୁ ଅଧିକ ପଚରା ଉଚରା କରାଯାଇଥିଲା । ପରେ ୧୩ ଟି ଚୋରି ବାଇକ ବିଭିନ୍ନ ଅଂଚଳରୁ ଚୋରି କରିଥିବା ସୁଶାନ୍ତ କହିଥିଲା। ପରେ ଚୋରି କରି ବିକ୍ରୀ କରିଥିବା ବାଇକ ମାଲିକଙ୍କ ନାମ ସହ ଠିକଣା କହିଥିଲା । ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏ ଏସ ଆଇ ଏମ.ଏନ. ସାହୁ, ଜି.ବି.ରେଡି,କେ.ମଧୁ ପ୍ରମୁଖ ଶୀତଳାପଲ୍ଲୀ ଗ୍ରାମରୁ ୫ଟି ବାଇକ,ବଡ଼ କୁଶସ୍ଥଳୀ ଗ୍ରାମରୁ ଗୋଟିଏ,ବ୍ରହ୍ମପୁର ଫାଷ୍ଟ ଗେଟରୁ ଗୋଟିଏ,ଅନ୍ୟ ୫ ଟି ବାଇକ ଅଭିଯୁକ୍ତ ସୁଶାନ୍ତ ଘର ପଛପଟୁ ଜବତ କରିଥିଲେ। ଚୋରି ବାଇକ କିଣି ଥିବା ମାଲିକକୁ ଥାନାକୁ ଆଣି ପଚରା ଉଚରା କରାଯାଇଥିଲା। ଚୋରି କରିଥିବା ମୁଖ୍ୟ ଅଭିଯୁକ୍ତ ସୁଶାନ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ବେଳେ ତାହାର ସହଯୋଗୀ ଶିବ ରେଡିକୁ ପୁଲିସ ଖୋଜା ଖୋଜି କରୁଥିବା ବେଳେ ଚୋରି ବାଇକ କିଣି ଥିବା ଲୋକଙ୍କୁ ସର୍ତ୍ତ ମୂଳକ ଜାମିନରେ ଛଡ଼ା ଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଗାଈ ଉପରକୁ ଏସିଡ୍ ମାଡ଼ ; ଥାନାରେ ମାମଲା ରୁଜୁ



**ବ୍ରହ୍ମପୁର,୨୫।୭ (ସଂଚାର ବ୍ୟୁରୋ):** ମରିଗଲା ମାନବିକତା। ବାଡ଼ରେ ପଶିଲା ବୋଲି ୬ଟି ଗାଈ ଉପରକୁ ଏସିଡ୍ ମାଡ଼ ହୋଇଛି। ସେଥିରେ ୪ ଗାଇ ଗୁରୁତର ଅସୁସ୍ଥ ଥିବା ଜଣାପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ଗାନ୍ଧିନଗରର ସ୍ଥିତ ମାରୁତି ବିହାର ୩ୟ ଲାଇନରେ। ମାରୁତି ବିହାର ଅଞ୍ଚଳର ଏମ.ରାମକୃଷ୍ଣା ୬ଟି ଗାଇ ଓ କିଛି ବାଛୁରୀକୁ ନେଇ ଗାଈ ଫାର୍ମ କରିଛନ୍ତି । ୪ଟି ଗାଇ ଚରିବା ପାଇଁ ବୁଲୁଥିବା ବେଳେ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଠିଆ ହେବା ପରେ ତାଙ୍କ ବାଡ଼ରେ ପଶିଯାଇଥିଲେ । ଏଥିରେ କ୍ରୋଧିତ ହୋଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଗାଇ ଗୁଡ଼ିକ ଉପରେ ଏସିଡ ଫୋପାଡ଼ି ଦେଇଥିଲେ । ଏସିଡ ମାଡ଼ରେ ଗାଇ ଗୁଡ଼ିକର ଚର୍ମ ବାହାରିବା ସହ ଅତ୍ୟନ୍ତ ଗୁରୁତର ହୋଇ ପଡ଼ିଥିଲେ। ପରେ ଏମ.ରାମକୃଷ୍ଣ ପଶୁ ଚିକିତ୍ସାଳୟରେ ଗାଇ ମାନଙ୍କର ଚିକିତ୍ସା କରାଇଥିଲେ । ଉକ୍ତ ଅଞ୍ଚଳର ରାଜେଶ କୁମାର ପଣ୍ଡା ନାମକ ଜଣେ ବ୍ୟକ୍ତି ଏମ.ରାମକୃଷ୍ଣଙ୍କ ଗାଈ ଉପରକୁ ଏସିଡ୍ ଫୋପାଡିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଏମକେସିଜିରେ ଅବ୍ୟବସ୍ଥା

# ଖସିଲା ସିଲିଂ, ରୋଗୀ ଭୟଭୀତ



**ବ୍ରହ୍ମପୁର,୨୫।୭ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏମକେସିଜି ମେଡିକାଲ ସୁପର ସ୍ପେଶାଲିଷ୍ଟ କୋଠାରୁ ପୁଣି ସିଲିଂ ଖସିଛି। କୋଠାର ଚତୁର୍ଥ ମହଲାରୁ ସିଲିଂ ଖସିଥିବା ଜଣାପଡିଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଏଭଳି ଘଟଣା ସାମ୍ନାକୁ ଆସିଛି। ଦକ୍ଷିଣ ଓଡ଼ିଶାର ବୃହତ୍ ଚିକିତ୍ସାଳୟ କୁହାଯାଉଥିବା ଏମକେସିଜିକୁ ବିଭିନ୍ନ ଅଞ୍ଚଳରୁ ଦୈନିକ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ହେଲେ ଏଠାକାର କୋଠାର ଆନୁସଙ୍ଗିକ ବ୍ୟବସ୍ଥା ଠିକ୍ ନଥିବାରୁ ରୋଗୀ ଏବେ ଭୟଭୀତ ହୋଇପଡିଛନ୍ତି।

ସିଲିଂ ଖସିବା ସହ ପାଣି ବି ପଡୁଥିବା ଜଣାପଡିଛି। କାମ ସରିବାର ୫ ମାସ ନ ପୁରୁଣୁ ସିଲିଂ ଖସିବା ସୁରକ୍ଷିତ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚମ ମହଲାର ଅବସ୍ଥା ମଧ୍ୟ ସଙ୍ଗୀନ ଥିବା କୁହାଯାଉଛି। ନର୍ସିଂ ଅଫିସର ଚାମ୍ବର ଭିତରେ ସିଲିଂ ଖସି ପାଣି ଗଳୁଛି । ନର୍ସିଂ ଷ୍ଟାଫ୍ ସମେତ ଅନ୍ୟ କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ରୋଗୀମାନେ ମଧ୍ୟ ଭୟଭୀତ ହୋଇ ପଡିଛନ୍ତି। କେତେବେଳେ ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ଉପରେ ସିଲିଂ ଖସି ଅଘଟଣ ଘଟିବା ଆଶଙ୍କା କରିଛନ୍ତି। ଗତ ଦୁଇ ବର୍ଷ ପୂର୍ବେ ବାରମ୍ବାର ସିଲିଂ ଖସିଥିଲା। ସେତେବେଳେ କିଛି ରୋଗୀ ଆହତ ହୋଇଥିଲେ। ଏହାପରେ କୋଟି କୋଟି ଟଙ୍କାର ଖର୍ଚ୍ଚରେ ପୁରା କୋଠାର ସିଲିଂ ବଦଳାଇବାକୁ ନିଷ୍ପତି ହୋଇଥିଲା। ଏବେ ଏହି କାର୍ଯ୍ୟ ଜାରି ରହିଥିବା ବେଳେ ଆଜି ପୁଣି ସିଲିଂ ଖସିଛି । ନିମ୍ନମାନର ସିଲିଂ ନିର୍ମାଣ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ତଦନ୍ତ କରାଯାଉଥିବା ମେଡ଼ିକାଲ କର୍ତ୍ତୃପକ୍ଷ କହିଛନ୍ତି।

## ପୀଡ଼ିତାଙ୍କ ମା'ଙ୍କୁ ଧମକ ଦେବା ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର,୨୫।୭ (ସଂଚାର ବ୍ୟୁରୋ):** ମାମଲା ଉଠାଇଦେବାକୁ ପିଡ଼ିତାଙ୍କ ମାଆକୁ ଧମକ ଦେବା ଅଭିଯୋଗରେ ଗୋଷାଣୀନୁଆ ଗାଁ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମାନସ କୁମାର ପ୍ରଧାନ (୩୨)। ସୂଚନାଯୋଗ୍ୟ ଯେ, ୨୦୨୩ ମସିହାରେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲେ ମାନସ। କିଛି ମାସ ଜେଲରେ ରହିବା ପରେ ସେ ଜାମିନରେ ମୁକୁଳିଥିଲେ। ଜାମିନରେ ମୁକୁଳିବା ପରେ ପୁଣି ପିଡ଼ିତାକୁ ହଇରାଣ କରିବା ସହ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏପରି କି ତାଙ୍କ ନାମରେ ଦେଉଥିବା କେସ୍ ଉଠାଇଦେବାକୁ ଧମକ ଦେଇଆସୁଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର,୨୫।୭ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅତିରିକ୍ତ ଉପଜିଲ୍ଲାପାଳ ଛତ୍ରପୁର ତଥା ଭାରପ୍ରାପ୍ତ ବ୍ରହ୍ମପୁର ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦାଙ୍କ ଅଧକ୍ଷତାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା , ବ୍ରହ୍ମପୁର ଟାଉନ ଏସଡିପିଓ ପ୍ରୀୟସ ରଞ୍ଜନ ଛୋଟରାୟ , ଟ୍ରାଫିକ ଡିଏସପି ତ୍ରିପତି ଚୌଧୁରୀ ମଞ୍ଚାସିନ ଥିଲେ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ




ଘ୪.୩୦ମିରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବ୍ରହ୍ମପୁର ସହରରେ ରାମଧୁନ ପରିବେଷଣ କରାଯିବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ସକାଳ ୭ଘଣ୍ଟାରେ ପତାକା ଉତୋଳନ କରିବେ । ସକାଳ ୯ ଘଣ୍ଟା ୧୫ ମିନିଟ୍‌ରେ ଉକ୍ତ ଦିନ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍ ଠାରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ପ୍ୟାରେଡ୍ ଅଭ୍ୟାସ ନିମନ୍ତେ ଆସନ୍ତା ୧୧ ଓ ୧୨ ତାରିଖ ଅପରାହ୍ନ ୩ଘଣ୍ଟା ଏବଂ ୧୩ ତାରିଖ ସକାଳ ୮ଘଣ୍ଟା ସମୟରେ ଅଭ୍ୟାସ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ସ୍ୱାଧୀନତା ଦିବସ ନିମନ୍ତେ ଆସନ୍ତା ୨ ତାରିଖରେ ଚିତ୍ରାଙ୍କନ ଓ ଓଡ଼ିଆ ରଚନା ପ୍ରତିଯୋଗିତା ଏବଂ ୩ ତାରିଖରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଉପଜଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସକାଳ ୮ଘଣ୍ଟା ସମୟରେ ଆୟୋଜିତ ହେବ।

## ପୌର ପରିଷଦ ବୈଠକ ଅଧାରୁ ବାତିଲ

# ନିର୍ବାହୀ ଅଧିକାରୀଙ୍କ ଉପରେ ବିଧାୟକ ଖପ୍ପା



**ନୟାଗଡ଼,୨୫।୭ (ସଂଚାର ବ୍ୟୁରୋ):** ନୟାଗଡ଼ ପୌର ପରିଷଦ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ଉପରେ ଖପ୍ପା ହୋଇଛନ୍ତି । ନୟାଗଡ଼ ସହରରେ ବିକାଶ ମୂଳକ କାର୍ଯ୍ୟ ଏକ ପ୍ରକାର ଠପ ହୋଇଥିବାରୁ ବିଧାୟକ ଅସନ୍ତୋଷ

### କାମ ହେଉନି, ବିକାଶ ଠପ୍

ବ୍ୟକ୍ତ କରିଛନ୍ତି । କାମ ନହେଲେ ଜନଆନ୍ଦୋଳନ ତୀବ୍ର ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି ।

ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୂପମା ଖିଟେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକ ଆଜି ହଟଗୋଳରୁ ଆରମ୍ଭ ହୋଇ ଅଧାରୁ ବାତିଲ ହୋଇଛି। ନୟାଗଡ଼ ପରିମଳ ବ୍ୟବସ୍ଥା, ଆଲୋକିକରଣ କାର୍ଯ୍ୟ, ବଲାଙ୍ଗୀପାର୍କ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କାଉନସିଲର ଓ ବିଧାୟକ ସହର ବିକାଶ ମୂଳକ କାର୍ଯ୍ୟ ଠପ ହୋଇଥିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ନିର୍ବାଚନ ପରଠାରୁ କୌଣସି ଉନ୍ନୟନ ତଥା ବିକାଶ ମୂଳକ କାର୍ଯ୍ୟ ହେଉନଥିବାରୁ କାଉନସିଲରମାନେ କହିଥିଲେ। ଯାହାକୁ ନେଇ ଚାପା ଅସନ୍ତୋଷ ଦେଖା ସହ ବିଧାୟକ ଓ କାଉନସିଲରମାନେ ବୈଠକକୁ ଅଧାରୁ ବାତିଲ କରିଥିଲେ ।

ଅନେକ କାର୍ଯ୍ୟ କରିବାକୁ ଦୀର୍ଘଦିନ ତଳୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ବିଧାୟକ ଡ. ସାହୁ ଗଣମାଧମକୁ କହିଛନ୍ତି । ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅନୁରୋଧ ପରେ ନୟାଗଡ଼ ବିକାଶକୁ ଅଣଦେଖା କରାଯାଉଥିବା ବିଧାୟକ କହିଛନ୍ତି । ଆଗାମୀ ଦିନରେ ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଗଲେ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ଦେଇଛନ୍ତି ।

## ନୀଳଗିରିରେ ଲଜ୍ଜା

# ଗାଧୋଇବାକୁ ଯାଇଥିବା ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ

**ନୀଳଗିରି,୨୫।୭ (ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ଦୈନନ୍ଦିନ ଦୁଷ୍କର୍ମ, ଅସଦାଚରଣ, ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସୁଥିବା ବେଳେ ଏବେ ଏହି ଘଟଣାର ଚିତ୍ର ନୀଳଗିରି ଅଞ୍ଚଳରେ ଦେଖିବାକୁ ମିଳିଛି।

ଗୁରୁବାର ମଧାହ୍ନରେ ନୀଳଗିରି ବ୍ଲକ୍ ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ସରୁଚମ୍ପା ଗ୍ରାମର ଜୈନିକ ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ଉକ୍ତ ଗ୍ରାମର ଶଙ୍କରା ହେମ୍ବ୍ରମ (୨୧), ବାସୁ ହେମ୍ବ୍ରମ(୨୬) ଠୁଲୁକାୟ ମୁର୍ମୁ(୩୦) ଏବଂ ସାମ୍ବା କିସ୍କୁ(୩୦) ନାମକ ଚାରିଜଣ ଯୁବକ ଯୁବତୀ ଜଣକୁ ଏକୁଟିଆ ପାଇ ଟଣାଉଟୁରା କରିବା ସହିତ ଯୁବତୀଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ଏପରିକି ପୋଖରୀରେ ବୁଡାଇ ମାରିଦେବାକୁ ଉଦ୍ୟମ କରିଥିବା ବେଳେ କୌଶଳକରି ଯୁବତୀ ଜଣକ ସେମାନଙ୍କ ନିକଟରୁ ଖସି ଆସି ପାଟି କରିବାରୁ ଯୁବକମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଯିବାବେଳେ ଘଟଣା ପ୍ରଘଟକଲେ ଜୀବନରୁ ମାରିଦେବାର ଧମକ ଦେଇଥିଲେ।

ଯୁବତୀ ଜଣକ ପରିବାରରେ ଘଟଣା ସମ୍ପର୍କରେ ଅବଗତ କଲାପରେ ପରିବାର ଲୋକ ତାଙ୍କୁ ହସ୍ପିଟାଲ ଆଣି ଚିକିତ୍ସା କରିବା ସହିତ ଯୁବତୀ ଜଣକ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବରହମପୁର ଥାନାଅଧିକାରିଣୀ ପ୍ରେମଦା ନାୟକ ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ ଚାରିଜଣ ଯୁବକଙ୍କୁ ଗିରଫ କରିଥିଲେ। ତଦନ୍ତକାରୀ ଅଫିସର ନନ୍ଦକିଶୋର ବଳ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛନ୍ତି। ଏନେଇ ବରହମପୁର ଥାନାରେ ୯୩/୨୫ରେ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସରସ୍ୱତୀ ଶିଶୁମନ୍ଦିର ବୋରିଗୁମ୍ମାଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



**ବୋରିଗୁମ୍ମା,୨୫।୭ (ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ ସରସ୍ୱତୀ ଶିଶୁ ମନ୍ଦିର ବୋରିଗୁମ୍ମା ଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ମୁଖ୍ୟ ବିଚାରକ ଭାବେ ପ୍ରଦ୍ମଭୂଷଣ ଦାସ (ଭୈରବ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧାପକ), ଗୌତମ ପାତ୍ର (କାଠରଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ), ନୃସିଂହ ଚରଣ ନାୟକ ( ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ, ବୈକୁଣ୍ଠନାଥ ବେହେରା (କାମରା କ୍ଲୋଷ୍ଟର ସି.ଆର୍.ସି) ଯୋଗଦେଇଥିଲେ। ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ଗଣିତ ଓ ବିଜ୍ଞାନରେ ମୋଟ ୧୨୨ଟି ପ୍ରକଳ୍ପରେ ଶିଶୁ ଭାଗ ନେଇଥିଲେ। ଏହା ସହିତ ବିଜ୍ଞାନ, ଗଣିତ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ମଧ ହୋଇଥିଲା । ଏହି ବିଦ୍ୟାଳୟ ସ୍ତରୀୟ ମେଳାରେ କୃତକାର୍ଯ୍ୟ ହୋଇଥିବା ମୋଟ ୩୯ଜଣ ଶିଶୁ ଆଗକୁ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗନେବେ । ଶିଶୁ ମନ୍ଦିର ପ୍ରଧାନଅଚାର୍ଯ୍ୟା ମମତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ହୋଇଥିଲା । ବିଜ୍ଞାନ ଗୁରୁମା ସୁଶ୍ରୀ ତନୁଜା ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

## ପାଣି ଟାଙ୍କିରେ ମାଙ୍କଡ: ଦୂଷିତ ପାଣି ପିଉଛନ୍ତି ଗୁପେଶ୍ୱରବାସୀ

**ଜୟପୁର,୨୫।୭ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଗୁପ୍ତେଶ୍ୱରରେ ପାନୀୟ ଜଳର ଅବ୍ୟବସ୍ଥା । ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଠାରେ ଶ୍ରାବଣ ମାସରେ ହଜାର ହଜାର ଭକ୍ତ ଜଳାଭିଷେକ ପାଇଁ ଭିଡ଼ । ଏହା ସହ ଗୁପ୍ତେଶ୍ୱର ଠାରେ ବହୁ ଭକ୍ତ ଏବଂ ବ୍ୟବସାୟୀ ରହୁଛନ୍ତି । ସ୍ଥିତି ଅନୁଧାନ ପାଇଁ ରାଜ୍ୟ ଠାରୁ ବ୍ଲକ ସ୍ତରୀୟ ଅଧିକାରୀଙ୍କ ବାରମ୍ବାର ଗସ୍ତ କିନ୍ତୁ ଫଳ ଶୂନ । ଗୁପ୍ତେଶ୍ୱର ଠାରେ ଥିବା ପାନୀୟ ଜଳ ଟାଙ୍କିରୁ ପଚା ଦୁର୍ଗନ୍ଧ ପାଣି ବାହାରୁଥିବା



ଅଭିଯୋଗ । ପାଣି ଟାଙ୍କିର ଠାଙ୍କୁଣି ମଧ ତିନି ବର୍ଷରୁ ଉର୍ଦ୍ଧ ହେବ ନାହିଁ ଫଳରେ ବହୁ ସମୟରେ ପାଣି ଟାଙ୍କ ରେ ବିଭିନ୍ନ ଆବର୍ଜନା ପଡି ଦୁର୍ଗନ୍ଧ ହେଉଥିବା ନେଇ ଅଭିଯୋଗ ପରେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିଲେ। ଫଳରେ ଏବେ ମଧ ପାଣି ଟାଙ୍କି ଖୋଲା ରହିବା ଫଳରେ ଏବେ ଏକ ମାଙ୍କଡ଼ ପଡି ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହୋଇଛି। ଏନେଇ ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କ ପଚାରିବାରୁ ଅଭିଯୋଗ ଆସିଛି ପାଣି ଟାଙ୍କି ସଫା ନେଇ ପଦକ୍ଷପ ନେବେ ବୋଲି ସୂଚନା ଦେଇଛନ୍ତି । ତେବେ ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଠାରେ ଅଧିକାରୀଙ୍କ ଅବହେଳାକୁ ନେଇ ସ୍ଥାନୀୟ ଅଂଚଳରେ ଆନ୍ଦଳନ ଦାନା ବାନ୍ଧୁଛି।

# ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନବରଙ୍ଗପୁର,୨୫।୭ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ବନ ବିଭାଗର ଚରକବନ ଠାରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସୁଚନା ଅନୁଯାୟୀ ଡ଼ା ଶୁଭଙ୍କର ମହାପାତ୍ରଙ୍କୁ ସୁନ୍ଦରଗଡ଼ ଜିଲ୍ଲାପାଳ ରୂପେ ବଦଳି ଆଦେଶ ହୋଇଛି ଏବଂ ନବରଙ୍ଗପୁର ଜିଲ୍ଲାପାଳ ରୂପେ ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ ଯୋଗ ଦେବେ। ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ପ୍ରାୟ ସମସ୍ତ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସମାରୋହରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଡି ଏଫ୍ ଓ ଶୁଭେନ୍ଦୁ ପ୍ରସାଦ ବେହେରା, ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପିଏ, ଆଇଟିଡିଏ ରାଜୀବ ଲୋଚନ



ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଜରୁରୀ ଶାଖା ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରି ଅଧିକାରୀମାନଙ୍କୁ ଜିଲ୍ଲାପାଳଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉପରେ ନିଜର ମତାମତ, ଅନୁଭୂତିକୁ ପ୍ରକାଶ କରିବାକୁ କହିଥିଲେ।

ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ବକ୍ତବ୍ୟରେ ଜିଲ୍ଲାପାଳଙ୍କ ଦିଗଦର୍ଶନ, ପରାମର୍ଶ, କାର୍ଯ୍ୟଶୈଳୀ ଓ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ସଦିଚ୍ଛା ଉପହାର ଦେଇ ଅଧିକାରୀମାନେ ସମ୍ବର୍ଦ୍ଧନା ଜଣାଇ ଦେଇଥିଲେ। ପରେ ସମସ୍ତେ ନୈଶ୍ୟ ଭୋଜିରେ ଯୋଗ ଦେଇଥିଲେ।

## ନୂତନ ଓଡିଶା ନିର୍ମାଣରେ ଭୂମିକା ଶୀର୍ଷକ ଆଲୋଚନା ଚକ୍ର

**ବାଲିଅନ୍ତା,୨୫।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲକାଟି ସ୍ଥିତ ନିର୍ମାଣ ଏଜୁକେସନ ଟ୍ରଷ୍ଟ ଅଡିଟୋରିୟମରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଉତ୍କଳ ଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଏକ ଦିନକିଆ ଆଲୋଚନା ଚକ୍ର "ନୂତନ ଓଡ଼ିଶାର ନିର୍ମାଣରେ ଭୂମିକା" ଶୀର୍ଷକ ଆଲୋଚନା ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ନାୟକ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଯୁବକମାନେ ନିଶାମୁକ୍ତ ଓ ମୋବାଇଲରେ ଅଧିକ ସମୟ ଅଯଥାରେ ନଦେଇ ନିଜର ପଠନ ସହିତ କିଛି କିଛି ସମୟ ସମାଜ ପାଇଁ କାର୍ଯ୍ୟ କରିବା ନେଇ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ ତାଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀଙ୍କ ସମାଜରେ ସମାନତା, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନତା ସୃଷ୍ଟି ହେଲେ ରାଜ୍ୟ ଓ ଦେଶର ବିକାଶ ଘଟିବ । ଅନ୍ୟତମ ଅତିଥି ଭାବେ ସିଦ୍ଧେଶ୍ୱର ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀ ନିଜ ନିଜ କର୍ମକୁ ଭଲ ପାଇବା ଆଗ୍ରହ ସହକାରେ କାର୍ଯ୍ୟ କଲେ ସମାଜର ବିକାଶ ହେବ । ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରିବେଶ ପାଇଁ କାର୍ଯ୍ୟରତ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇଙ୍କୁ ଉତ୍କଳ ଜୟଦେବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା ।




## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ନାଉଗାଁ,୨୫।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମର ଘନଶ୍ୟାମ ପାଢ଼ୀଙ୍କର ୮୦ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ପାଢ଼ୀ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟରେ ସମ୍ପ୍ରସାରଣ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଅବସର ପରେ ନିଜ ଗ୍ରାମରେ ରହୁଥିଲେ। ସେ ଜଣେ ସମାଜସେବୀ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବା ପରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ଚିନ୍ତାମଣି ପର୍ବତ ଗୋସ୍ୱାମୀ, ତିହୁଡା ଗୁରୁକୃପା କୁଟୀରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ, ଡା. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଜାମୁଗାଁ ସରପଞ୍ଚ ଶୁଭ୍ରସ୍ମୃତୀ ପରିଡ଼ା, ଡାବର ସମିତି ସଭ୍ୟ ସୁବଳ ବେହେରା, ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ, ତୁଷାର କୁଅଁର, ନିରଞ୍ଜନ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ ଦିପକ ଉପସ୍ଥିତ ଥିଲେ।

## ନର୍ସିଂ ଛାତ୍ରୀଙ୍କ ଫଟୋ ଭାଇରାଲ ଘଟଣା: ଜେଲ ଗଲେ ଦୁଇ ଅଭିଯୁକ୍ତ

**ରାଇଘର,୨୫।୭ (ସଂଚାର ବ୍ୟୁରୋ):** କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ନର୍ସିଂ ଛାତ୍ରୀଙ୍କୁ ସଂକଟାପନ୍ନ ଅବସ୍ଥାରେ ଗତକାଲି ସନ୍ଧ୍ୟାରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ପହଞ୍ଚିବା ପରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଚିକିତ୍ସା ଆରମ୍ଭ କରିଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ମାମଲାରେ ଏକତରଫା ପ୍ରେମ କରି ଭିଡିଓ ଭାଇରାଲ୍ କରିଥିବା ଅଭିଯୁକ୍ତ ସତ୍ୟଜିତ ସରକାରକୁ ପୁଲିସ ଗତକାଲି ଦଶପଲ୍ଲାରୁ ଗିରଫ କରି ରାଇଘର ଆଣିଛି। ସେହିପରି ଜୟପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ଉଦ୍ଧବ ନାୟକକୁ ବି ରାଇଘର ଆଣି ପଚରାଉଚରା ଆରମ୍ଭ କରିଛି ପୁଲିସ କିଭଳି ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଅଭିଯୁକ୍ତଙ୍କୁ ମିଳିଲା ସେନେଇ ଉଭୟଙ୍କୁ ଜେରା କରି ଗିରଫକରି କୋର୍ଟ ଚଲାଣ କରି ଥିବାର ସୂଚନା ଦେଲେ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ । ଅପରପକ୍ଷରେ ପୀଡ଼ିତା ଛାତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସରୁ ଏୟାର ଲିଫ୍ଟ କରି ନୂଆଦିଲ୍ଲୀ ଏମ୍ସ ନେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ମାତୃ ଆଶ୍ରୟ ଆଶ୍ରମର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ।


ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ସାକ୍ଷାତ କରିଛନ୍ତି।

● ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

# ଅନଲାଇନ୍‌ରେ ୧୦୦୦ ଜଣଙ୍କ ପଞ୍ଜୀକରଣ ଶେଷ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଆସନ୍ତା ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ୧ ହଜାର ଜଣ ଆବେଦନକାରୀ ସେମାନଙ୍କ ନାମ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିସାରିଛନ୍ତି। ଏହି ପଞ୍ଜୀକରଣ ଆଜି ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବେଳେ ସର୍ବାଧିକ ହଜାରେ ଜଣ ପଞ୍ଜୀକରଣ କରିସାରିବା ପର୍ଯ୍ୟନ୍ତ ଖୋଲା ରହିଥିଲା। ଜନସାଧାରଣ ଜନଶୁଣାଣି ପୋର୍ଟାଲ ବା ଜନଶୁଣାଣି ମୋବାଇଲ ଆପ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଆସନ୍ତା ୨୮ ତାରିଖ ପ୍ରାତଃ ୮ଟାରୁ ସ୍ଥାନୀୟ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଜନସାଧାରଣ ପଞ୍ଜୀକୃତ ପରେ ପାଇତିବା ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

# ବାରିପଦାରେ ସହରାଞ୍ଚଳ ବିକାଶ ପାଇଁ ପ୍ରୟାସ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାର ଏକ ମୁଖ୍ୟ ସହର ବାରିପଦାର ସମୟୋଚିତ ଓ ସ୍ଥାୟୀ ଉନ୍ନତିକୁ ନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବାରିପଦା ସହରର ବିକାଶ ପାଇଁ ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସହର ଭାବେ ବାରିପଦାକୁ ଗଠନମୂଳକ ଓ ସମନ୍ୱିତ ଉନ୍ନୟନ ମାଧ୍ୟମରେ ଗଢ଼ି ତୋଳିବାର ଆବଶ୍ୟକତା ରହିଛି। ବୈଠକରେ ଏକ ଯୁଗ୍ମ ବୈଷୟିକ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏହା ବାରିପଦା ସହର ପାଇଁ ଏକ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ସହାୟକ ହେବ। କମିଟି ଭୂ-ଉପଯୋଗ, ଭୌଗୋଳିକ ତଥ୍ୟ, ବିଭିନ୍ନ ଢାଞ୍ଚାର ଅବସ୍ଥାପନା ଓ ସାଧାରଣ ଅଭିଳାଷା ସହ ରାଜ୍ୟ ଯୋଜନାର ସମନ୍ୱୟ କରି ଏକ ଭବିଷ୍ୟତ ନକ୍ସା ପ୍ରସ୍ତୁତ କରିବ ବୋଲି ବୈଠକରେ ସୂଚନା ଦିଆଯାଇଛି।




ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ଭାରତୀୟ ରେଳ, ଜାତୀୟ ରାଜପଥ, ୱାଟ୍‌କୋ ଅଧିକାରୀଙ୍କ ସମେତ ନଗର ଯୋଜନା ବିଶେଷଜ୍ଞ ଓ ଅନ୍ୟାନ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଭବିଷ୍ୟତ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭୂ-ଉପଯୋଗ ଯୋଜନା, ରେଳ ଓ ରାଜପଥ ସଂଯୋଗ ସହ ନଗର ଯାତାୟାତ ଓ ଗତିଶୀଳତା, ପାନୀୟଜଳ, ଆବାସ ଯୋଜନା ଓ ଆବଶ୍ୟକ ପୂର୍ବକ ଅବସ୍ଥାପନା, ବାରିପଦାର ସାଂସ୍କୃତିକ ଓ ପ୍ରାକୃତିକ ପରିଚୟ ରକ୍ଷା ପାଇଁ ଭୌଗୋଳିକ ବ୍ୟବସ୍ଥାପନା ସହ ରାଜ୍ୟର 'ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣରେ ନିୟୋଜିତ ଓ ସମନ୍ୱିତ ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ମନ୍ତ୍ରୀ ଡ. ମହାପାତ୍ର କହିଥିଲେ ଯେ ବାରିପଦା ଅନେକ ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ଏହାକୁ ଏକ ଆଧୁନିକ, ସୁବ୍ୟବସ୍ଥିତ ଓ ଅନୁକୂଳ ସହର ଭାବେ ବିକଶିତ କରିବା ଆମର ଲକ୍ଷ୍ୟ। ଏହି ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ପାରଦର୍ଶିତାକୁ ସୁନିଶ୍ଚିତ କରାଯିବ। ବାରିପଦାର ଆଗାମୀ ନଗର ରୂପରେଖ ପ୍ରସ୍ତୁତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଷ୍ଟ୍ରୀୟ ସଭାପତିଙ୍କୁ ଭେଟି ରିପୋର୍ଟ କାର୍ଡ ଦେଲେ ଝାରସୁଗୁଡ଼ା ବିଧାୟକ

**ଝାରସୁଗୁଡ଼ା,୨୫।୭(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଶୁକ୍ରବାର ନୂଆଦିଲ୍ଲୀଠାରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ସାକ୍ଷାତ କରି ବିଗତ ବର୍ଷକ ମଧ୍ୟରେ ତାଙ୍କ ନିର୍ବାଚନମଣ୍ଡଳୀରେ କରିଥିବା ଉନ୍ନୟନ ମୂଳକ କାର୍ଯ୍ୟର ଏକ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଧାୟକ ହିସାବରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀ ପାଇଁ କି କି କାର୍ଯ୍ୟ କରିଛନ୍ତି, ତାହା ଏହି ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ରିପୋର୍ଟ କାର୍ଡ ପୁସ୍ତକ ପାଇ ଶ୍ରୀ ନଡ୍ଡା ଖୁସି ବ୍ୟକ୍ତ କରିବା ସହ ଏଥିପାଇଁ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଧନ୍ୟବାଦ ଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ଦଳର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବିଏଲ୍ ସନ୍ତୋଷଙ୍କୁ ସାକ୍ଷାତ କରି ତାଙ୍କୁ ମଧ୍ୟ ନିର୍ବାଚନମଣ୍ଡଳୀରେ କରିଥିବା ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ସୂଚନା ଦେବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।




# ଭାରତ-ବ୍ରିଟେନ୍ ଏଫ୍‌ଟିଏରୁ ଉପକୃତ ହେବ ଓଡ଼ିଶା

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଗତକାଲି ସ୍ୱାକ୍ଷରିତ ହେବା ପରେ ଓଡ଼ିଶା ସମେତ ଦେଶର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ପାଇଁ ବ୍ୟବସାୟର ଅପାର ସମ୍ଭାବନା ସୃଷ୍ଟି ହୋଇଛି। ବିଶେଷକରି ସାମୁଦ୍ରିକ ଖାଦ୍ୟ ଓ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡ଼ିଶାକୁ ଏହି ବାଣିଜ୍ୟିକ ରାଜିନାମାର ଫାଇଦା ମିଳିବ। ଏହି ଚୁକ୍ତି ଦ୍ୱାରା ଓଡ଼ିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ପାଇଁ ବ୍ରିଟେନରେ ଏକ ବଡ଼ ବଜାର ସୃଷ୍ଟି ହୋଇପାରିବ। ପାରାଦୀପ ଓ ବାଲେଶ୍ୱର ଭଳି ସ୍ଥାନରୁ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ, ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଓ ମତ୍ସ୍ୟପାଳନ ଉଦ୍ୟୋଗ ଲାଭାନ୍ୱିତ ହୋଇପାରିବ।



ପୂର୍ବରୁ ଭାରତରୁ ବ୍ରିଟେନକୁ ଚିଙ୍ଗୁଡ଼ି ଭଳି ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି ହେଉଥିଲେ ହେଁ ଅଧିକ ଶୁଳ୍କ କାରଣରୁ ବ୍ରିଟେନର ୫.୪ ବିଲିୟନ ଆମେରିକୀୟ ଡଲାର ସାମୁଦ୍ରିକ ଉତ୍ପାଦ ରପ୍ତାନିରେ ଭାରତର ଅଂଶଧନ ମାତ୍ର ୨.୫ ପ୍ରତିଶତ ଥିଲା। ଗତ ୨୦୨୪-୨୫ରେ ଭାରତରୁ ୧୦୪.୪୩ ନିୟୁତ ଡଲାର ସାମୁଦ୍ରିକ ଉତ୍ପାଦ ରପ୍ତାନି ହୋଇଥିବା ବେଳେ ଏଥିରେ ଚିଙ୍ଗୁଡ଼ିର ଭାଗ ୭୭ ପ୍ରତିଶତ ରହିଛି। ପୂର୍ବରୁ ଭାରତରୁ ରପ୍ତାନି ହେଉଥିବା ଚିଙ୍ଗୁଡ଼ି ଉପରେ ୪.୨ରୁ ୮.୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିଲା। ସେହିପରି ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଉପରେ ଶୁଳ୍କ ପରିମାଣ ୨୧.୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। କିନ୍ତୁ ଏଫ୍‌ଟିଏ ସ୍ୱାକ୍ଷରିତ ହେବା ପରେ ଭାରତର ୯୯ ପ୍ରତିଶତ ସାମୁଦ୍ରିକ ଉତ୍ପାଦ ବ୍ରିଟେନ୍ ବଜାରରେ ନିଃଶୁଳ୍କ କାରବାର ସୁବିଧା ମିଳିବ। ଫଳରେ ଦେଶର ସାମୁଦ୍ରିକ ରପ୍ତାନି ଓ କାରବାର ଦ୍ୱିଗୁଣିତ ହେବା ଆଶା କରାଯାଉଛି। ଏହାଦ୍ୱାରା ଓଡ଼ିଶା ସମେତ ସବୁ ଉପକୂଳବର୍ତ୍ତୀ ରାଜ୍ୟ ବିଶେଷ ଲାଭ ପାଇବେ। ଓଡ଼ିଶାରେ ରପ୍ତାନି ଆଧାରିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରପ୍ତାନିକାରୀମାନଙ୍କୁ ଭଲ ମୂଲ୍ୟ ମିଳିବ ଏବଂ ମତ୍ସ୍ୟଜୀବୀଙ୍କର ଆୟ ବୃଦ୍ଧି ପାଇବ। ସେହିପରି ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗରେ ନିୟୋଜିତ ମହିଳା ମଧ୍ୟ ଅଧିକ ରୋଜଗାର କରିପାରିବେ।

| ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନେଇ ସରକାର ସଙ୍କଳ୍ପବଦ୍ଧ: ମନ୍ତ୍ରୀ |

# ପ୍ରକଳ୍ପ ବିଳମ୍ବିତ ହେଲେ ଜରିମାନା

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ସ୍ୱଚ୍ଛ ନିରାପଦ ପାନୀୟ ଜଳ ହେଉଛି ଏକ ମୌଳିକ ଆବଶ୍ୟକତା। ସମଗ୍ର ରାଜ୍ୟବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ। ରାଜ୍ୟରେ ଏବେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ଏଥିସହ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ ମଧ୍ୟ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା କରାଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

ସମ୍ପ୍ରତି ରାଜ୍ୟରେ ଚାଲିଥିବା ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ନୂଆପଡ଼ା ଜିଲ୍ଲାର ସମସ୍ତ ଗ୍ରାମ 'ହର ଘର ଜଳ ଯୋଜନା'ରେ ସାମିଲ୍ ହୋଇସାରିଛି। ଏହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ସରକାରୀ ସ୍ତରରେ ଏହି ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସାରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ, ଆସନ୍ତା ମାସରେ ୨୧ଟି, ସେପ୍ଟେମ୍ବର ୩୦ ତାରିଖ ପୂର୍ବରୁ ୧୧ଟି ଓ ଡିସେମ୍ବର ପୂର୍ବରୁ ୨୨ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି। ଏଥିସହ ରାଜ୍ୟରେ ପାନୀୟ ଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା ପାଇଁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। ସେହିପରି ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ସକାଶେ ରାଜ୍ୟର ୫ ଲକ୍ଷ ୨୭ ହଜାର ୫୭୦ ନଳକୂପ/ସାନିଟାରି ୱେଲ୍, ୨୧ ହଜାର ୪୦୧ ପ୍ରଡକ୍ସନ ୱେଲ୍ ଓ ୧୫ ହଜାର ୧୫୫ଟି ଓଭରହେଡ୍ ଟ୍ୟାଙ୍କକୁ ଲଗାତାର ବିଶୁଦ୍ଧିକରଣ କରାଯାଉଛି। ପୂର୍ବ ବର୍ଷରେ ମଞ୍ଜୁର ହୋଇଥିବା ୨୯ ହଜାର ୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ କାର୍ଯ୍ୟକ୍ଷମ ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରକଳ୍ପ କାର୍ଯ୍ୟ ଶେଷ ନ ହେଲେ, ସମ୍ପୃକ୍ତ ଏଜେନ୍ସି ଉପରେ ଜରିମାନା କରାଯିବ। ଏଥିସହ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ମଧ୍ୟ ଉତ୍ତରଦାୟିତ୍ୱ ସ୍ଥିର କରାଯିବ ।

# କ୍ୟୁଆଇ ଅଲ୍ଲି ଆଇଟିପିଆଇ (ଓଡ଼ିଶା ଚାପ୍ଟର) ଅଧ୍ୟକ୍ଷ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଇନଷ୍ଟିଚ୍ୟୁଟ୍ ଅଫ ଟାଉନ ପ୍ଲାନର୍ସ ଇଣ୍ଡିଆ (ଆଇଟିପିଆଇ-ଓଡ଼ିଶା ଚାପ୍ଟର)ର ସାଧାରଣ ବାର୍ଷିକ ପରିଷଦ ବୈଠକରେ ଦୁଇ ବର୍ଷ ପାଇଁ ମହମ୍ମଦ କ୍ୟୁସାର ଇକବାଲ ଅଲ୍ଲିଙ୍କୁ ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ବର୍ତ୍ତମାନ ସେ ବିଡିଏର ପ୍ଲାନିଂ ମେମ୍ବର ଭାବେ କାର୍ଯ୍ୟ କରୁଛନ୍ତି।



ବୈଠକରେ ପରିଷଦର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଯୋଗଦେଇଥିବା ସଦସ୍ୟମାନେ ସମ୍ମୁଖୀନ ହେଉଥିବା ନିଯୁକ୍ତି ସଂକଟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ସକାଶେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି।

## ୩୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଜେଆର୍‌ଏ

**କଟକ,୨୫।୭(ସଂଚାର ବ୍ୟୁରୋ):** ୩୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ (ଜେଆର୍‌ଏ)। ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜେଆର୍‌ଏ ସୌରଭ ତ୍ରିପାଠୀ ଏକ ସାର୍ଟିଫିକେଟ ଦେବା ସକାଶେ ଏହି ଲାଞ୍ଚ ନେଉଥିଲେ। ଅଭିଯୋଗକାରୀ ଜଣଙ୍କ ତାଙ୍କୁ ବାରମ୍ବାର ନିବେଦନ କରିଆସୁଥିଲେ ମଧ୍ୟ ଶ୍ରୀ ତ୍ରିପାଠୀ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଏହି ସାର୍ଟିଫିକେଟ୍ ପ୍ରଦାନ କରୁନଥିଲେ। ଶେଷରେ ସେ ଅଭିଯୋଗକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଜଣଙ୍କ ଭିଜିଲାନ୍ସରେ ପହଞ୍ଚି ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଭିଜିଲାନ୍ସ ଅଧିକାରୀମାନଙ୍କ ସହଯୋଗରେ ଅଭିଯୋଗକାରୀ ଜଣଙ୍କ ଆଜି ଶ୍ରୀ ତ୍ରିପାଠୀଙ୍କୁ ଉକ୍ତ ଟଙ୍କା ଲାଞ୍ଚ ଦେଉଥିବା ସମୟରେ ପ୍ରମାଣ ସହ ଧରାପଡ଼ିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ତ୍ରିପାଠୀ ଗତ ବର୍ଷ ମାର୍ଚ୍ଚରେ ଚାକିରିରେ ଯୋଗ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା

# ୯୪୪ ରୋଗୀଙ୍କୁ ମିଳିଲା ଅତ୍ୟାଧୁନିକ ଚିକିତ୍ସା ସୁବିଧା

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସଫଳ ରୂପାୟନ ସ୍ୱରୂପ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଦୂରଦୂରାନ୍ତ ଅଞ୍ଚଳ ଅଧିବାସୀଙ୍କ ନିମନ୍ତେ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ଗତ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ୧୧ ଜଣ ବିଶେଷଜ୍ଞ ଏହି ଶିବିରରେ ଯୋଗଦେଇ ଉଚ୍ଚମାନର ଚିକିତ୍ସା ସୁବିଧା ଚିହ୍ନଟ ହୋଇଥିବା ରୋଗୀଙ୍କୁ ଯୋଗାଇଦେଇଛନ୍ତି। ଶିବିର ପାଇଁ ନୂଆପଡ଼ା ଜିଲ୍ଲା ହସ୍ପିଟାଲକୁ ଅତ୍ୟାଧୁନିକ ରୋଗ ନିରୂପଣ ଯନ୍ତ୍ରପାତି ମଧ୍ୟ ପଠାଯାଇଛି। ଶିବିରରେ ୯୪୪ ଜଣ ରୋଗୀ ଚିକିତ୍ସା ସୁବିଧା ପାଇଥିଲେ। ସେମାନଙ୍କ ମଧ୍ୟରେ ୟୁରୋଲୋଜି ବିଭାଗରେ ୬୯, ସ୍ନାୟୁରୋଗ ବିଭାଗରେ ୩୭୪, ନେଫ୍ରୋଲୋଜିରେ ୧୧୨, ହୃଦ୍‌ରୋଗରେ ୧୬୪, ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋରୋଲୋଜିରେ ୧୫୩, ଏଣ୍ଡ୍ରୋକ୍ରାଇନୋଲୋଜିରେ ୭୨ ଜଣଙ୍କର ସଫଳ ଚିକିତ୍ସା କରାଯାଇଛି। ଏଥିସହ ୬୧ ଜଣଙ୍କର ଇକୋ-କାର୍ଡିଓଗ୍ରାଫି, ୧୩୬ ଜଣଙ୍କର ଇସିଜି, ୧୨ ଜଣଙ୍କର ଏଣ୍ଡୋସ୍କୋପି, ୨୪ ଜଣଙ୍କର ଅଲଟ୍ରାସାଉଣ୍ଡ, ୮୯ ଜଣଙ୍କର ଏକ୍ସ-ରେ ଓ ୫୨୧ ଜଣଙ୍କର ବିଭିନ୍ନ ପ୍ରକାର ଖର୍ଚ୍ଚବହୁଳ ରୋଗ ନିରୂପଣ ପରୀକ୍ଷା କରାଯାଇଛି।

# ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇଁ ଉଚ୍ଚସ୍ତରୀୟ ବୈଠକ

**ରାଉରକେଲା,୨୫।୭(ସଂଚାର ବ୍ୟୁରୋ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସମ୍ପ୍ରସାରଣ ପାଇଁ ଆଜି ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ ବୈଠକରେ ୩୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୦୦ ଏକର ପରିମିତ ଜମିରେ କିଭଳି କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ହୋଇପାରିବ, ସେଥିପାଇଁ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ, ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆର୍‌ଏସ୍‌ପି ସମ୍ପ୍ରସାରିତ ହେବା ଦ୍ୱାରା ଏହାର ଉତ୍ପାଦନ କ୍ଷମତା ୪.୫ ମେଟ୍ରିକ ଟନରୁ ୯ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇବ। ଏହାଦ୍ୱାରା କାରଖାନାରେ ଆହୁରି ୯ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦେଓଗାଁ ସାଇଟରେ ଥିବା ୧୨୦୦ ଏକର ଜମିକୁ ନେଇ ଏହି ସମ୍ପ୍ରସାରଣ କାର୍ଯ୍ୟ କରାଯିବ। ସେଠାରେ ଥିବା ୮ଟି ବସ୍ତିବାସିନ୍ଦାଙ୍କୁ ପ୍ରଥମେ ଥଇଥାନ କରାଯିବା ପରେ ଉଚ୍ଛେଦ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ରାଜ୍ୟର କୋଣଅନୁକୋଣରେ ପହଞ୍ଚିଛି ଏକାଡେମୀ: ମନ୍ତ୍ରୀ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଆଜି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି ଯେ ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଏକଡେମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଗତ ଏକ ବର୍ଷ ମଧ୍ୟରେ ଅନେକ ନୂତନ କାର୍ଯ୍ୟକ୍ରମ ଏକାଡେମୀ ପକ୍ଷରୁ କରାଯାଇଛି। କେନ୍ଦୁଝରରେ ମହାନ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ, ମୟୂରଭଞ୍ଜ ରାଇରଙ୍ଗପୁରଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ, କେନ୍ଦୁବିଲ୍ୱଠାରେ ମହାକବି ଜୟଦେବଙ୍କ ଜୟନ୍ତୀ ସହ ପୂର୍ବାଞ୍ଚଳ ଲେଖକ ସମ୍ମିଳନୀର ଆୟୋଜନ, ଓଡ଼ିଆ ପକ୍ଷ ପାଳନ ସମୟରେ ଯୁବ ଲେଖକ ସମ୍ମିଳନୀ ଓ ଅନେକ ପୁସ୍ତକ ପ୍ରକାଶନ ସହ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଏଥିସହ ଏକାଡେମୀ ପକ୍ଷରୁ ୪୦ରୁ ଅଧିକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ଏକାଡେମୀ ନିଜର କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚିପାରିଛି। ଏକ ନୂତନ ସାହିତ୍ୟ ଅନୁରାଗୀ ପିଢ଼ି ଗଠନ କରିବାରେ ଏକାଡେମୀ ସଫଳ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।। ଏଥିସହ ଡିଜିଟାଲ ଓ ଏଆଇ ପ୍ଲାଟଫର୍ମରେ ଓଡ଼ିଆ ଭାଷାକୁ ସାମିଲ୍ କରାଇବା ସହ ଏହାକୁ ବିଶ୍ୱବିଦିତ କରାଇବା ଦିଗରେ ନିରନ୍ତର ପ୍ରୟାସ ଜାରି ରହିବା ଉଚିତ ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେତେକ ପ୍ରଥିତଯଶା ଲେଖକଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଛି। ଏହାଛଡ଼ା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକ ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୦ ହଜାର ଟଙ୍କା ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୫ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗ ବରିଷ୍ଠ ଅଧିକାରୀ, ବହୁ ସାହିତ୍ୟିକଉପସ୍ଥିତ ଥିଲେ।




# ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୮୭୦ କୋଟିର ନିବେଶ ପ୍ରସ୍ତାବକୁ ଅନୁମୋଦନ

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ଅକ୍ଷୟ ଶକ୍ତି କ୍ଷେତ୍ରରେ ଆଜି ଓଡ଼ିଶା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟରେ ଏହି କ୍ଷେତ୍ରରେ ପ୍ରାୟ ୮୭୦ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ଅର୍ଥରେ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ ସ୍ଥାପିତ ହେବ। ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରୀଡକୋ ଓ ଓଏଚପିସି ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ରେନା)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ବୈଠକରେ ଉପସ୍ଥାପନ କରିଥିବା ବେଳେ ବ୍ୟାପକ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ସେଗୁଡ଼ିକୁ ଅନୁମୋଦନ ଦେଇଛି।



ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲାର ତେଲକୋଇଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁରର ପାପଡ଼ାହାଣ୍ଡିରେ ଏନ୍‌ଏଲ୍‌ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ଆଦି ପ୍ରମୁଖ। ଏହି ପ୍ରକଳ୍ପ ସମେତ ଅଦ୍ୟାବଧି ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧୮୪୪.୮୬ ମେଗାୱାଟ୍ କ୍ଷମତାବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨୫୯୯.୭୯ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୧ ବିଲିୟନ ଡଲାର ଟପିଲା ସୁନ୍ଦର ପିଚାଇଙ୍କ ସମ୍ପତ୍ତି

## ବ୍ରାଉଜରର ପଛରେ କୋଟିପତି

**ନୂଆଦିଲ୍ଲୀ,୨୫।୭:** ଆଲଫାବେଟ୍ ସିଇଓ ସୁନ୍ଦର ପିଚାଇ ଏକ ବଡ଼ ଆର୍ଥିକ ସଫଳତାର ଶୃଙ୍ଗକୁ ଛୁଇଁଛନ୍ତି। ଯେଉଁଠାରେ ତାଙ୍କର ମୋଟ ସମ୍ପତ୍ତି (ନେଟ୍ ୱର୍ଥ) ବ୍ଲୁମବର୍ଗ ବିଲିୟନେର୍ସ ଇଣ୍ଡେକ୍ସ ଅନୁଯାୟୀ ୧.୧ ବିଲିୟନ ଡଲାରକୁ ଅତିକ୍ରମ କରିଛି। ଏହାର ମୁଖ୍ୟ କାରଣ ଆଲଫାବେଟ୍ ଷ୍ଟକର ମୂଲ୍ୟ ବୃଦ୍ଧି ରହିଛି।
୨୦୨୩ର ଆରମ୍ଭ ସହିତ ଆଲଫାବେଟ୍ ଷ୍ଟକର ମୂଲ୍ୟ ବୃଦ୍ଧି ଆସିଛି, ଯାହା କମ୍ପାନୀକୁ ୧ ଟ୍ରିଲିୟନ ଡଲାରରୁ ଅଧିକ ବଜାର ମୂଲ୍ୟ ଦେଇଛି। ଏହି ଅବଧିରେ ଷ୍ଟକ ବିନିଯୋଗକାରୀଙ୍କୁ ପ୍ରାୟ ୧୨୦% ଫଳ ଦେଇଛି ଏବଂ ବର୍ତ୍ତମାନ ତାଙ୍କର ସର୍ବୋଚ୍ଚ ମୂଲ୍ୟ ନିକଟରେ ଟ୍ରେଡ୍ ହେଉଛି। ଏହା କମ୍ପାନୀର ଟପ୍ କର୍ମଚାରୀ, ସୁନ୍ଦର ପିଚାଇଙ୍କ ସମେତ ଅନେକଙ୍କୁ ଲାଭ ଦେଇଛି। ଗୁରୁବାର ଆଲଫାବେଟ୍ ପ୍ରଥମ କ୍ୱାର୍ଟରର ବିକ୍ରୟ ଓ ଲାଭ ବିବରଣୀ ପ୍ରକାଶ କରିଥିଲା, ଯାହା ବିଶ୍ଳେଷକଙ୍କ ଅପେକ୍ଷା ଭଲ ଥିବାରୁ ଷ୍ଟକର ମୂଲ୍ୟ ୪.୧% ବୃଦ୍ଧି ପାଇଥିଲା। ବର୍ତ୍ତମାନ ୧୨:୧୧ ସକାଳ ସମୟରେ ଷ୍ଟକ ୧.୫୩% ବୃଦ୍ଧି ସହିତ ୧୯୪.୪୪ ଡଲାରରେ ଟ୍ରେଡ ହେଉଛି।
୫୩ ବର୍ଷୀୟ ପିଚାଇ ଆଲଫାବେଟର ୦.୦୨% ଶେୟାର ରଖିଛନ୍ତି, ଯାହା ବର୍ତ୍ତମାନ ୪୪୦ ମିଲିୟନ ଡଲାରରେ ରହିଛି। ଗତ ୧୦ ବର୍ଷରେ ସେ ୬୫୦ ମିଲିୟନ ଡଲାରରୁ ଅଧିକ ଷ୍ଟକ ବିକ୍ରି କରିଛନ୍ତି। ଯଦି ସେ ସମସ୍ତ ଷ୍ଟକ ଧରି ରଖୁଥା'ନ୍ତେ, ବ୍ଲୁମବର୍ଗ ଅନୁମାନ କରୁଛି ତାଙ୍କର ଅଂଶ ବର୍ତ୍ତମାନ ମୂଲ୍ୟରେ ୨.୫ ବିଲିୟନ ଡଲାରରୁ ଅଧିକ ହୋଇଥା'ନ୍ତା।
ତାମିଲନାଡୁ, ଭାରତରେ ଜନ୍ମଗ୍ରହଣ କରିଥିବା ପିଚାଇଙ୍କର ଶୁଭାରମ୍ଭ ସିଲିକନ ଭାଲିର କର୍ପୋରେଟ୍ ଅଫିସରୁ ଦୂରରେ ଥିଲା। ସେ ଏକ ନମ୍ର ଦୁଇ କକ୍ଷ ଘରରେ ସୀମିତ ସମ୍ପଦ ସହିତ ବୃଦ୍ଧି ପାଇଥିଲେ।




ତାଙ୍କର ପରିବାରର କୌଣସି କାର ନଥିଲା ଓ ୧୨ ବର୍ଷ ବୟସରେ ପ୍ରଥମ ଲ୍ୟାଣ୍ଡଲାଇନ୍ ଫୋନ ଲଗାଇଥିଲେ। ୧୯୯୩ରେ ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟରୁ ସ୍କଲାରସିପ୍ ପାଇ ଅମେରିକା ଯାତ୍ରା ଆରମ୍ଭ କରିଥିଲେ, ଯେଉଁମାନଙ୍କ ପାଇଁ ପରିବାର ତାଙ୍କର ବାପାଙ୍କର ୧,୦୦୦ ଡଲାର ବାର୍ଷିକ ଆୟରୁ ଅଧିକ ଖର୍ଚ୍ଚ କରିଥିଲା।
୨୦୦୪ରେ ଗୁଗଲରେ ଯୋଗଦେଇ ପିଚାଇ ସ୍ଥିର ଭାବେ ଉନ୍ନତି କରିଥିଲେ। ସେ କ୍ରୋମ୍ ବ୍ରାଉଜର ଓ ଆଣ୍ଡ୍ରଏଡ୍ ଡିଭିଜନର ବିକାଶରେ ମୁଖ୍ୟ ଭୂମିକା ନିଭାଇଥିଲେ। ୨୦୧୫ରେ ଗୁଗଲର ସିଇଓ ଓ ୨୦୧୯ରେ ଆଲଫାବେଟ୍ ସିଇଓ ଭାବେ ନିଯୁକ୍ତ ହୋଇଥିଲେ।
ପିଚାଇଙ୍କ ନେତୃତ୍ୱରେ ଆଲଫାବେଟ୍ ଏଆଇରେ ଗୁରୁତ୍ୱ ଦେଇଛି। ୨୦୧୪ରେ ଲଣ୍ଡନସ୍ଥିତ ଏଆଇ ଫର୍ମ ଡିପମାଇଣ୍ଡକୁ ୪୦୦ ମିଲିୟନ ଡଲାରରେ କ୍ରୟ କରିଥିଲେ। ୨୦୨୪ରେ ଆଲଫାବେଟ୍ ଏଆଇରେ ୫୦ ବିଲିୟନ ଡଲାର ବିନିଯୋଗ କରିଛି, ଯେଉଁଠାରେ ଡାଟା କେନ୍ଦ୍ର, ଶକ୍ତି ସଞ୍ଚାର ସଂରଚନା ଓ ସେମିକଣ୍ଡକ୍ଟର କ୍ରୟ ଅନ୍ତର୍ଭୁକ୍ତ। ସାମ୍ପ୍ରତିକ ସମୟରେ ୨.୪ ବିଲିୟନ ଡଲାରରେ କୋଡ଼ିଂ ଷ୍ଟାର୍ଟଅପ ୱିଣ୍ଡସର୍ଫର କର୍ମଚାରୀ ଓ ଲାଇସେନ୍ସ କ୍ରୟ କରିଛି।

## ବ୍ଲାକ୍ ଫ୍ରାଇଡେ, ୭୨୧ ପଏଣ୍ଟ ଖସିଲା ସେନ୍‌ସେକ୍ସ

# ନିବେଶକଙ୍କ ୬.୫ ଲକ୍ଷ କୋଟି ସ୍ୱାହା



**ନୂଆଦିଲ୍ଲୀ,୨୫।୭:** ଭାରତୀୟ ସେୟାର ବଜାର ଜୁଲାଇ ୨୫ରେ ଲଗାତାର ଦ୍ୱିତୀୟ ଦିନରେ ବଡ଼ ହ୍ରାସ ସହ ବନ୍ଦ ହୋଇଛି । ବିଏସ୍‌ଇ ସେନ୍‌ସେକ୍ସ ୭୨୧.୦୮ ଅଙ୍କ ବା ୦.୮୮ ପ୍ରତିଶତ ହ୍ରାସ ପାଇ ୮୧,୪୬୩.୦୯ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ୨୨୫.୧୦ ଅଙ୍କ ବା ୦.୯୦ ପ୍ରତିଶତ ଖସି ୨୪,୮୩୭ ସ୍ତରରେ ପହଞ୍ଚିଛି । ଦୁଇ ଦିନ ଭିତରେ ସେନ୍‌ସେକ୍ସ ୧୨୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି । କମ୍ପାନିର ଦୁର୍ବଳ ତ୍ରୈମାସିକ ପରିଣାମ, ବିଦେଶୀ ନିବେଶକଙ୍କ ବିକ୍ରି ଓ ଗ୍ଲୋବାଲ୍ ମାର୍କେଟରେ ଦୁର୍ବଳ ସଂକେତ ଘରୋଇ ନିବେଶକଙ୍କ ସେଣ୍ଟିମେଣ୍ଟକୁ ଦୁର୍ବଳ କରିଛି । ଏହି କାରଣରୁ ସବୁ ସେକ୍ଟରରେ ବିକ୍ରି ଦେଖିବାକୁ ମିଳିଛି । ବ୍ରଡ଼ର ମାର୍କେଟ୍‌ରେ ବି ଆଜି ବଡ଼ ହ୍ରାସ ଦେଖିବାକୁ ମିଳିଛି । ବିଏସ୍‌ଇ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୧.୮୮ ପ୍ରତିଶତ ଓ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୧.୪୬ ପ୍ରତିଶତ ଖସି ବନ୍ଦ ହୋଇଛି । ସମସ୍ତ ସେକ୍ଟୋରାଲ୍ ଇଣ୍ଡେକ୍ସ ଆଜି ଲାଲ୍ ସଂକେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ବିକ୍ରି ଆଇଟି, ପାୱାର, ଆୟଲ୍ ଆଣ୍ଡ ଗ୍ୟାସ୍, ଫାଇନାନ୍ସିଆଲ୍ ଓ ୟୁଟିଲିଟି ସେୟାରରେ ଦେଖିବାକୁ ମିଳିଛି । ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ଜୁଲାଇ ୨୫ରେ ହ୍ରାସ ପାଇ ୪୫୧.୫୯ ଲକ୍ଷ କୋଟି ଟଙ୍କା ହୋଇଛି ।

## ଆଜିର ସୁନା ଦର



ସାମାନ୍ୟ କମିଲା ସୁନା ଦାମ୍ । ଜୁଲାଇ ୨୪ ଅର୍ଥାତ୍ ଗୁରୁବାର କମିଛି ସୁନା ଦାମ୍ । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦,୪୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୧୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୦,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୮୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୧୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୨୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୪୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୧୦୦ ଟଙ୍କା ରହିଛି ।

### ଆଗେଇବ ଜେଏସ୍‌ଡବ୍ଲ୍ୟୁ ପାରାଦୀପ ପ୍ରକଳ୍ପ

# ପ୍ରଥମ ପର୍ଯ୍ୟାୟରେ ୫ ଏମ୍‌ଟିପିଏ କାରଖାନା

**ଭୁବନେଶ୍ୱର,୨୫।୭(ସଂଚାର ବ୍ୟୁରୋ):** ବିଶିଷ୍ଟ ଶିଳ୍ପପତି ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ପ୍ରସ୍ତାବିତ ପାରାଦୀପ ଇସ୍ପାତ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ। କମ୍ପାନିର ଜଣେ ବରିଷ୍ଠ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ୨୦୩୦ ସୁଦ୍ଧା ଏହାର ଉତ୍ପାଦନ କ୍ଷମତାକୁ ବାର୍ଷିକ ୫୦ ନିୟୁତ ଟନ୍ ପର୍ଯ୍ୟନ୍ତ ବଢ଼ାଇବାକୁ ମହତ୍ୱକାଂକ୍ଷୀ ଲକ୍ଷ୍ୟ ରଖିଛି। ଏହାର ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ୍ ଅଧିଗ୍ରହଣକୁ ସୁପ୍ରିମ୍‌କୋର୍ଟ ବେଆଇନ ଘୋଷଣା କରିବା ପରେ କମ୍ପାନିର ଏହି ଲକ୍ଷ୍ୟ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ନିର୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ କମ୍ପାନି ଲାଗି ପାରାଦୀପ ପ୍ରକଳ୍ପ ଏବେ ଏକ ଆବଶ୍ୟକତାରେ ପରିଣତ ହୋଇଛି।
କମ୍ପାନିର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଜୟନ୍ତ ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ ପ୍ରଥମେ କମ୍ପାନି ସୁପ୍ରିମକୋର୍ଟର ରିଭ୍ୟୁ ପିଟିସନ୍ ଉପରେ ନଜର ରଖିବ। ଯଦି କୌଣସି କାରଣରୁ ତାହା କମ୍ପାନି ସପକ୍ଷରେ ଯିବାନହିଁ, ତେବେ ଏହା କ୍ଷମତା ସମ୍ପ୍ରସାରଣ କରିବା ଲାଗି ଅନ୍ୟ ଯୋଜନା ଉପରେ ବିଚାର କରିବ। ସେଥିରୁ ଗୋଟିଏ



ହେଉଛି ପାରାଦୀପର ନୂଆ ଇସ୍ପାତ ପ୍ରକଳ୍ପ। କମ୍ପାନିର ଲୁହାପଥର ଖଣିଠାରୁ ପାରାଦୀପର ପେଲେଟ୍ ପ୍ଲାଣ୍ଟ ପ୍ରକଳ୍ପ ପର୍ଯ୍ୟନ୍ତ ଏକ ସ୍ଲରି ପାଇପ୍‌ଲାଇନ୍ ନିର୍ମାଣ କରିବା କାର୍ଯ୍ୟ ଚାଲିଛି। ପ୍ରଥମ ପର୍ଯ୍ୟାୟରେ କମ୍ପାନି ପାରାଦୀପରେ ୫ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ବସାଇବ। ସେହି କାରଖାନାକୁ କମ୍ପାନିର ପେଲେଟ୍ ପ୍ଲାଣ୍ଟ ନିକଟରେ ସ୍ଥାପନ କରାଯିବ।
ଗତ ଫେବ୍ରୁଆରିରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ପାରାଦୀପରେ ଏକ ୧୩.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ବସାଇବା, ଏକ ସିମେଣ୍ଟ କାରଖାନା, ନିଜସ୍ୱ ପାୱାର ପ୍ଲାଣ୍ଟ୍ ଓ ପଣ୍ୟ ପରିବହନ ବ୍ୟବସ୍ଥା କରିବାରେ ୬୫ ହଜାର କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରାଯାଇଥିଲା। ଇଡ୍‌କୋ ପକ୍ଷରୁ ୨୯୫୮ ଏକର ଜମି ହସ୍ତାନ୍ତର କରାଯିବା ପରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ଇସ୍ପାତ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶାରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଦୁଇଟି ନିଜସ୍ୱ ଓ ଗୋଟିଏ ମର୍ଚାଣ୍ଟ ଲୁହାପଥର ଖଣି ରହିଛି। ନିକଟରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ସାଫ୍ରନ୍ ରିସୋର୍ସେସ୍‌କୁ ୬୭୯ କୋଟି ଟଙ୍କାରେ ଅଧିଗ୍ରହଣ କରାଯାଇଥିଲା। ସେହି କମ୍ପାନି ପାଖରେ ୮୮୭ ଏକର ଜମି ରହିଛି। ଏହି ଅଧଗ୍ରହଣ ଜେଏସ୍‌ଡବ୍ଲ୍ୟୁକୁ ଓଡ଼ିଶାରେ ନିଜ ଉପସ୍ଥିତିକୁ ବଢ଼ାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଋଣ ଯନ୍ତାରେ ପାକିସ୍ତାନ: ଗତବର୍ଷ ନେଇଛି ୨୬୭୦ କୋଟି ଡଲାର

**ନୂଆଦିଲ୍ଲୀ,୨୫।୭:** ପଡ଼ୋଶୀ ଦେଶ ପାକିସ୍ତାନର ଅର୍ଥନୀତି ଧୀରେ ଧୀରେ ଋଣ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛି। ଏହା ଏଭଳି ଏକ ଋଣ ଯନ୍ତାରେ ପଡ଼ିଛି, ଯେଉଁଠୁ ବାହାରିବା ସମ୍ଭବ ହେଉନାହିଁ। ଦେଶ ଚଲାଇବା ଲାଗି ଗତବର୍ଷ ପାକିସ୍ତାନ ୨୬୭୦ କୋଟି ଡଲାରର ଋଣ କରିଥିଲା। ପାକିସ୍ତାନ ବୈଦେଶିକ ମୁଦ୍ରା ଭଣ୍ଡାରରେ ୧୪୫୦ କୋଟି ଡଲାର ରହିଛି। ସେହି ରାଶିକୁ ଏହା ଋଣ ଜରିଆରେ ହାସଲ କରିଛି। ପାକିସ୍ତାନ ସରକାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍), ସାଉଦି ଆରବ, ଚୀନ୍, ୟୁଏଇ ଓ କୁଏତ୍‌ଠାରୁ ଋଣ ଆଣୁଛି। ଚୀନ୍ ଓ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି)ଠାରୁ ଏହା ଆଣିଥିବା ଋଣର ରିଫାଇନାନ୍ସ କରିଛି। ବଡ଼ ଚିନ୍ତାର ବିଷୟ ହେଉଛି ପାକିସ୍ତାନ ଆଣିଥିବା ଋଣର ସିଂହ ଭାଗକୁ ବଜେଟ୍ ଆବଶ୍ୟକତା ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ବାବଦରେ ବ୍ୟବହାର କରୁଛି। ସେଥିରୁ କୌଣସି ରୋଜଗାର ହେବା ଆଶା ନାହିଁ। ତେଣୁ ଋଣ ପରିଶୋଧ ଲାଗି ପାଣ୍ଠି ବାହାର କରିବା ପାଇଁ ପାକିସ୍ତାନ ପାଖରେ କୌଣସି ଠୋସ୍ ରଣନୀତି ନାହିଁ। ଏହା ଆଣିଥିବା ମୋଟ୍ ଋଣର ମାତ୍ର ୧୩ ପ୍ରତିଶତ ପ୍ରକଳ୍ପ ଲାଗି ପ୍ରଦାନ କରିଛି। ଯେଉଁ ହାରରେ ପାକିସ୍ତାନର ଋଣ ବଢ଼ୁଛି, ତାହା ଆଗାମୀ ଦିନରେ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଶଙ୍କା ସୃଷ୍ଟି କରିଛି। ଋଣ ଅନୁପାତ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୫ ପ୍ରତିଶତରୁ ଅଧିକ ରହିଲେ ତାହା ନିୟନ୍ତ୍ରଣ ବାହାରେ ବୋଲି ଧରି ନିଆଯାଏ। ପାକିସ୍ତାନ ଅର୍ଥ ମନ୍ତ୍ରଣାଳୟ ତଥ୍ୟ କହୁଛି, ପାକିସ୍ତାନ ଆହୁରି ତିନି ବର୍ଷ ସେହି ସ୍ତରରେ ରହିବ।



## ରିଅଲ୍‌ମି ୧୫ ସିରିଜ୍ ଲଞ୍ଚ୍

### ବଡ଼ ବ୍ୟାଟେରୀରେ ୨୨ ଘଣ୍ଟାର ଭିଡିଓ ଷ୍ଟ୍ରିମିଂ କରିପାରିବେ ଗ୍ରାହକ

**ନୂଆଦିଲ୍ଲୀ,୨୫।୭:** ଭାରତରେ ଲଞ୍ଚ ହୋଇଛି ରିୟଲମି-୧୫ ସିରିଜ୍। କମ୍ପାନୀ ରିଅଲ୍‌ମି ୧୫ ଏବଂ ରିଅଲ୍‌ମି ୧୫ ପ୍ରୋ ଲଞ୍ଚ କରିଛି। ନୂଆ ସ୍ମାର୍ଟଫୋନଗୁଡ଼ିକରେ ବଡ଼ ବ୍ୟାଟେରୀ, ସ୍ଲିମ୍ ଡିଜାଇନ୍ ଏବଂ ଏଆଇ-ଚାଳିତ ଫିଚର୍ସ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ପ୍ରି-ବୁକିଂ ଏବେ ଫ୍ଲିପକାର୍ଟ, ରିୟଲମି ଅଫିସିଆଲ୍ ଷ୍ଟୋର ଏବଂ ଖୁଚୁରା ଦୋକାନରେ ଆରମ୍ଭ ହୋଇଛି। ରିଅଲ୍‌ମି ୧୫ ପ୍ରୋ ଜୁଲାଇ ୩୦ ରୁ ଦିନ ୧୨ ଠାରୁ ବିକ୍ରି ଆରମ୍ଭ ହେବ। ଉଭୟ ଫୋନ୍ ଭେଲଭେଟ୍ ଗ୍ରୀନ୍, ସିଲ୍କ ପର୍ପଲ୍ ଏବଂ ଫ୍ଲୋଇଂ ସିଲଭର ରଙ୍ଗରେ ମାର୍କେଟରେ ଉପଲବ୍ଧ ହେବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୨ ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍ । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି ।



# ଦିନକୁ ୨୯ କିମି ସଡ଼କ ନିର୍ମାଣ: ୨୦୨୩-୨୪ ତୁଳନାରେ ୫ କିମି କମ୍

**ନୂଆଦିଲ୍ଲୀ,୨୫।୭:** ଆର୍ଥିକ ବର୍ଷ ୨୦୨୪-୨୫ରେ ଦୈନିକ ୨୯ କିମି ଜାତୀୟ ରାଜପଥ (ଏନ୍‌ଏଚ୍) ନିର୍ମାଣ କରାଯାଇଛି। ଏହା ୨୦୨୩-୨୪ରେ ଦୈନିକ ନିର୍ମାଣ ହୋଇଥିବା ୩୪ କିମ ଏନ୍‌ଏଚ୍ ତୁଳନାରେ ୫ କିମି ଏବଂ ୨୦୨୦-୨୧ରେ ନିର୍ମାଣ ହୋଇଥିବା ୩୭ କିମି ଏନ୍‌ଏଚ୍ ତୁଳନାରେ ୮ କିମି କମ୍। ସଂସଦରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ଦେଇଥିବା ସୂଚନା ଅନୁସାରେ ଗତ ଆର୍ଥିକ ବର୍ଷରେ ୧୦,୬୬୦ କିମି ନୂଆ ଏନ୍‌ଏଚ୍ ନିର୍ମାଣ କରାଯାଇଥିଲା। ଏହା ପୂର୍ବରୁ କିନ୍ତୁ ୨୦୨୨-୨୩ରେ ୧୦, ୩୩୧ କିମି ଓ ୨୦୨୩-୨୪ରେ ୧୨,୩୪୯ କିମି ଏନ୍‌ଏଚ୍ ତିଆରି କରାଯାଇଥିଲା। ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି ଯେ ହାଇସ୍ପିଡ୍ କରିଡର୍,



ଏକ୍ସପ୍ରେସ୍‌ୱେଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଆଧାରରେ ବିକାଶ କରାଯାଉଛି। ସେ ଜଣାଇଛନ୍ତି ଯେ ଭାରତମାଳା ପରିଯୋଜନା ଅଧୀନରେ ୨୬,୪୨୫ କିମି ସଡ଼କ ନିର୍ମାଣ ପାଇଁ ବରାଦ ଦିଆଯାଇଥିଲା। ସେଥରୁ ୨୦,୭୭୦ କିମିର ନିର୍ମାଣ କାମ ଶେଷ ହୋଇଛି। ୨୦୨୪-୨୫ରେ ସେଥିରୁ ୨୯୬୭ କିମି ରାସ୍ତା ତିଆରି ହୋଇଥିଲା। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୭୫୦୦ କିଲୋମିଟରର ୨୬ଟି ହାଇସ୍ପିଡ୍ କରିଡର୍ ପାଇଁ କାର୍ଯ୍ୟବରାଦ ଦିଆଯାଇଛି। ଏଥି ସହିତ ଆଉ ୬୦୦ କିମିର ପ୍ରକଳ୍ପ ମଞ୍ଜୁର ମଧ ହୋଇଛି। ଯେଉଁ ୪୮୦୦ କିମି ରାସ୍ତା ତିଆରି କରାଯାଇଛି, ସେଥିରୁ ୨୬୩୬ କିମି ସଡ଼କ କାର୍ଯ୍ୟକ୍ଷମ ହୋଇଛି। ଅବଶିଷ୍ଟ ସେକ୍ସନଗୁଡ଼ିକୁ ଆସନ୍ତା ଦୁଇ ବର୍ଷରେ ସମ୍ପୂର୍ଣ୍ଣ କରିବା ଯୋଜନା ରହିଛି।

● ରେଳଯାତ୍ରୀଙ୍କ ପାଇଁ ଖୁସି ଖବର

## ୮୦ ଟଙ୍କାରେ ପୁଷ୍ଟିକର ଶାକାହାରୀ ଖାଦ୍ୟ



**ନୂଆଦିଲ୍ଲୀ,୨୫।୭:** ରେଳଯାତ୍ରୀଙ୍କୁ ଏବେ ଯାତ୍ରା ସମୟରେ କେବଳ ଆରାମଦାୟକ ଯାତ୍ରା ନୁହେଁ, ବରଂ ସ୍ୱାଦିଷ୍ଟ, ସ୍ୱଚ୍ଛ ଏବଂ ଶସ୍ତା ଖାଦ୍ୟ ମଧ୍ୟ ମିଳିବ। ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଇଣ୍ଡିଆନ ରେଳବେ କ୍ୟାଟେରିଂ ଆଣ୍ଡ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଟଚଷ୍ଟୋନ ଫାଉଣ୍ଡେସନ (ଅକ୍ଷୟ ପାତ୍ର କିଚେନ) ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି।ଏହି ଚୁକ୍ତି ଅନୁସାରେ, ଏବେ ଯାତ୍ରୀମାନେ ମାତ୍ର ୮୦ ଟଙ୍କାରେ ପୁଷ୍ଟିକର ଓ ଶୁଦ୍ଧ ଶାକାହାରୀ ଖାଦ୍ୟ ପାଇପାରିବେ। ଏହି ପଦକ୍ଷେପ ବିଶେଷ କରି ସେହି ଯାତ୍ରୀମାନଙ୍କ ପାଇଁ ଆଶ୍ୱାସନା ସଂଦେଶ ଅଟେ, ଯେଉଁମାନେ ରେଳ ଯାତ୍ରା ସମୟରେ ଉଚ୍ଚମାନର ଓ ଭରସାଯୋଗ୍ୟ ଖାଦ୍ୟର ଖୋଜ କରିଥାନ୍ତି। ଏହି ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷର ଆଇଆରସିଟିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ଜୈନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଛି।

## ଅଗଷ୍ଟରୁ ବନ୍ଦ ହୋଇପାରେ ବଜାଜ ଚେତକ ସ୍କୁଟର ଓ ଗୋଗୋ ଅଟୋ ପ୍ରଡକ୍ସନ

**ନୂଆଦିଲ୍ଲୀ,୨୫।୭:** ରିୟର ଆର୍ଥ ମ୍ୟାଗ୍ନେଟର ଘୋର ଅଭାବ ଯୋଗୁ ଆସନ୍ତା ମାସ ଠାରୁ(ଅଗଷ୍ଟ ୨୦୨୫) ଇଲେକ୍ଟ୍ରିକ ସ୍କୁଟର ଚେତକ ଓ ଇଲେକ୍ଟ୍ରିକ ଥ୍ରୀ ହ୍ୱିଲର ପ୍ରଡକ୍ସନ ବନ୍ଦ କରିପାରେ ବଜାଜ ଅଟୋ କମ୍ପାନୀ। ବିରଳ ଖଣିଜ ଚୁମ୍ବକ ରପ୍ତାନୀ ଉପରେ ଚୀନ ରୋକ ଲଗାଇବା ପରେ ବର୍ତ୍ତମାନ କମ୍ପାନୀ ପାଖରେ ଏହାର ଷ୍ଟକ୍ ସରିବା ଉପରେ ହେଲାଣି। ତେଣୁ ଆସନ୍ତା ମାସରେ କମ୍ପାନୀ ଏହି ବଡ଼ ପଦକ୍ଷେପ ନେଇପାରେ। କମ୍ପାନୀର ଏମ୍‌ଡି ରାଜୀବ ବଜାଜ ଇକୋନୋମିକ୍ ଟାଇମ୍ସକୁ କହିଛନ୍ତି ଯେ ଜୁନ୍ ୨୦୨୫ରେ କମ୍ପାନୀ ଏହାର ପୂର୍ବ ଷ୍ଟକ୍ ରୁ ଇଭି ତିଆରି କରୁଥିଲା। କିନ୍ତୁ ଜୁଲାଇରେ ଏହା ଅଧା ହୋଇଗଲା। ଏବେ ଅଗଷ୍ଟରେ ଷ୍ଟକ୍ ଶେଷ ହେବାକୁ ବସିଛି। ଏଥିପାଇଁ ଇଭି ପ୍ରଡକ୍ସନ ଶୂନ୍ୟ ହୋଇପାରେ। ପ୍ରଡକ୍ସନ ବନ୍ଦ ହୋଇଗଲେ ଗତ କିଛି ମାସ ମଧ୍ୟରେ ଇଭି ବଜାରରେ ଶୀର୍ଷରେ ଥିବା ଚେତକ ଏବଂ ଗୋଗୋ ଏହା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବେ। ବଜାଜ ଅଟୋ ଭାରତର ଦ୍ୱିତୀୟ ସର୍ବବୃହତ ଇଲେକ୍ଟ୍ରିକ୍ ସ୍କୁଟର ନିର୍ମାତା। ଜୁନ୍ ମାସରେ, କମ୍ପାନୀ ୨୩,୦୦୪ ୟୁନିଟ୍ ବିକ୍ରି କରିଛି, ଯାହା ଗତ ବର୍ଷ ତୁଳନାରେ ୧୫୪% ଅଧିକ। କିନ୍ତୁ, ବିରଳ ପୃଥିବୀ ଚୁମ୍ବକର ଅଭାବ ଯୋଗୁ, ଜୁଲାଇରେ ଉତ୍ପାଦନ ଅଧା କରିବାକୁ ପଡିଲା। ଏହା ନିଶ୍ଚିତ ଭାବରେ ବିକ୍ରୟକୁ ପ୍ରଭାବିତ କରିବ। ଯଦି ଅଗଷ୍ଟ ମାସରେ ଉତ୍ପାଦନ ବନ୍ଦ ହୋଇଯାଏ, ତେବେ କମ୍ପାନୀର ବଜାର ଅଂଶ, ରାଜସ୍ୱ ଏବଂ (ଲାଭ) ଉପରେ ଏକ ବଡ଼ ଆଘାତ ଲାଗିବ। ରାଜୀବ ସ୍ୱୀକାର କରିଛନ୍ତି ଯେ ଇଭି ପୋର୍ଟଫୋଲିଓ ଏବେ ଲାଭ ଦେବା ଆରମ୍ଭ କରିଛି, କିନ୍ତୁ ଏହି ସଙ୍କଟ ସମସ୍ତ କଠିନ ପରିଶ୍ରମକୁ ନଷ୍ଟ କରିପାରେ।

### ୧୫ ହଜାର କର୍ମଚାରୀଙ୍କୁ କାହିଁକି ଛଟେଇ କଲା ମାଇକ୍ରୋସଫ୍ଟ

## ଚିଠିରେ ଭବିଷ୍ୟତ କଥା କହିଲେ ସତ୍ୟ ନାଡେଲା

**ନୂଆଦିଲ୍ଲୀ,୨୫।୭:** ଦୁନିଆର ବଡ଼ ସଫ୍ଟୱେର କମ୍ପାନି ମାଇକ୍ରୋସଫ୍ଟ ତାର ସଫଳତାର ଯାତ୍ରା ଜାରି ରଖିଛି। କମ୍ପାନିର ଆୟ ମଧ୍ୟ ଲଗାତାର ବୃଦ୍ଧି ପାଉଛି। ଏହା ସତ୍ତ୍ୱେ ଏହାର ୧୫ ହଜାର ଲୋକଙ୍କୁ ଚାକିରିରୁ ବାହାର କରାଯାଇଛି । ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଏହା ପଦକ୍ଷପେ ଉପରେ ଦୁଃଖ ପ୍ରକାଶ କରିଛନ୍ତି । ସେ ୨ ଲକ୍ଷରୁ ଅଧିକ ମାଇକ୍ରୋସଫ୍ଟ କର୍ମଚାରୀଙ୍କ ଏକ ଚିଠି ଲେଖିଛନ୍ତି । ଏଥିରେ ନିକଟରେ କମ୍ପାନି ଦ୍ୱାରା କରାଯାଇଥିବା ଛଟେଇ କଥା ଉଲ୍ଲେଖ କରିଛନ୍ତି। ଏହାସହ କେଉଁ କାରଣ ପାଇଁ ଏପରି କରାଗଲା, ସେ କଥା ମଧ୍ୟ ଉଲ୍ଲେଖ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଇକ୍ରୋସଫ୍ଟ ଏବେ କେବଳ ସଫ୍ଟୱେର କମ୍ପାନି ରହିବାକୁ ଚାହୁଁନାହିଁ। ରିପୋର୍ଟ ଅନୁସାରେ, ସତ୍ୟ ନାଡେଲା କମ୍ପାନିର କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ନିକଟରେ କମ୍ପାନି କରିଥିବା ଛଟେଇ ଉପରେ ସେ ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, "ଏହି ପଦକ୍ଷେପ ସବୁଠୁ କଠିନ ନିଷ୍ପତ୍ତି ମଧ୍ୟରୁ ଗୋଟିଏ। ଏହା ସେହି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି, ଯେଉଁମାନଙ୍କ ସହ କାମ କରିଥିଲୁ । ଆମ ସହକର୍ମୀ, ଟିମର ସାଥୀ ଏବଂ ବନ୍ଧୁ ।" ଚିଠିରେ ସତ୍ୟ ନାଡେଲା ଛଟେଇ ପଛର କାରଣ ବି କହିଛନ୍ତି । ମାଇକ୍ରୋସଫ୍ଟରେ ହୋଇଥିବା ଛଟେଇ ଉପରେ ସତ୍ୟ ନାଡେଲା କହିଛନ୍ତି ଯେ ଭବିଷ୍ୟତକୁ ଦେଖି କମ୍ପାନି କଷ୍ଟମର୍ସଙ୍କ ବଦଳୁଥିବା ଆବଶ୍ୟକତା ପୂରା କରିବାକୁ ପଡ଼ିବ । ସେ କହିଛନ୍ତି, କମ୍ପାନି ଏଆଇରେ ୮୦ ବିଲିୟନ ଡଲାର ନିବେଶ କରିବାକୁ ଯାଉଛି। ନାଡେଲା ଏହା ବି ସ୍ୱୀକାର କରିଛନ୍ତି ଯେ ଭବିଷ୍ୟତରେ ଲୋକ ନିଜର ଆଙ୍ଗୁଠିରେ ରିସର୍ଚ୍ଚର୍ସ, ଏକ୍ସପର୍ଟ କିମ୍ବା କୋଡିଂ ଏଜେଣ୍ଟଙ୍କୁ ଡାକି ପାରିବେ ।





## ଚର୍ଚ୍ଚାରେ କାଜଲ

# ଓଡିଶୀ ନୃତ୍ୟଶିଳ୍ପୀରୁ ଚଳଚ୍ଚିତ୍ର ଅଭିନେତ୍ରୀ

**ହିଞ୍ଜିଳିକାଟୁ,୨୫।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନୃତ୍ୟମ ଅନୁଷ୍ଠାନର ଛାତ୍ରୀ କାଜଲ ବେହେରା ନିଜର କଳାର ସାଧନାରେ ସୃଷ୍ଟି କରିପାରିଛନ୍ତି ନୂଆ ପରିଚୟ । ଓଡିଶୀ ନୃତ୍ୟଶିଳ୍ପୀରୁ ଚଳଚ୍ଚିତ୍ର ଅଭିନେତ୍ରୀ ପାଲଟିଛନ୍ତି। ସାଧନା ବଳରେ ଛୋଟ ବେଳୁ ନୃତ୍ୟ ପ୍ରତି ରୁଚି ରଖିଥିବା କାଜଲ ଆଜି ଅନେକ ସଫଳତା ସାଉଁଟି ପାରିଛନ୍ତି । ଓଡିଶୀ ନୃତ୍ୟପ୍ରତି ନିଜର ସାଧନା କାଜଲଙ୍କୁ ସଫଳତା ଆଡକୁ ଟାଣି ନେଇଛି । ଓଡିଶାର କେବଳ ଓଡିଶୀ ନୁହେଁ କଠଉ ନୃତ୍ୟ ଭଳି ପାଦରେ କାଠ ବାନ୍ଧି ଏକ ଭିନ୍ନ ଧରଣର ନୃତ୍ୟ କରି ସେ ଚର୍ଚ୍ଚାକୁ ଆସିପାରିଛନ୍ତି । ସେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅନେକ ଥର ନୃତ୍ୟ ପରିଦର୍ଶନ କରି ଅନେକ ପୁରସ୍କାର ହାତେଇଛନ୍ତି । କେବଳ ନୃତ୍ୟ ନୁହେଁ ଅଭିନୟ କ୍ଷେତ୍ରରେ ମଧ୍ୟ ସେ ନିଜର ଚମକ ଅନେକ ଚଳଚ୍ଚିତ୍ରରେ ଦେଖେଇସାରିଛନ୍ତି । ଜୀବନରେ ପ୍ରଥମ ଚଳଚିତ୍ର ଉପହାରରେ ଅଭିନୟ କରି ଅନ୍ତର୍ଜାତୀୟ ସ୍ତରରେ ସେ ଭଲ କଳାକାର ଭାବେ ସମ୍ମାନିତ ହୋଇଥିଲେ । ପରେ ପରେ ଅଶ୍ୱବର୍ଣ୍ଣ, ଅନିକ,ଅଦମ୍ୟ ଭଳି ବଡ ସିନେମାରେ କାମ କରି ନିଜର ଅଭିନୟର ଝଲକ ଦେଖାଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କ ସହ ଅଦମ୍ୟ ଚଳଚ୍ଚିତ୍ରରେ ଅଭିନୟ କରି ସିନେମା ହଲରେ ନିଜର ପାରଦର୍ଶୀତା ଦେଖାଇଥିଲେ ।ଗୋଟେ ପାର୍ଶ୍ୱରେ ପାଠ ପଢା ଅନ୍ୟପାର୍ଶ୍ୱରେ ଅଭିନୟ ଆଉ ନୃତ୍ୟ ନିଷ୍ଠପରତା,ନୀରବତା ଏବଂ ଧର୍ଯ୍ୟ ହିଁ କାଜଲଙ୍କ କଳାକ୍ଷେତ୍ରରେ ସଫଳତା ଆଣିଦେଇଛି । ନୃତ୍ୟମର ନିର୍ଦ୍ଦେଶକ ଗୁରୁ କୃଷ୍ଣ ଡିକେଙ୍କ ମାର୍ଗଦର୍ଶନରେ ଆଜି ପର୍ଯ୍ୟନ୍ତ ସଫଳତା ସାଉଁଟି ପାରିଛନ୍ତି ,ଯାହା ନୃତ୍ୟମ ଅନୁଷ୍ଠାନ ପାଇଁ ସମ୍ଭବ ହୋଇପାରିଛି ।

# ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କଟକଣା, ଲୋକେ ହନ୍ତସନ୍ତ

## ସାଇକେଲରେ ତେଲ ଟାଙ୍କିକୁ ଆସିଲା ପାଣିପମ୍ପ



**ବାଲିପାଟଣା,୨୫।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଅନ୍ୟପଟେ ବଲଙ୍ଗା ନାବାଳିକା ପୋଡ଼ି ଘଟଣା ପରେ ରାଜ୍ୟରେ ଯେତେବେଳେ ପ୍ଲାଷ୍ଟିକ ବୋତଲ ରେ ପେଟ୍ରୋଲ ମନା ଏକ ପ୍ରକାର ମନା କରିଛନ୍ତି ବା ବ୍ୟାନ୍ କରିଛନ୍ତି ସରକାର। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆଗରୁ ଜଣେ ବ୍ୟକ୍ତି ଙ୍କର ବାଇକ୍ ରୁ ପେଟ୍ରୋଲ ସରିଯିବା ପରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନ ମିଳିବାରୁ ସେ ଡାଲା ଅଟୋ ରେ ଟାଙ୍କିକୁ ଆଣିଥିଲେ। ସେହିପରି ଆଉ ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ର ବସନ୍ତମାଳ ଠାରେ।ଜଣେ ଚାଷୀଙ୍କର ପାଣି ପମ୍ପ ରୁ ପେଟ୍ରୋଲ ସରିଯିବା ପରେ ସାଇକେଲ୍ ରେ ପାଣି ପମ୍ପକୁ ଆଣି ପେଟ୍ରୋଲ ଭରିଥିଲେ। ପୂର୍ବରୁ ସେ ବୋତଲ କିମ୍ବା ଜାରକିନ୍ ରେ ପେଟ୍ରୋଲ ନେଇ ପମ୍ପ ଚଳାଉ ଥିଲେ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କଟକଣା ପରେ ଚାଷୀ ଜଣଙ୍କ ହତାଶ ହୋଇ ପାଣି ପମ୍ପ କୁ ଟାଙ୍କିକୁ ଆଣିଛନ୍ତି।

# ପୁସ୍ତକ ଉନ୍ମୋଚନ ଉତ୍ସବ



**କଣାସ,୨୫।୭ (ସଂଚାର ବ୍ୟୁରୋ):**କଣାସ ବ୍ଲକ୍ କାଦୁଆ ଗ୍ରାମ ପଞ୍ଚାୟତର ସାହାସପୁର ଠାରେ ଏକ କୁଇଜ୍, ଭାଷଣ ପୁସ୍ତକ ଉନ୍ମୋଚନ ହୋଇ ଯାଇଛି।ସାନଓରା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଦ୍ୱାରା ଲିଖିତ ଉକ୍ତ ପୁସ୍ତକକୁ ସାଧନ କେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ସାହୁ, ମାଳିସାହି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଦ୍ୱୈତ ବେହେରା, କଳାପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମନ ବେହେରା, ସାହସପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧୁଳିରାମ ବେହେରା, ହରଚଣ୍ଡୀ ଉପ୍ରା ପ୍ରଧାନ ଶିକ୍ଷକ ହେମନ୍ତ ପ୍ରଧାନ, ଜାଗୁଲେଇପଦର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉତ୍କଳ ପରିଡ଼ା, ଲେଖକ ଶ୍ରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷକ ରବିନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ନିମନ୍ତେ ଏହା ଉପାଦେୟ ହେବ ବୋଲି ସି.ଆ.ରସିସି ଶ୍ରୀ ସାହୁ କହିଛନ୍ତି।ସୂଚନା ଥାଉକି ଲେଖକ ଶ୍ରୀ ଶ୍ରୀଚନ୍ଦନଙ୍କର ପୂର୍ବରୁ ଅଠର ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି।

# ବିପୁଳ ପରିମାଣର ଧଳା ଜହର ଓ ଗଞ୍ଜେଇ ସହ ୨ ଚକିଆ ଯାନ ଜବତ

**ଜଗତସିଂହପୁର,୨୫।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷ ରେ ଅବକାରୀ କମିଶନର ଓ ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷୀକା ଶ୍ରୀମତୀ ଅନିତା ପ୍ରଧାନ, ସରକାରଙ୍କ ଚିଠି ସଂଖ୍ୟା ୫୧୦୦, ତା-୧୧.୦୯.୨୦୨୪ ଦ୍ୱାରା ପୂର୍ଣ୍ଣକାଳୀନ ନିୟମିତ ଅବକାରୀ ଅଧିକ୍ଷୀକା ଭାବେ ଯୋଗଦେବା ପରେ, ତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ବ୍ରାଉନସୁଗାର୍ ଓ ଗଞ୍ଜେଇ ସମେତ ୨୧ ଗୋଟି ଦୁଇଚାକିଆ ଯାନ ଜବତି କରିବାରେ ସକ୍ଷମ ହୋଇପାରିଛନ୍ତି। ଜଗତସିଂହପୁର ସ୍ଥିତ ଯୋଗଧରୀ ନୂଆ ବସ ଷ୍ଟାଣ୍ଡ ପାଖ ରୁ ୭୬ ଗ୍ରାମ୍ ବ୍ରାଉନସୁଗାର୍, ପିପିଏଲ୍ ଛକ, ପାରାଦୀପ ଠାରେ ୪୫ ଗ୍ରାମ୍ ବ୍ରାଉନସୁଗାର୍,ମାଣିତିରି ଗ୍ରାମର ଉତ୍ତରସାହି ଛକ, ବିରିଡ଼ି ୨.୩ କିଲୋ ଗଞ୍ଜେଇ,ଚାନ୍ଦୋଳ ଛକ, ଜଗତସିଂହପୁରରୁ ୭୮ ଗ୍ରାମ୍ ବ୍ରାଉନସୁଗାର୍,ବେରହିମ୍ ପୁର ଛକ, ଜଗତସିଂହପୁର ରୁ ୧୧୦ ଗ୍ରାମ୍ ବ୍ରାଉନସୁଗାର୍,ତାଳପଡା ଛକ, ତିର୍ତ୍ତୋଲ ୧୧.୬୦୦ କିଲୋଗଞ୍ଜେଇ, ବାଉରିଆପଲଣ୍ଡା ଛକ, ପାରାଦୀପରୁ ୧୮୦ ଗ୍ରାମ୍ ବ୍ରାଉନସୁଗାର୍ ସହ ଏକ ଦୁଇ ଚକିଆ ଯାନ, ସୀଙ୍ଘଟଲିଆ ଛକ, ବାଲିକୁଦାରୁ ୫୫ଗ୍ରାମ୍ ବ୍ରାଉନସୁଗାର୍ ସହ ଏକ ଦୁଇ ଚକିଆ ଯାନ,ସାଇ ମନ୍ଦିର ଛକ, ଗୋପାଳସାଗର, ଜଗତସିଂହପୁର୬୨ ଗ୍ରାମ୍ ବ୍ରାଉନସୁଗାର୍,ପାରାଦୀପଗଡ ବଜାର,ପାରାଦୀପ୧୨୦ ଗ୍ରାମ୍ ବ୍ରାଉନସୁଗାର୍ ଜବତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବମୋଟ ୭୨୬ ଗ୍ରାମ୍ ବ୍ରାଉନସୁଗାର୍ ଯାହାର ମୂଲ୍ୟ ପ୍ରାୟ ୭୨୬୦୦୦୦ ଟଙ୍କା, ଯାହା ଜଗତସିଂହପୁର ଜିଲ୍ଲାରେ ରେକର୍ଡ ସୃଷ୍ଟି କରିଛି।

## ଅବହେଳିତ ବୈଶିଙ୍ଗା ହସ୍ପିଟାଲ

# ନୂଆ ସରକାରରେ ବି ପରିବର୍ତ୍ତନ ଆଶା କ୍ଷୀଣ




**ବୈଶିଙ୍ଗା,୨୫।୭ (ସଂଚାର ବ୍ୟୁରୋ):** ସ୍ୱାଧୀନତା ପୂର୍ବରୁ ୧୯୨୫ ମସିହାରେ ବୈଶିଙ୍ଗା ଠାରେ ତତ୍କାଳୀନ ମହାରାଜାଙ୍କ ଦ୍ୱାରା ଯେଉଁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା ଶହେ ବର୍ଷ ବିତିଗଲା ପରେ ମଧ ସେହି ପୂର୍ବଭଳି ଆଜବେଷ୍ଟସ୍ ଛପର ଘରେ ସ୍ୱାସ୍ଥ୍ୟ ସେବା ଚାଲିଛି। ପୂର୍ବରୁ ୪ଜଣ ଡାକ୍ତର ସେବା ଯୋଗାଉ ଥିବା ବେଳେ ତା ମଧ୍ୟରୁ ଜଣେ ପ୍ରସୂତୀ ସହିତ ଶିଶୁ ବିଶେଷଜ୍ଞଙ୍କ ସେବା ଦେଉଥିବାର ନଜିର ରହିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରସ୍ତୁତ କରୁଛନ୍ତି ସତ ମାତ୍ର କାର୍ଯ୍ୟକାରୀ ଘରେ ଶୂନ। କେତେ ବିଧାୟକ, ସାଂସଦ, ମନ୍ତ୍ରୀ, ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ସାରିଲେଣି କିନ୍ତୁ ଡାକ୍ତରଖାନା ପ୍ରତି କାହାରି ଇଚ୍ଛାଶକ୍ତି ନ ଥିବାର ଜଣାଯାଇଛି।

୨୫ ବର୍ଷର ବିଜେଡି ସରକାରୀ ଦଳର ଗଣ୍ଡା ଗଣ୍ଡା ନେତା ନିର୍ବାଚନ ଆସିଲେ ସବୁ ସମାଧାନ ହୋଇଯିବାର ପ୍ରତିଶୃତି ଦିଅନ୍ତି, ମାତ୍ର ତାପରେ ସବୁ ଭୁଲି ଯାଆନ୍ତି। ରାଜ୍ୟର ବିଭିନ୍ନ ସରକାର ଗତ ୭୫ ବର୍ଷ ମଧରେ ରାଜ୍ୟ ରେ କୋଣ ଅନୁକୋଣରେ କେତେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିସାରିଲେଣି ସତ କିନ୍ତୁ ବୈଶିଙ୍ଗା ଡାକ୍ତରଖାନାର ନା ରୂପ ପରିବର୍ତ୍ତନ ହୋଇଛି ନା ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତର ନିଯୁକ୍ତି ହୋଇ ପାରିଛନ୍ତି। ଏହାକୁ ଭିତ୍ତି କରି ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ୨୦୨୩ ଅକ୍ଟୋବର ୨ରୁ ଦଶ ଦିନ ପାଇଁ ଡାକ୍ତରଖାନା ପାର୍ଶ୍ୱରେ ଏକ ଅନଶନ ଅନୁଷ୍ଠିତ ହୋଇଥିଲା । ଖୁବ ଶୀଘ୍ର ଏହି ଆଞ୍ଚଳିକ ଡାକ୍ତରଖାନା କୁ ସିଏଚସି -୨ କରାଯିବା ପାଇଁ ସରକାରୀ ଦଳର ନେତା ମାନଙ୍କ ପ୍ରତିଶୃତି ମିଳିବା ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ଦେଢ କୋଟି ଟଙ୍କା ଦିଆଯିବାର ସିଦ୍ଧାନ୍ତ ହୋଇଥିଲା। ମାତ୍ର ସମୟ ଅନୁସାରେ ଦେଢ କୋଟି ଟଙ୍କା ମିଳି ପାରିନଥିଲା।

ସାରା ରାଜ୍ୟରେ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ବୈଶିଙ୍ଗା ଡାକ୍ତରଖାନାରେ ଡାକ୍ତର ପଦବୀ ଆଂଶିକ ଭାବେ ପୂରଣ ହୋଇଛି ସତ ମାତ୍ର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସହିତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହୋଇ ପାରିନଥିଲା। ଇତି ମଧରେ ୨୦୨୪ ଜୁନ ୪ ତାରିଖରେ ଭାରତୀୟ ଜନତା ପାର୍ଟିର ନୂଆ ସରକାର ଗଠନ ହେଲା । ବୈଶିଙ୍ଗା ଡାକ୍ତରଖାନାର ଉନ୍ନତି ପାଇଁ ବଡ଼ସାହି ବିଧାୟକ ସନାତନ ବିଜୁଳି ବାରମ୍ବାର ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ । ଶ୍ରୀ ବିଜୁଳି ଙ୍କୁ ବଡସାହି ଅଞ୍ଚଳବାସୀ ପୁନର୍ବାର ବିଧାୟକ ଭାବେ ବାଛିବା ଏବଂ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ବୈଶିଙ୍ଗା ଡାକ୍ତରଖାନା ର ଉନ୍ନତିକରଣ ହୋଇ ପାରିବ ବୋଲି ବୈଶିଙ୍ଗା ଅଞ୍ଚଳବାସୀ ଆଶାବାଦୀ ଥିଲେ । ମାତ୍ର ଇତି ମଧରେ ଏକ ବର୍ଷ ବିତିଯିବା ପରେ ମଧ ବିଧାୟକ ଶ୍ରୀ ବିଜୁଳି ବୈଶିଙ୍ଗା ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ବିଫଳ ହୋଇଛନ୍ତି । ଯାହା ବୈଶିଙ୍ଗା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି ।

# ଆସାମୀଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ମହିଳାଙ୍କ ଧାରଣା



**କଣାସ,୨୫।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ବସନ୍ତପୁର ଗ୍ରାମର କାମଦେବ ପଶ୍ଚିମକବାଟଙ୍କୁ ଗତ ୨୧ତାରିଖ ରାତିରେ କାର ଯୋଗେ ଦୟାନଦୀ ବନ୍ଧରେ ଘରକୁ ଫେରୁଥିବା ବେଳେ ଗୋଲରା ଗ୍ରାମର ୩ଜଣ ବ୍ୟକ୍ତି କାମଦେବଙ୍କୁ ଟାଣି ଆଣି ମାରଣା ଅସ୍ତ୍ରରେ ଆକ୍ରମଣ କରିଥିଲେ। ଯାହାଦ୍ୱାରା କି କାମଦେବ ଗୁରୁତ୍ୱର ଭାବେ ଆହାତ୍ ହୋଇଥିଲେ। ଖବରପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି କାମଦେବକୁ ଚିକିତ୍ସା ପାଇଁ କଣାସ ଡାକ୍ତରଖାନା ଆଣି ଚିକିତ୍ସା କରି ତାଙ୍କ ବାସଗୃହରେ ଛାଡିଦେଇଥିଲେ। ତାଙ୍କର ଅବସ୍ଥା ଖରାପ ହେବାରୁ ପ୍ରଭାତରୁ ପୁରୀ ଡାକ୍ତରଖାନା ଓ ପରେ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇଦିଆଯାଇଥିଲା।

କାମଦେବଙ୍କ ପତ୍ନୀ ଅଞ୍ଜନା ପଶ୍ଚିମକବାଟ ଗଡ଼ିଶାଗୋଦା ଥାନାରେ ଏତେଲା ଦେବାକୁ ଯାଇଥିବା ବେଳେ ଗଡ଼ିଶାଗୋଦା ଥାନା ଅଧିକାରୀ ଆକ୍ରମଣସ୍ଥଳ ଆମ ଅଧିନରେ ନ ଥିବାରୁ କଣାସ ଥାନା ଅଧିନରେ ଥିବାରୁ କଣାସ ଥାନାରେ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଅନଲାଇନ୍‌ରେ କଣାସ ଥାନାକୁ ଏତେଲା ପଠାଇଦେଇଥିଲେ। ୩ଦିନ ବିତିଯାଇଥିବାରୁ ଆସାମୀଙ୍କୁ କାହିଁ କି ପୋଲିସ୍ ଗିରଫ କରୁନାହିଁ ପ୍ରତିବାଦ କରି ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଗଡ଼ିଶାଗୋଦା ଥାନା ଆଗରେ ଧାରଣାରେ ବସିରହିଥିଲେ। ଥାନା ଅଧିକାରୀ ସୁଧିର ଦାସ ମହିଳାମାନଙ୍କୁ ବୁଝାସୁଝା କରିବା ସହିତ ତୁରନ୍ତ ଆସାମୀକୁ ଧରି କଣାସ ଥାନାକୁ ହସ୍ତାନ୍ତର କରିବାପାଇଁ ପ୍ରତିସୃତି ଦେବାରୁ ଧାରଣାରତ ମହିଳା ଓ ପୁରୁଷମାନର ଧାରଣାରୁ ଉଠିଆସିଥିଲେ।

# ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ

**ସୁବର୍ଣ୍ଣପୁର,୨୫।୭ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ତାଲିମ ୟୁନିଟ୍, ସୋନପୁର ଠାରେ ରେଆର ସୋନପୁର ତରଫରୁ ଓ ବେସିକ ନିଡ୍ସ ଇଣ୍ଡିଆ ବାଙ୍ଗାଲୋର ସହାୟତା ରେ ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର. ପ୍ରଦୀପ କୁମାର ହୋତା ,ଜିଲ୍ଲା ଅତିରିକ୍ତ ସାର୍ବଜନିନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୈତନାରାୟଣ ପାଢ଼ୀ, ଉପ ଖଣ୍ଡିୟ ସମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ରୁ ଡ଼.ତିବିକ୍ରମ ପାଣ୍ଡିଆ, ଅନୁପ ରଞ୍ଜନ ଦାଶ, ଟୀକାରାମ ପଟେଲ, ବେସିକ ନିଡ୍ସ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ୍ କାର୍ଯ୍ୟକ୍ରମ ପ୍ରବନ୍ଧକ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ତରଭା ବ୍ଲକର ୧୬ଟି ପଞ୍ଚଯାତରୁ ଗୋଷ୍ଠୀ ସୁବିଧାଦାତା ଓ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଅଭିଭାବକ ମାନେ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମ କୁ ପ୍ରକଳ୍ପ ସଂଯୋଜକ ଧନୁର୍ଧର ନାଏକ ସ୍ୱାଗତ କରି ଆରମ୍ଭ କରିଥିବା ବେଳେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ କାର୍ଯ୍ୟକ୍ରମର ଉଦେଶ୍ୟ ଉପରେ କହିଥିଲେ। କ୍ଷେତ୍ର କର୍ମୀ ମିତ୍ରଭାନୁ ମଲ୍ଲିକ ତରଭା ବ୍ଲକ ରେ ଚାଲୁ ଥିବା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ରେ ହେଉଥିବା ଅସୁବିଧା ବିଷୟରେରେ ଉପସ୍ଥାପନା କରିଥିଲେ । ବୈଠକ ରେ କିପରି ଭାବେ ମାନସିକ ସ୍ୱାସ୍ଥ୍ୟ ସେବା ଠିକ ଭାବେ ଲୋକମାନଙ୍କ ପାଖରେ ପହଞ୍ଚି ପରିବ ସେ ଉପରେ ଆଲୋଚନା ହେଇଥିଲା।

# ଧର୍ମଗଡ ଥାନାରେ ଯୋଗଦେଲେ ଆଇଆଇସି



**କଳାହାଣ୍ଡି,୨୫।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନାରେ ନୂତନ ଆଇଆଇସି ଭାବେ ସୁଦର୍ଶନ ନାୟକ ଯୋଗଦାନ ଦେଇଛନ୍ତି।ପୂର୍ବତନ କାର୍ଯ୍ୟରତ ଥିବା ଆଇଆଇସି ପ୍ରଶାନ୍ତ କାଲହାରଙ୍କ ବଦଳି ପରେ ଏହି ପଦବୀ ଖାଲିପଡିଥିଲା। ବର୍ତମାନର ଆଇଆଇସି ସୁଦର୍ଶନ ନାୟକ ଧର୍ମଗଡ ଥାନାରେ ଯୋଗଦାନ ପୂର୍ବରୁ ମଦନପୁର ରାମପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ଶୁକ୍ରବାର ଦିନ ଧର୍ମଗଡ ପ୍ରେସକ୍ଲବର ସାମ୍ବାଦିକ ପ୍ୟାରିଲାଲ ଦୁର୍ଗା ଓ ପ୍ରମୋଦ କୁମାର ପଣ୍ଡା ଧର୍ମଗଡ ଥାନାକୁ ଯାଇ ନୂତନ ଆଇଆଇସି ଙ୍କ ସହ ସାକ୍ଷାତକରି ଧର୍ମଗଡ ଥାନା ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା କୁ ନେଇ ଆଲୋଚନା କରିଥିଲେ। ଦୁଇ ସାମ୍ବାଦିକଙ୍କ ସହ ଆଲୋଚନାପରେ ଶ୍ରୀ ନାୟକ ଧର୍ମଗଡ ଥାନା ଅଞ୍ଚଳର ସୁରକ୍ଷା,ଆଇନଶୃଙ୍ଖଳା ରକ୍ଷା ଓ ପୁଲିସ ପାଟ୍ରୋଲିଂକୁ କଡାକଡି କରିବା ସମେତ ସହରାଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣକୁ ସେ ଗୁରୁତ୍ୱ ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# କଲେଜ ସମସ୍ୟା ନେଇ ଏବିଭିପିର ଧାରଣା



**ସୁବର୍ଣ୍ଣପୁର,୨୫।୭ (ସଂଚାର ବ୍ୟୁରୋ):** ସୋନପୁର କଲେଜ ବ୍ୟାପକ ସମସ୍ଯା ଦେଇ ଗତି କରୁଛି ତା ସହ କଲେଜ ରେ ବ୍ୟାପକ କୋଟି କୋଟି ଟଙ୍କା ଦୁର୍ନୀତି ଚାଲିଥିବା ନେଇ ଏବିଭିପି ପକ୍ଷରୁ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଛାତ୍ରନେତା।

କଲେଜରେ ଛାତ୍ରୀନିବାସ ନିର୍ମାଣ, ଲାଇବ୍ରେରିକୁ ନୂତନ ବହି ଯୋଗାଣ, ଆବଶ୍ୟକ ସୁରକ୍ଷାକର୍ମୀ ନିୟୋଜନ ସହ ବ୍ୟାପକ ଦୁର୍ନୀତି ବିରୁଦ୍ଧରେ ସୋନପୁର କଲେଜରେ ଏବିଭିପି ପକ୍ଷରୁ ପ୍ରାୟ ୬ ମାସ ପୂର୍ବରୁ ମଧ ବିକ୍ଷୋଭ ସହ ଅଧକ୍ଷଙ୍କୁ ଅବଗତ କରାଯାଇଥିଲା । ଏହାର ସମାଧାନ ନହେବାରୁ ଗୁରୁବାର ଦିନ ପୁଣି ଏବିଭିପି ପକ୍ଷରୁ କଲେଜ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜ ଅଧକ୍ଷ ଆସି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନନେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି କହିଛନ୍ତି ଏବିଭିପି ଛାତ୍ରନେତା ଯଦି ଅଧକ୍ଷ ସମାଧାନ ନ କରିପାରିବେ ତା ହେଲେ ସେ ଅଧକ୍ଷ ପଦରୁ ଓହୋରି ଯାଆନ୍ତୁ ବୋଲି କହିଛନ୍ତି।

ସେପଟେ ଅତିରିକ୍ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ସହ ଅଧକ୍ଷ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଅଧକ୍ଷ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ କାରଣ ଆଗରୁ ମଧ ଏହି ସମସ୍ୟାକୁ ନେଇ ଲିଖିତ ପ୍ରତିଶ୍ରୁତି ଅଧକ୍ଷ ଦେଇ ସାରିଛନ୍ତି ତେଣୁ ଏବିଭିପି କର୍ମକର୍ତ୍ତା ଜିଦ୍‌ରେ ଅଟଳ ରହି ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆନ୍ଦୋଳନରେ ସୋନପୁର କଲେଜ ର ଛାତ୍ର ତଥା ଏବିଭିପି ଓଡିଶା ପଶ୍ଚିମ ର ରାଜ୍ୟ ସହ ସଂପାଦକ ଶୁଭମ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ଜଗଦଲା, ଜିଲ୍ଲା ସଂଯୋଜକ ମିଲନ ସେଠୀ, ପୀତାମ୍ବର ପ୍ରଧାନ, ରାଜେଶ ଛତ୍ରିଆ, ବାବୁଲୁ ବେହେରା, ସୌମ୍ୟ ପ୍ରଧାନ, ବାବୁଲୁ ବାଘ, ପ୍ରଦୀପ ଦୀପ, ପୃଥ୍ୱୀରାଜ ଓରାମ, ଧୀରେନ ସା, ଶୁଭାଶିଷ ଘିବଲା, ଚିସ୍ମୟ ପ୍ରଧାନଙ୍କ ସହ ଛାତ୍ର ପ୍ରମୁଖ ସାମିଲ ଅଛନ୍ତି ।

# ଗନ୍ଧର୍ବ କଳା ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ ହେଲେ ଶାଶ୍ୱତ ତ୍ରିପାଠୀ



**ସୁବର୍ଣ୍ଣପୁର,୨୫।୭ (ସଂଚାର ବ୍ୟୁରୋ):** ଗତକାଲି ଭୁବନେଶ୍ୱର ସ୍ଥିତ ଭଞ୍ଜ କଳାମଣ୍ଡପ ଠାରେ ଗନ୍ଧର୍ବ କଳା ସମ୍ମାନ-୨୦୨୫ ରେ ସମ୍ମାନୀତ ହୋଇଛନ୍ତି ସୋନପୁର ମାଟିର କଳାକାର ଶାଶ୍ୱତ କୁମାର ତ୍ରିପାଠୀ । ଏହି ସମ୍ମାନ ଓଡିଶା କଳାକାର ସ୍ୱର ତରଫରୁ କଳାକାର ଦିବସ ପାଳନ ଅବସରରେ କଳାକାର ଶାଶ୍ୱତ ଙ୍କୁ ପ୍ରଦାନ କରାଯାଇଥିବା ବେଳେ ଶାଶ୍ୱତ ଦୁଇ ହଜାର ରୁ ଉର୍ଦ୍ଧ ମଞ୍ଚରେ ନିଜର କଳା ପରିବେଷଣ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ଜିଲ୍ଲାର ପ୍ରଥମ ସଦଶ୍ୟ ଭାବେ ସେ ଓଡିଶା ସଂଗୀତ ନାଟକ ଏକାଡେମୀରେ ସ୍ଥାନ ପାଇଥିଲେ । ଏହି ଓଡିଶା କଳାକାର ସ୍ୱର ଦିବସ ପାଳନ ଅବସରରେ ଅନୁଷ୍ଠାନ ର ସଭାପତି ଶ୍ରୀଧର ମାର୍ଥା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମ୍ବର୍ଦ୍ଧିତ ଉତ୍ସବରେ ସଂପାଦକ ମୃତ୍ୟୁଞ୍ଜୟ ପଣ୍ଡା, ବରିଷ୍ଟ ଫିଲ୍ମ ନିର୍ମାତା ପ୍ରଣବ ଦାଶ, ମ୍ୟୁଜିକ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ପ୍ରଖ୍ୟାତ ଅଭିନେତା ଦୈତାରୀ ପଣ୍ଡା, ପ୍ରଖ୍ୟାତ ନିର୍ଦ୍ଦେଶକ ହରିଶ ମହାନ୍ତି, ଅଭିନେତା ତଥା ନିର୍ଦ୍ଦେଶକ ଶ୍ରୀତମ ଦାଶ, ସମାଜସେବୀ ବାପୁ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ନେଇ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ଫୁଲବାଣୀ,୨୫।୭ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଆଡାସି ପଡା ପଞ୍ଚାୟତର ପାଣ୍ଡରାବାଡି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଯୋଗୁଁ ଗ୍ରାମବାସୀ ତାକୁ ବିରୋଧ କରି ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇ ଥିଲେ । ଉଚ୍ଚ ନ୍ୟାୟଳୟର ରାୟରେ ଗ୍ରାମବାସୀ ସନ୍ତୁଷ୍ଟ ହୋଇଛନ୍ତି ।ତେଣୁ ଉଚ୍ଚ ନ୍ୟାୟଳୟର ଆଦେଶ ନାମା ପତ୍ର ସଂଖ୍ୟା ୨୮୪୩/୨୦୨୪ ଅନୁଯାୟୀ ସୁଜାତା ଦିଗାଲଙ୍କୁ ଅଙ୍ଗନୱାଡ଼ି କର୍ମୀରେ ନିଯୁକ୍ତି କରାଯାଉ ବୋଲି ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ପ୍ରକାଶ ଯେ ପାଣ୍ଡରା ବାଡ଼ି ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ନିଯୁକ୍ତି ଅନିୟମିତତା ହୋଇ ଥିବାରୁ ଗ୍ରାମବାସୀ ବ୍ଲକ ପ୍ରଶାସନ, ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଧା କୌଣସି ସୁଫଳ ନ ମିଳିବାରୁ ଶେଷରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଦୀର୍ଘ ୫ ବର୍ଷ ବିଚାରାଧୀନ ରହିବା ପରେ ଶେଷରେ ଗ୍ରାମବାସୀ ମକଦ୍ଦମା ବିଜୟ ହୋଇଛନ୍ତି ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ପାଣ୍ଡରା ବାଡ଼ି ଗ୍ରାମବାସୀ ବାରମ୍ବାର ସରକାରଙ୍କୁ ଅନୁରୋଧ କରିବା ପରେ ୨୦୨୧ ମସିହାରେ ମିନି ଅଙ୍ଗନୱାଡି କେନ୍ଦ୍ରଟିଏ ମଞ୍ଜୁର ହୋଇ ସ୍ଥାପନ ହେଲା। ଅଙ୍ଗନୱାଡି କର୍ମୀ ନିଯୁକ୍ତି କରିବା ପାଇଁ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ଖଜୁରୀପଡ଼ା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୧୧ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ହେଲେ ସରକାରୀ ବିଜ୍ଞାପନକୁ ଅବମାନନା କରି ଅଙ୍ଗନୱାଡି କର୍ମୀ ନିଯୁକ୍ତି ହେବାରୁ ଗ୍ରାମବାସୀ ଘୋର ଅସନ୍ତୋଷ ହୋଇ ନୂତନ ନିଯୁକ୍ତି ପାଇଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ବିରୋଧ କରୁଛନ୍ତି।

# ହଟିବ ଇକୋସେନ୍ସେଟିଭ୍ ବାଧକ, ଖୁବଶୀଘ୍ର ନିର୍ମାଣ ହେବ ସନ୍ତରାଗଡ଼ିଆ ରାସ୍ତା

**ନୀଳଗିରି,୨୫।୭ (ସଂଚାର ବ୍ୟୁରୋ):** ଖୁବଶୀଘ୍ର ବାଧକ ହଟିବ ଏବଂ ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିବା ନୀଳଗିରି -ପଞ୍ଚଲିଙ୍ଗେଶ୍ୱର-ସନ୍ତରାଗଡ଼ିଆ ରାସ୍ତାର ବାଧକ ସାଜିଥିବା ଇକୋ ସେନସିଟିଭ ଜୋନର ମନିଟରିଙ୍ଗ କମିଟିର ସୁପାରିଶ ପରେ କାର୍ଯ୍ୟ ଆରମ୍ଭ ହେବବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶୀରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଉକ୍ତରାସ୍ତାଟି ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର, ବଉଳଗଡିଆ ସହ ବାଲେଶ୍ୱର, ମୟୂରଭଞ୍ଜ ସମେତ ରାଜଧାନୀ ଭୁବନେଶ୍ୱରକୁ ଯୋଗାଯୋଗର ମୁଖ୍ୟରାସ୍ତା ଥିଲାବେଳେ ଉକ୍ତରାସ୍ତାଟି କୁଳଡିହା ଅଭୟାରଣ୍ୟ ଇକୋ ସେନ୍ସେଟିଭ୍ ଜୋନରେ ଆସୁଥିବାରୁ ରାସ୍ତାନିର୍ମାଣରେ ବାଧକ ସାଜିଥିଲା। ତେବେ ବାରମ୍ବାର ସ୍ଥାନୀୟ ଜନସାଧାରଣ,ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନ ତରଫରୁ ଆନ୍ଦୋଳନ, ଧାରଣା ଦିଆଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇପାରିନଥିଲା। ଏନେଇ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ଗତ ଏପ୍ରିଲ ୨୮ତାରିଖରେ ମନ୍ତ୍ରୀଙ୍କୁ ଚିଠିକରି ମନିଟରିଂ କମିଟି ଗଠନକରି ଅସୁବିଧାର ସମାଧାନ କରିବାପାଇଁ ଅନୁରୋଧ କରିଥିଲେ।

ଆଜି ମାନ୍ୟବର ମନ୍ତ୍ରୀ ବାଲେଶ୍ୱର ଗସ୍ତରେ ଆସିଥବା ବେଳେ ପୁନର୍ବାର ମାନ୍ୟବର ସାଂସଦ ମନ୍ତ୍ରୀଙ୍କୁ ଭେଟି ରାସ୍ତାବାବଦରେ ଅବଗତ ହେବାକୁ ଚାହିଁଥିଲେ। ମାନ୍ୟବର ମନ୍ତ୍ରୀ ଏହାକୁ ଗୁରୁତର ସହ ନେଇ ଟେକ୍ନିକାଲ ଅସୁବିଧା ସମାଧାନ ହୋଇଥିବା ସୂଚନା ଦେବାସହ ଖୁବଶୀଘ୍ର ଏକ ମନିଟରିଙ୍ଗ କମିଟି ଗଠନ ହେବ ବୋଲି କହିଥିଲେ।ଯଥାଶୀଘ୍ର ରାସ୍ତାକାର୍ଯ୍ୟ ଆରମ୍ଭ ହେବବୋଲି ମନ୍ତ୍ରୀ ଓ ବିଭାଗୀୟ ସେକ୍ରେଟାରୀ,ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ସାଂସଦଙ୍କୁ ଜଣାଇଛନ୍ତି। ଏହାଦ୍ୱାରା ଦୀର୍ଘଦିନ ଧରି ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ ହୋଇପାରି।

# ମନ୍ଦିରରୁ ଦୁର୍ବୃତ୍ତ ଲୁଟିନେଲେ ଠାକୁରାଣୀଙ୍କ ଆଖି ସହିତ ସମସ୍ତ ଆସବାବପତ୍ର

**କଣାସ,୨୫।୭ (ସଂଚାର ବ୍ୟୁରୋ):** କଣାସ ଥାନା ଗଡ଼ସାନପୁଟ ଗ୍ରାମପଞ୍ଚାୟତ ଗଡ଼ସାନପୁଟ ଗ୍ରାମର ପ୍ରତେକ୍ଷ ଠାକୁରାଣୀ ମା ଜାଗୁଳେଇ ମନ୍ଦିରର ତାଲା କାଲି ମଧରାତ୍ରରେ କୌଣସି ଦୁର୍ବୃତ୍ତ ଭାଙ୍ଗି ଠାକୁରାଣୀଙ୍କ ଆଖୀ ଦୁଇଟି ରୂପା ଓ ପିତଳର ସମସ୍ତ ଆସବାସପତ୍ର ସୁନା ଓ ରୂପାର ଆଖୀ ନେବାସହ ଦୁଇଟି ରୂପାର ଘୋଡା, ଦାନବାକ୍ସ ଭାଙ୍ଗି ସମସ୍ତ ଟଙ୍କା ଲୁଟିନେଇଛନ୍ତି। ସକାଳୁ ପୂଜାରୀ ଓ ଗ୍ରାମବାସୀ ଆସି ଦେଖନ୍ତି ତ ମନ୍ଦିରର ମୁଖ୍ୟ ତାଲା ଭଙ୍ଗା ଯାଇ ଠାକୁରାଣୀଙ୍କ ଆଖୀ, ଘୋଡା ସମସ୍ତ ଆସବାସପତ୍ର ଚୋରି ହୋଇଯାଇଛି। ପୂଜାରୀ ଭାସ୍କର ମହାପାତ୍ର ଏ ସମ୍ପର୍କରେ ପ୍ରଥମେ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଜଣାଇବାପରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା ଏବଂ ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।




# ମଣିଷର ଜ୍ଞାନ, ବୁଦ୍ଧି ଓ ବିଚାରକ୍ଷମତାକୁ ନଷ୍ଟ କରିଦିଏ ମଦ !





ମଦ୍ୟପାନ ଯୋଗୁ ପ୍ରତିଦିନ ଅନେକ ଘର ଭାଙ୍ଗୁଥିବା, ବହୁ ସ୍ତ୍ରୀ ବିଧବା ହେଉଥିବା, ଅନେକ ଶିଶୁ ଅନାଥ ହେଉଥିବା, ସଡ଼କ ଦୁର୍ଘଟଣା ଘଟୁଥିବା ଓ ବଜାରଘାଟରେ ଗଣ୍ଡଗୋଳ ଘଟୁଥିବା ଖବର ଆମେ ପ୍ରତିଦିନ ଖବରକାଗଜରେ ପଢ଼ୁଛୁ। କିନ୍ତୁ ସରକାର ମଦ ନିଷିଦ୍ଧ କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅନେକ ବର୍ଷ ତଳେ ସାହସିକ ପଦକ୍ଷେପ ନେଇ ରାଜ୍ୟରେ ମଦ ନିଷିଦ୍ଧ କରିଥିଲେ ମଧ ଲୋକେ ପଡ଼ୋଶୀ ରାଜ୍ୟରୁ ଚଢ଼ା ଦାମ୍ ଦେଇ ଚୋରାରେ ମଦ କିଣି ପିଉଛନ୍ତି। ପଡ଼ୋଶୀ ରାଜ୍ୟମାନେ ବି ଯଦି ସମାନ ପଦକ୍ଷେପ ନିଅନ୍ତେ ତେବେ ଏ ସମସ୍ୟା ରହନ୍ତା ନାହିଁ। ମଦ ପିଇଲେ ସେ ପର୍ଯ୍ୟନ୍ତ ଠିକ୍ ଥାଏ, ଯେପର୍ଯ୍ୟନ୍ତ ମଦ ଆପଣଙ୍କୁ ପିଇନାହିଁ। ମଦ ଯେତେବେଳେ ମଣିଷକୁ କବଳିତ କରିବସେ ସେତେବେଳେ ତା'ର ନିଜତ୍ୱ ରହେ ନାହିଁ। ମଦ ମଣିଷର ଜ୍ଞାନ, ବୁଦ୍ଧି ଓ ବିଚାରକ୍ଷମତାକୁ ନଷ୍ଟ କରିଦିଏ। ସେଥିପାଇଁ ମଦ ପିଇବାକୁ ମହାପାପ ଭାବରେ ଗଣାଯାଏ।

ଏକଦା ମହାକବି କାଳିଦାସ ବିଦ୍ୟାନଗରୀର ଏକ ବଜାରରେ ଭ୍ରମଣ କରୁଥିଲେ। ଦେଖିଲେ ଗୋଟିଏ ଶୁଣ୍ଡୀ ବୁଢ଼ୀ କୋଳରେ ଗୋଟିଏ କଳସୀ କାଖେଇ ଯାଉଛି। କବିଙ୍କୁ ଦେଖି ବୁଢ଼ୀ ନିଜ ଲୁଗା କାନିରେ କଳସୀକୁ ଘୋଡ଼େଇ ଦେଲା। ଅର୍ଥାତ୍ ମୋ କୋଳରେ ଆଠଗୋଟି ଅନର୍ଥ ଅଛି। ସେଗୁଡ଼ିକ ହେଲା- ମଦ (ଉନ୍ମାଦନା), ପ୍ରମାଦ (ବିପଦ), କଳହ, ନିଦ୍ରା, ବୁଦ୍ଧିକ୍ଷୟ, ଧର୍ମବିପର୍ଯ୍ୟୟ, ସୁଖର କଣ୍ଟା (ସୁଖର ପଥରୋଧକ) ଓ ନରକର ପନ୍ଥା (ନରକର ମାର୍ଗଦର୍ଶକ)। ଏହି ଆଠଗୋଟି ଅନର୍ଥ ମୋ କୋଳରେ ଅଛି।

## ରହିଛି ପାୱାରଫୁଲ ଗୁଣ

# ଚାଉଳ ଖିରି ବଦଳରେ ଖାଆନ୍ତୁ ମଖାନା ଖିରି



ଆପଣ କ'ଣ ମିଠା ସହିତ ଖିରି ଖାଇବାକୁ ପସନ୍ଦ କରନ୍ତି କି ?। ଖିରୀର ନାମ ଶୁଣିବା ମାତ୍ରେ ଆପଣଙ୍କ ପାଟିରେ ଏକ ମିଠା ସ୍ୱାଦ ଆସିଯାଏ । ଯାହା ବିଶେଷ କରି ପର୍ବପର୍ବାଣୀ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯଦି ଆପଣଙ୍କୁ ଭାତ ଖିରି ଖାଇବା ଇଚ୍ଛା ଅଛି .ତେବେ ସେହି ଖିରି ବଦଳରେ ମଖାନା ଖିରି ଖାଇବା ଉଚିତ। ଯାହା ଚିନି ଏବଂ ଚାଉଳ ଖିରି ଅପେକ୍ଷା ମଖାନା ଖିରି ଆପଣଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ହୋଇଥାଏ। ଏଥିରେ ଅନେକ ପୋଷକ ତତ୍ତ୍ୱ ଭରପୁର ହୋଇ ରହିଛି। ଯାହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ ଲାଭ ମିଳିଥାଏ । ତେବେ ଏହାର ରାମବାଣ ଗୁଣ ସମ୍ପର୍କରେ ଜାଣିବା ।

ମଖାନା ଖିରିରେ ପ୍ରଚୁର ପରିମାଣରେ ଫାଇବର ମିଳିଥାଏ। ଯାହା ଖାଇବା ଦ୍ୱାରା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇଥାଏ । ଯଦି ଆପଣ ମଧ ହଜମ ପ୍ରକ୍ରିୟାକୁ ଉନ୍ନତ କରିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କ ଖାଇବା ଲିଷ୍ଟରେ ମଖାନା ଖିରି ଆଡ୍ କରିପାରିବେ। ଯାହା ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ ଏବଂ କୋଷ୍ଠକାଠିନ୍ୟ ଦୂର କରିଥାଏ । ଏହା ବ୍ୟତୀତ ଏଥିରେ ଥିବା ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡିକ ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରିଥାଏ । ଯାହା ଶରୀର ପାଇଁ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି।

ମଖାନାରେ କ୍ୟାଲୋରିର ପରିମାଣ କମ୍ ଥାଏ। ଯାହା ଓଜନ ହ୍ରାସ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ତେଣୁ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ଆପଣ ଭାତ ଖିରି ବଦଳରେ ମଖାନା ଖିରି ଖାଇପାରିବେ। ଏହା ବ୍ୟତୀତ, ମଖାନାରେ ଥିବା ପୋଟାସିୟମ ଏବଂ ମ୍ୟାଗ୍ନେସିୟମ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ମଖାନା ଖିରି ଜୀବନଘାତକ ଭଳି ହୃଦରୋଗର ଆଶଙ୍କାକୁ ହ୍ରାସ କରିଥାଏ । ଏହା କୋଲେଷ୍ଟ୍ରଲ୍ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ।

ଚିନି ବଦଳରେ ଖଜୁର ବ୍ୟବହାର କରାଯାଇଥାଏ । ଯାହା ପ୍ରାକୃତିକ ମିଠା ଦେଇଥାଏ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ । ମଖାନା ଖିରୀ ଏକ ଶକ୍ତି ପ୍ରଦାନକାରୀ ଖାଦ୍ୟ । ଯାହା ଆପଣଙ୍କୁ ସାରା ଦିନ ଆକ୍ଟିଭ୍ ରଖିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଫ୍ଲାଭୋନଏଡ୍ସ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ ଏବଂ ବାର୍ଦ୍ଧକ୍ୟ ବିରୋଧୀ ଗୁଣ ପ୍ରଦାନ କରିଥାଏ ।



# ପିଲାଙ୍କୁ ଫୋନ୍‌ର ଭ୍ୟାସ କରାଉଛନ୍ତି କି ?

## ହୋଇଯାଆନ୍ତୁ ସତର୍କ

ବର୍ତ୍ତମାନ ସମୟରେ ଫୋନର ନିଶା ସମସ୍ତଙ୍କୁ ବାୟା କରିଛି । ବୁଢ଼ା ହେଉ ଅବା ପିଲା ସମସ୍ତେ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି । ଲୋକ ସ୍ମାର୍ଟଫୋନ୍ ଚଲାଇବା ପାଇଁ ଖାଇବା ପିଇବାକୁ ମଧ ପଛରେ ପକାଇ ଦେଉଛନ୍ତି । ଦିନକୁ ଦିନ ଫୋନ୍ ଚଲାଇବାର ନିଶା ସେମାନଙ୍କ ଭବିଷ୍ୟତକୁ ଅନ୍ଧାର ଦିଗ ଆଡକୁ ନେଇଯାଉଛି । ବଶେଷ କରି ଏବେ ଛୋଟ ଛୁଆ ମାନେ ଫୋନ୍ ପଛରେ ବେଶୀ ଧାଉଁଛନ୍ତି । ଯାହା ଛୋଟ ଛୁଆଙ୍କ ଉପରେ ଖରାପ ପ୍ରଭାବ ପକାଉଛି । ଖାସ୍ କରି ୧୩ବର୍ଷରୁ କମ୍ ପିଲା ସ୍ମାର୍ଟଫୋନ୍ ବ୍ୟବହାର କରିବା ଉଚିତ୍ ନୁହେଁ । ତେଣୁ ସେମାନଙ୍କୁ ସ୍ମାର୍ଟଫୋନଠାରୁ ଦୂରରେ ରଖିବା ଆବଶ୍ୟକ । ନଚେତ୍ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ଆଜିକାଲି ସ୍ମାର୍ଟଫୋନ୍ ସାଧାରଣ କଥା ହୋଇଗଲାଣି । ତେଣୁ ପିଲାମାନେ ଦୁଷ୍ଟାମୀ କରୁଥିଲେ କିମ୍ବା ଖାଇବାକୁ ହଇରାଣ କରୁଥିଲେ ସେମାନଙ୍କ ଘର ଲୋକ ପିଲାଙ୍କୁ ଫୋନ୍ ଚଲାଇବାକୁ ଦେଇଦେଉଛନ୍ତି । ଯାହା ପିଲାଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ । ସେମାନଙ୍କ ଫୋନ୍ ବ୍ୟବହାର ଅଭ୍ୟାସରେ ପରିଣତ ହୋଇଯାଏ । ଯାହା ଦ୍ୱାରା ସେମାନେ ଜିଦ୍ କରିବା ଆରମ୍ଭ କରିଦେଇଥାନ୍ତି । ପିଲା ହଇରାଣ ନ କରିବା ପାଇଁ ପିଲାର ଘର ଲୋକ ଏହି ଅଭ୍ୟାସରେ ସେମାନଙ୍କୁ ପକାଇ ଦେଇଥାନ୍ତି । କିନ୍ତୁ ହୁଏ ତ ପରେ ବାପା, ମା'ଙ୍କୁ ବେଶୀ ହଇରାଣ କରିଥାନ୍ତି । ଯାହାକୁ ନେଇ ବାପା, ମା' ଚିନ୍ତାରେ ରହିଥାନ୍ତି । ତେଣୁ ପିଲାଙ୍କୁ ଏଭଳି ଅପ ଅଭ୍ୟାସଠାରୁ ଦୂରରେ ରଖନ୍ତୁ । ତେବେ ଆସନ୍ତୁ କେଉଁ ବର୍ଷର ପିଲାଙ୍କ ପାଇଁ ଫୋନ୍ ଚଲାଇବାର ଅଭ୍ୟାସ କେଉଁ ସବୁ କ୍ଷତି କରିଥାଏ ସେ ସମ୍ପର୍କରେ ଆମେ ଆପଣଙ୍କୁ ଜଣାଇବୁ ।



# କେଶ ଝଡୁଥିଲେ ସାମ୍ପୁକୁ କରନ୍ତୁ ବାୟ ବାୟ; ଆପଣାନ୍ତୁ ମେଥି



ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି । ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ୍ୟ ବଢ଼ିଯାଇଥାଏ । ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ । ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି, ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ । ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡିବ । ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ ।

# ଚାହୁଁଛନ୍ତି ଲମ୍ବା ଆୟୁ, ଖାଆନ୍ତୁନି ଏହି ଖାଦ୍ୟ



ଯଦି ଆପଣ ଲମ୍ବା ଆୟୁ ଚାହୁଁଛନ୍ତି ତେବେ ଆପଣଙ୍କ ଖାଇବାରେ କାର୍ବୋହାଇଡ୍ରେଟର ମାତ୍ରା କମାଇ ଦିଅନ୍ତୁ କାହିଁକି ନା ଖାଇବାରେ ଜରୁରୀ ଠାରୁ ଅଧିକ ଏବଂ କମ୍ କାର୍ବୋହାଇଡ୍ରେଟର ମାତ୍ରା ନେଉଥିବା ଲୋକମାନଙ୍କର ମୃତ୍ୟୁ ଡର ଲାଗି ରହିଥାଏ । ଏକ ଷ୍ଟଡିରୁ ମିଳିଥିବା ରିପୋର୍ଟ ଅନୁସାରେ ଏହି ପରି ଆଶ୍ଚର୍ଯ୍ୟ କଲା ଭଳି କଥା ସାମ୍ନାକୁ ଆସିଛି । ଷ୍ଟଡିର ରିପୋର୍ଟରେ କୁହାଯାଇଛି, କାର୍ବୋହାଇଡ୍ରେଟରେ ୪୦ ପ୍ରତିଶତରୁ କମ୍ ଏବଂ ୭୦ ପ୍ରତିଶତରୁ ଅଧିକ ଉର୍ଜ୍ଜାର ଶେବନ ଦ୍ୱାରା ମୃତ୍ୟୁର ଭୟ ବଢିଯାଇଥାଏ । କିନ୍ତୁ କାର୍ବୋହାଇଡ୍ରେଟ ରୂପରେ ୫୦-୫୫ ପ୍ରତିଶତ ଉର୍ଜ୍ଜା ଗ୍ରହଣ କରୁଥିବା ଲୋକମାନଙ୍କର ମୃତ୍ୟୁର ଭୟ କମ୍ ରହିଥାଏ। ବହୁତ୍ କମ୍ ଏବଂ ବହୁତ୍ ଅଧିକ କାର୍ବୋହାଇଡ୍ରେଟ କ୍ଷତିକାରକ ହୋଇପାରେ। କିନ୍ତୁ, ସମସ୍ତଙ୍କୁ ଯାହା ଆଶ୍ଚର୍ଯ୍ୟ କରୁଥିବା କଥା ହେଉଛି, ଫାଟ୍, ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟର ପ୍ରକାର ହୋଇଥାଏ । ଏହି ଷ୍ଟଡିରେ ୪୫ରୁ ୬୪ବର୍ଷର ଆୟୁଷ ଥିବା ବର୍ଗର ପାଖାପାଖି ୧୫,୪୨୮ ଲୋକଙ୍କୁ ସାମିଲ୍ କରାଯାଇଛି ।

# ମଶାକାମୁଡ଼ାର ତତ୍କାଳ ଉପଚାର

ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ। ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ। ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ। ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ। ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା। ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି। ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇ ଦେଇଥାଏ। ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇ ହେବାରୁ ତୁରନ୍ତ ଉପଶମ ଆଣିଥାଏ।



# ଶୁଖିଲା ବରଫ କ'ଣ

## ଏହାକୁ ଖାଇବା ପରେ କାହିଁକି ରକ୍ତ ବାନ୍ତି ହେଉଛି ?

ଶୁଖିଲା ବରଫକୁ ଇଂରାଜୀରେ ଡ୍ରାଏ ଆଇସ୍ କୁହାଯାଏ। ଏହା ଏକ ପ୍ରକାରରେ କାର୍ବନ ଡାଇଅକ୍ସାଇଡର ଏକ କଠିନ ରୂପ। ଏହାର ବିଶେଷ କଥା ହେଉଛି ଏହା ଅତ୍ୟଧିକ ଥଣ୍ଡା ରହିଥାଏ। ଯଦି ଆପଣ ଘରେ ସାଧାରଣ ବରଫ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହାର ତାପମାତ୍ରା ମାଇନସ୍ ୨-୩, କିନ୍ତୁ ଏହାର ପୃଷ୍ଠର ତାପମାତ୍ରା ମାଇନସ୍ ୮୦ ଡିଗ୍ରୀ। ଏହା ସାଧାରଣ ବରଫ ପରି ଓଦା ନୁହେଁ। ଯଦିଓ ଏହାକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି, କିନ୍ତୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଅଧିକ ତାପମାତ୍ରା ଆସିଲେ ସାଧାରଣ ବରଫ ତରଳିବା ଆରମ୍ଭ ହୁଏ ଏବଂ ପାଣିରେ ପରିଣତ ହୁଏ। କିନ୍ତୁ ବ୍ୟବସ୍ଥା ଟିକିଏ ଭୁଲ୍। ଯଦି ଏହା ଅଧିକ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ, ତେବେ ଏହା ତରଳିବା ଏବଂ ପାଣିରେ ପରିଣତ ହେବା ପରିବର୍ତ୍ତେ ଧୂଆଁରୂପେ ଉଡ଼ିବା ଆରମ୍ଭ କରେ, ଅର୍ଥାତ୍ ଏହା ଗ୍ୟାସ ଆକାରରେ ତରଳିଯାଏ।



### ଶୁଖିଲା ବରଫ କ'ଣ ?

ଶୁଖିଲା ବରଫକୁ ଇଂରାଜୀରେ ଡ୍ରାଏ ଆଇସ୍ କୁହାଯାଏ। ଏହା ଏକ ପ୍ରକାରରେ କାର୍ବନ ଡାଇଅକ୍ସାଇଡର ଏକ କଠିନ ରୂପ। ଏହାର ବିଶେଷ କଥା ହେଉଛି ଏହା ଅତ୍ୟଧିକ ଥଣ୍ଡା ରହିଥାଏ। ଯଦି ଆପଣ ଘରେ ସାଧାରଣ ବରଫ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହାର ତାପମାତ୍ରା ମାଇନସ୍ ୨-୩, କିନ୍ତୁ ଏହାର ପୃଷ୍ଠର ତାପମାତ୍ରା ମାଇନସ୍ ୮୦ ଡିଗ୍ରୀ। ଏହା ସାଧାରଣ ବରଫ ପରି ଓଦା ନୁହେଁ। ଯଦିଓ ଏହାକୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି, କିନ୍ତୁ ଦେଖିଲେ ଏହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଅଧିକ ତାପମାତ୍ରା ଆସିଲେ ସାଧାରଣ ବରଫ ତରଳିବା ଆରମ୍ଭ ହୁଏ ଏବଂ ପାଣିରେ ପରିଣତ ହୁଏ। କିନ୍ତୁ ବ୍ୟବସ୍ଥା ଟିକିଏ ଭୁଲ୍। ଯଦି ଏହା ଅଧିକ ତାପମାତ୍ରା ସଂସ୍ପର୍ଶରେ ଆସିଥାଏ, ତେବେ ଏହା ତରଳିବା ଏବଂ ପାଣିରେ ପରିଣତ ହେବା ପରିବର୍ତ୍ତେ ଧୂଆଁରୂପେ ଉଡ଼ିବା ଆରମ୍ଭ କରେ, ଅର୍ଥାତ୍ ଏହା ଗ୍ୟାସ ଆକାରରେ ତରଳିଯାଏ।

### କେମିତି ତିଆରି ହୁଏ ଏହି ବରଫ ?

ଏହି ବରଫ ତିଆରି କରିବା ପାଇଁ କାର୍ବନ ଡାଇଅକ୍ସାଇଡକୁ ପ୍ରଥମେ ୧୦୯ ଡିଗ୍ରୀ ଫାରେନହାଇଟ୍‌କୁ ଥଣ୍ଡା କରି ସଂକୁଚିତ କରାଯାଏ, ଯାହା ଏହି ଗ୍ୟାସକୁ ବରଫ କରିଥାଏ ଏବଂ ଏହାର ଆକାର ଛୋଟ କିମ୍ବା ବଡ଼ ଖଣ୍ଡରେ ପରିଣତ ହୁଏ।

### ଏହା କାହିଁକି ବିପଜ୍ଜନକ ?

ଯଦି ଏଥିରେ କାର୍ବନ ଡାଇଅକ୍ସାଇଡ୍ ଥାଏ ତେବେ ଏହା ଏତେ ବିପଜ୍ଜନକ ନୁହେଁ। ତେବେ ଏହା ଅତ୍ୟଧିକ ଥଣ୍ଡା ହୋଇଥାଏ, ଯେଉଁ କାରଣରୁ ଶରୀରର କୋଷଗୁଡ଼ିକ ମରିବା ଆରମ୍ଭ କରିଦିଅନ୍ତି। ଏଭଳି ସ୍ଥିତିରେ ଏହାକୁ ସିଧାସଳଖ ସ୍ପର୍ଶ କରିବାକୁ ବାରଣ କରାଯାଇଛି। ଏହା ମଧ କୁହାଯାଏ ଯେ ଏହାକୁ ଏୟାରଟାଇଟ୍ ବକ୍ସରେ ରଖିବା ଉଚିତ ନୁହେଁ, କାରଣ ଏହା ଗ୍ୟାସ୍ ନିର୍ଗତ କରିଥାଏ ଏବଂ ଗ୍ୟାସ୍ କାରଣରୁ ଏହା ବିସ୍ଫୋରଣ ମଧ ହୋଇପାରେ, ତେଣୁ ଏହାକୁ ସତର୍କତାର ସହ ବ୍ୟବହାର କରିବା ଉଚିତ।

# କେଉଁଟି ଅଧିକ ସ୍ୱାସ୍ଥ୍ୟକର





| କୁକୁଡ଼ା ମାଂସ (୧୦୦ ଗ୍ରାମ୍) | ପୋଷକ ତତ୍ତ୍ୱ | ଖାସି ମାଂସ (୧୦୦ ଗ୍ରାମ୍) |
|---|---|---|
| ୨୩୯ କ୍ୟାଲୋରି | କ୍ୟାଲୋରି | ୨୯.୪ କ୍ୟାଲୋରି |
| ୨୭.୩ ଗ୍ରାମ୍ | ପୁଷ୍ଟିସାର | ୨୪.୫୨ ଗ୍ରାମ୍ |
| ୧୩.୬ ଗ୍ରାମ୍ | ସ୍ନେହସାର | ୨୧ ଗ୍ରାମ୍ |
| ୦.୩୯ ମିଲିଗ୍ରାମ୍ | ଭିଟାମିନ୍ ଇ | ୦.୧୪ ମିଲିଗ୍ରାମ୍ |
| ୦.୯୩ ମିଲିଗ୍ରାମ୍ | ଲୌହସାର | ୧.୮ ମିଲିଗ୍ରାମ୍ |
| ୮ ମିଲିଗ୍ରାମ୍ | କ୍ୟାଲ୍‌ସିୟମ୍ | ୨୨ ମିଲିଗ୍ରାମ୍ |
| ୬୭୭ ମିଲିଗ୍ରାମ୍ | ପୋଟାସିୟମ୍ | ୩୩୯ ମିଲିଗ୍ରାମ୍ |
| ୬୫.୯ ମିଲିଗ୍ରାମ୍ | କୋଲିନ୍ | ୯୩.୭ ମିଲିଗ୍ରାମ୍ |
| ୧.୯୪ ମିଲିଗ୍ରାମ୍ | ଜିଙ୍କ | ୪.୪୬ ମିଲିଗ୍ରାମ୍ |
| ୦.୩ ମାଇକ୍ରୋଗ୍ରାମ୍ | ଟାମିନ୍ ବି୧୨ | ୨.୫୫ ମାଇକ୍ରୋଗ୍ରାମ୍ |

କୁକୁଡ଼ା ମାଂସ ତୁଳନାରେ ଅଧିକ ଚର୍ବି ଥାଏ। ଅଧିକ ମାତ୍ରାରେ ଖାସି ମାଂସ ଖାଉଥିବା ଲୋକଙ୍କ ଠାରେ ହୃଦ୍‌ରୋଗର ଆଶଙ୍କା ବଢୁଥିବାର ଦେଖାଯାଇଛି। ତେଣୁ ମଧମ ମାତ୍ରାରେ ଖାସି ମାଂସ ଖାଇବା ଉପାଦେୟ। ତୁଳନାତ୍ମକ ଭାବେ କୁକୁଡ଼ା ମାଂସକୁ ଅଧିକ ସ୍ୱାସ୍ଥ୍ୟପ୍ରଦ ବୋଲି କହିହେବ।



ଉଭୟ କୁକୁଡ଼ା ଓ ଖାସି ମାଂସ ପୁଷ୍ଟିସାରର ଦୁଇଟି ଉତ୍କୃଷ୍ଟ ଉତ୍ସ। ତେବେ କୁକୁଡ଼ା ମାଂସରେ ତୁଳନାତ୍ମକ ଭାବେ ଅଧିକ ପୁଷ୍ଟିସାର ଥାଏ। ଚମଡ଼ା ନଥିବା କୁକୁଡ଼ା ମାଂସରେ ଚର୍ବିର ମାତ୍ରା କମ୍ ଥାଏ। ତେବେ କୁକୁଡ଼ା ଚାଷରେ ଆଣ୍ଟିବାୟୋଟିକ ବ୍ୟବହାର ଯୋଗୁଁ ଏହାର ସ୍ୱାସ୍ଥ୍ୟପ୍ରଦ ଗୁଣ ହ୍ରାସ ପାଇଥାଏ। ଅପରପକ୍ଷେ ଖାସି ମାଂସରେ ଅଧିକ ମାତ୍ରାରେ ଲୌହ, ଜିଙ୍କ ଓ ଭିଟାମିନ୍ ବି ରହିଥାଏ। ତେବେ ଏଥିରେ

# ଟାଟା ଷ୍ଟିଲ ହସ୍ପିଟାଲରେ ଗଳା କାଟି ରୋଗୀଙ୍କ ଆତ୍ମହତ୍ୟା



**ଯୋଡ଼ା,୨୫।୭(ସଂଚାର ବ୍ୟୁରୋ):** ଯୋଡ଼ା ଟାଟା ଷ୍ଟିଲ ହସ୍ପିଟାଲରେ ଗଳା କାଟି ରୋଗୀଙ୍କ ଆତ୍ମହତ୍ୟା ଅଭିଯୋଗ। ମୃତକ ଯୋଡ଼ା ୭ ନଂ ୱାର୍ଡ଼ ଉଲି ହଟିଂ ଅଞ୍ଚଳର ସଞ୍ଜୟ ମୁଣ୍ଡାଙ୍କ ସ୍ତ୍ରୀ ବାଲମା ମୁଣ୍ଡା ସ୍ୱାମୀ। ଗୋଡ଼ରେ କାଚ ଫୁଟି ସଂକ୍ରମଣ ଜନିତ ସମସ୍ୟା ଯୋଗୁଁ ୧୦ ତାରିଖରେ ଟାଟା ହସ୍ପିଟାଲର ଫିମେଲ ୱାର୍ଡ଼ର ବେଡ ନଂ ୪ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଝିଅ ଆଟେଣ୍ଡାଣ୍ଟ ଭାବରେ ରହିଥିଲେ। ଗତ ବିଳମ୍ବିତ ରାତିରେ ଝିଅ ସୋଇଥିବା ବେଳେ ସେ ନିଜର ଗଳା କାଟି ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ଏହି ଘଟଣା ପରେ ଟାଟା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁ ରେ ଆସିଛି ସଙ୍ଗୀନ ଅଭିଯୋଗ। ଘଟଣାକୁ ଲୁଚାଇବା ପାଇଁ ପୋଲିସକୁ ନ ଜଣାଇ ଆଜି ସକାଳ ପ୍ରାୟ ୬ ଟା ୨୦ ରେ ମୃତଦେହକୁ ତାଙ୍କ ଘରକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି। ଏପରିକି ମୃତଦେହ ବାହାର କରିବା ପରେ ରକ୍ତ ଦାଗ ସବୁ ସଫା କରିବା ସହ ବେଡ୍ କୁ ମଧ୍ୟ ଧୋଇ ଦିଆଯାଇଛି। ଘଟଣା ପ୍ରକଟ ହେବାପରେ ଟାଟା ଷ୍ଟିଲ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି। ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି। ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ହସ୍ପିଟାଲ ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାର ପୁଙ୍ଖାନପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚମ୍ପୁଆ ଉପଜିଲ୍ଲାପାଳ କହିଛନ୍ତି। କେଉଁ ପରିସ୍ଥିତିରେ ପୋଲିସକୁ ନ ଜାଣଇ ମୃତଦେହ ପଠାଗଲା ସେନେଇ ମଧ୍ୟ ତଦନ୍ତ କରାଯିବ ବୋଲି ବଡ଼ବିଲ ଏସଡିପିଓ କହିଛନ୍ତି।

## ବର୍ଷ ବର୍ଷ ଧରି ବିନା ସୂଚନା ଫଳକରେ ଚାଲିଛି କାମ

# ୩୦ କୋଟି ଟଙ୍କାର ରାସ୍ତା ଅବସ୍ଥା ବେହାଲ

**ବାଲିଆପାଳ,୨୫।୭(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା।କିନ୍ତୁ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାର ଓ ଯନ୍ତ୍ରୀ ହେଉଛନ୍ତି ମାଲାମାଲ।ଏମିତି ଏକଘଟଣା ପରିଲକ୍ଷିତ ହେଉଛି ଲଙ୍ଗଳେଶ୍ୱର ଠାରୁ କଷାଫଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ।ଏଇ ରାସ୍ତା ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାପରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୩୦କୋଟି ଟଙ୍କା। ୫ କିଲୋମିଟର କଂକ୍ରିଟ ଓ ୧୦ କିଲୋମିଟର ପିଚୁ ସହିତ ଓସାରିଆ ଦୁଇ ଟିକିଆ ରାସ୍ତା ନିର୍ମାଣ ହେବା ପ୍ରାୟ ଏକ ବର୍ଷରୁ ଅଧିକ ସମୟ ହେବ ରାସ୍ତା କାମ ଆରମ୍ଭ ହୋଇ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିଲେ ହେଁ ଏଯାଏ ସୂଚନା ଫଳକ ବି ଲାଗିନାହିଁ। ରାସ୍ତାର ଦୁଇ ପାଖରେ ଲୁଣି ମାଟି ପଡୁଥିବା



ବେଳେ ମଲା ପଥର ମେଟାଲ ସହିତ କାର୍ଯ୍ୟ ନିମ୍ନ ମାନର ହେଉଛି। ଦୀର୍ଘ ଦିନ ଧରି ମନ୍ଥର ଗତିରେ କାର୍ଯ୍ୟ ଚାଲୁଥିବାରୁ ଯାତାୟତରେ ଲୋକେ ଘୋର ଅସୁବିଧା ସହିତ ହଇରାଣ ହରକତ ହେଉଛନ୍ତି।ପ୍ରତିଦିନ ଖରାହେଲେ ରାସ୍ତାରେ ଧୂଳି ଆଉ ବର୍ଷା ହେଲେ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି।ରାସ୍ତାରେ ଯିବା ଲୋକଙ୍କ ସହିତ ରାସ୍ତା କଡର ବସବାସ କରିଥିବା ଲୋକମାନେ ହଇରାଣ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।ଲଙ୍ଗଳେଶ୍ୱର ଠାରୁ ଗଞ୍ଜା ପର୍ଯ୍ୟନ୍ତ ଡ୍ରେନ କାମଟି ସବୁଠୁ ନିମ୍ନ ମାନର ହେଉଛି।ଡ୍ରେନ ସାଇଟରେ ବାଲି ନ ପକେଇ ମାଟି ପଡୁଛି।ଯାହାକି ରାସ୍ତା କିଛିଦିନ ପରେ ଦବିଯିବାର ସମ୍ଭାବନା ରହିଛି।ଡ୍ରେନର ସାଇଜ ଠିକ ହେଉ ନାହିଁ।କାର୍ଯ୍ୟ ଦେଖିବା ପାଇଁ ସରକାରୀ ଅଫିସର କେହି ଆଶୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ମିସ୍ତ୍ରୀ ଲେବର ସେମାନେ ତାଙ୍କ ମନ ଇଚ୍ଛା କାମ କରୁଛନ୍ତି।ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏଯାଏଁ କିଛି ସୁଫଳ ମିଳି ନାହିଁ ବୋଲି ଅଭିଯୋଗ ହେଉଛି। ଫରଚ୍ୟୁନ ଗ୍ରୁପ ୪%ଲେସରେ କାର୍ଯ୍ୟ ନେଇ ବାଲିଆପାଳର ଅନ୍ୟ ଜଣେ ପାସି ଠିକାଦାରକୁ କାର୍ଯ୍ୟଭାର ଦେଇଥିବାର ଜଣାପଡ଼ିଛି।ଲୋକଙ୍କୁ ଅନ୍ଧାରରେ ରଖି ଯନ୍ତ୍ରୀ ଓ ଠିକାଦାର ମନମୁଖୀ କାର୍ଯ୍ୟ ଚଳାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।ଖୁବଶୀଘ୍ର କାର୍ଯ୍ୟର ସୂଚନା ଫଳକ ସହିତ କାର୍ଯ୍ୟ ବିଷୟରେ ବିବରଣୀ ଲିପିବଦ୍ଧ ନ କରାଇଲେ ଅଞ୍ଚଳ ବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚିତ୍ତରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ଦଳାଇ, ରଘୁନାଥ ସାମଲ, ମକର ଦଳାଇ, ଅଭୟ ବାରିକ, ଭୀମ ଚରଣ ଶାନ୍ତରା, ଅଜୟ କୁମାର ସାନ୍ତରା, ପରେଶ ମହାନ୍ତି, ସୁଦାମ ଚରଣ ଦାସ ପ୍ରମୁଖଚେତାବନୀ ଦେଇଛନ୍ତି।ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ସାହୁଙ୍କୁ ଏ ବିଷୟରେ ପଚାରିବାରୁ କାର୍ଯ୍ୟ ଠିକ ଚାଲିଛି ମାନ ହ୍ରାସ କରାଯାଉନାହିଁ ବୋଲି ସେ କହିଛନ୍ତି।ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

## ବିନିକା ଉପ ନିବନ୍ଧକ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି

**ସୁବର୍ଣ୍ଣପୁର,୨୫।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ଉପ ନିବନ୍ଧକ କାର୍ଯ୍ୟାଳୟ ପରିସରରେ ବର୍ଷା ଯୋଗୁଁ ଆଣ୍ଠୁଏ ପାଣି ଜମି ରହିଛି। ଏହି କାର୍ଯ୍ୟାଳୟ ନିକଟରେ ରାଜସ୍ୱ କର୍ମଚାରୀ ମାନଙ୍କ ସରକାରୀ କ୍ୱାଟର ଅର୍ଥାତ କଲୋନୀ ରହିଛି। ଡ୍ରେନେଜ ବ୍ୟବସ୍ଥା ଆଦୌ ନ ଥିବାରୁ ବର୍ଷାପାଣି ରେ କାର୍ଯ୍ୟାଳୟ ପରିସର ପୋଖରୀ ସଦୃଶ୍ୟ ଦେଖାଯାଉଛି। ରାଜସ୍ୱ କର୍ମଚାରୀ ଓ କାର୍ଯ୍ୟାଳୟ କୁ କାମପାଇଁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ରେ ପ୍ରତିବର୍ଷ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏନଏସି ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ଜନ ସାଧାରଣ ରେ ଦାବୀ ହେଉଛି।



## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




**ଦଶରଥପୁର,୨୫।୭ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ତ ମଙ୍ଗଳପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି +୨ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ରଶ୍ମି ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ (ଇଣ୍ଡକସନ କ୍ଲାସ) ପ୍ରବେଶ ଉତ୍ସବରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଉତ୍କଳିକା ଦାସ, ଅର୍ଥନୀତି ବିଭାଗର ଅଧ୍ୟାପିକା ଅରୁଣା ପ୍ରଧାନ, ସାଇକୋଲୋଜି ବିଭାଗର ଅଧ୍ୟାପିକା ଅନନ୍ୟା ଜାଲି, ଇତିହାସ ବିଭାଗର ଅଧ୍ୟାପକ ଚିନ୍ମୟ ମେହେର, ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଂଜନ ମିଶ୍ର ପ୍ରମୁଖ ଯୋଗଦେଇ +୨ ପ୍ରଥମ ବର୍ଷର ମୋଟ ୧୨୮ ଜଣ ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ପ୍ରବେଶ ଉତ୍ସବ ସମ୍ପର୍କରେ ଅବଗତ କରେଇ ଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷା ରଶ୍ମି ସାମଲ ସମସ୍ତ ଛାତ୍ରୀ ମାନଙ୍କୁ ଭଲ ପାଠ ପଢି ମହାବିଦ୍ୟାଳୟର ସୁନାମ ଅର୍ଜନ କରିବା ସହ ଉତ୍ତମ ଚରିତ୍ରବାନ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଗ୍ରନ୍ଥାଗାରକ ସୁଧାଂଶୁ ମୋହନ ଦାସ, କର୍ମଚାରୀ ଗୋପାଳ ଚନ୍ଦ୍ର ବେହେରା, ଉର୍ମିଳା ସାହୁ, ମିନତି ପଲେଇ, ରବିନାରାୟଣ ଦାସ, ଶରତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ୩ ଦିନ ହେବ ଅନ୍ଧାରରେ ରହୁଛନ୍ତି ରାଇଗୁଡ଼ା ଗ୍ରାମବାସୀ



**ଫିରିଙ୍ଗିଆ,୨୫।୭(ସଂଚାର ବ୍ୟୁରୋ):** ଗତ କିଛି ଦିନ ହେବ ଲଗାଣ ବର୍ଷା ଯୋଗୁଁ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବା ଅନୁମାନ କରା ଯାଉଛି। ବିଦ୍ୟୁତ୍ ନଥିବାରୁ ରାତ୍ରି କାଳରେ ଜନସାଧାରଣ ବହୁତ ସମସ୍ୟାର ସମ୍ମୁଖିନ ହେଉଛନ୍ତି।ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମରେ ଦୁଇ ଦିନ ହେବ ଅନ୍ଧାରରେ ରହୁଛନ୍ତି ରାଇଗୁଡ଼ା ଗ୍ରାମବାସୀ। ଏହି ଗାଁ ରେ ୧୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏନେଇ ମରାମତି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସଫଳ ମିଳିନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବିଭାଗୀୟ ଅଧିକାରୀ ଙ୍କ ଅବହେଳା ଯୋଗୁଁ ଆଜି ଉପାନ୍ତ ଅଞ୍ଚଳରେ ଠିକ୍ ଭାବରେ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ରାଇଗୁଡ଼ା ଗ୍ରାମରେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଖେଳ ପଡ଼ିଆ ମଝିରେ ଇଲେକ୍ଟ୍ରି ପୋଲ ସ୍ଥାନାନ୍ତରିତ ପାଇଁ ଦାବି

**ଫିରିଙ୍ଗିଆ,୨୫।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଗିନ୍ଦାପାଙ୍ଗା ଖେଳ ପଡ଼ିଆ ମଝିରେ ଇଲେକ୍ଟ୍ରି ପୋଲ ଅଛି ପୋଲ ସ୍ଥାନାନ୍ତରିତ ପାଇଁ ଦାବି ସୂଚନା ପ୍ରକାରେ ବଣ୍ଡଗୁଡ଼ା ପଞ୍ଚାୟତ ଗିନ୍ଦାପାଙ୍ଗା ଖେଳ ପଡ଼ିଆ ମଝିରେ ଇଲେକ୍ଟ୍ରି ପୋଲ ରହିଥିବାରୁ ଖେଳାଳି ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ! ଯାହା ଫଳରେ ଫୁଟବଲ କିମ୍ବା କ୍ରିକେଟ ଖେଳିବା ସମୟରେ ଖେଳାଳି ମାନେ ବିଦ୍ୟୁତ୍ ସଟ୍ ପାଇଁ ଭୟ ରହୁଥିବା ସହିତ ମଝିରେ ପୋଲ ଥିବାରୁ ପୋଲରେ ବାଡ଼େଇ ହେବାର ସମ୍ଭାବନା ମଧ୍ୟ ରହୁଛି ଏଥିପାଇଁ ଅଞ୍ଚଳ ତରଫରୁ ଓ ଖେଳାଳି ମାନେ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନକୁ ବିଦ୍ୟୁତ୍ ପୋଲ ସ୍ଥାନାନ୍ତର କରିବା ପାଇଁ ଅବଗତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ପୋଲ ସ୍ଥାନାନ୍ତରିତ ହୋଇପାରିଲା ନାହିଁ ! ତେଣୁ ଏଥିପ୍ରତି ବିଦ୍ୟୁତ୍ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେଇ ଯାଥାଶୀଘ୍ର ପୋଲ ସ୍ଥାନାନ୍ତରିତ କରିବାକୁ ଖେଳାଳି ଏବଂ ଅଞ୍ଚଳର ବୁଦ୍ଧିଜୀବୀ ମହଲରୁ ଦାବି କରିଛନ୍ତି ଦିଲୀପ କୁମାର ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଗୋବିନ୍ଦ ପ୍ରଧାନ, ସାମନ୍ତ ପ୍ରଧାନ, ସରତ ପ୍ରଧାନ, ଖଗେଶ୍ୱର ପ୍ରଧାନ, ବ୍ରହ୍ମଦେବ ପ୍ରଧାନ, କେଶବ ପ୍ରଧାନ ! ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଏହି ସମସ୍ୟାର ସମାଧାନ କେବେ ହେଉଛି।



● ତେଲ ଟାଙ୍କିକୁ ଆସିଲା ପାଣିପମ୍ପ

## ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କଟକଣା ପରେ ଲୋକେ ହନ୍ତସନ୍ତ

**ବାଲିପାଟଣା, ୨୫।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ବାଲେଶ୍ୱର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଅନ୍ୟପଟେ ବଳଙ୍ଗା ନାବାଳିକା ପୋଡ଼ି ଘଟଣା ପରେ ରାଜ୍ୟରେ ଯେତେବେଳେ ପ୍ଲାଷ୍ଟିକ ବୋତଲ ତେ ପେଟ୍ରୋଲ ମନା ଏକ ପ୍ରକାର ମନା କରିଛନ୍ତି ବା ବ୍ୟାନ୍ କରିଛନ୍ତି ସରକାର। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆଗରୁ ଜଣେ ବ୍ୟକ୍ତି ଙ୍କର ବାଇକ୍ ରୁ ପେଟ୍ରୋଲ ସରିଯିବା ପରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନ ମିଳିବାରୁ ସେ ଡାଲା ଅଟୋ ରେ ଟାଙ୍କିକୁ ଆଣିଥିଲେ। ସେହିପରି ଆଉ ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ର ବସନ୍ତମାଳ ଠାରେ।ଜଣେ ଚାଷୀଙ୍କର ପାଣି ପମ୍ପ ରୁ ପେଟ୍ରୋଲ ସରିଯିବା ପରେ ସାଇକେଲ୍ ରେ ପାଣି ପମ୍ପକୁ ଆଣି ପେଟ୍ରୋଲ ଭରିଥିଲେ। ପୂର୍ବରୁ ସେ ବୋତଲ କିମ୍ବା ଜାରକିନ୍ ରେ ପେଟ୍ରୋଲ ନେଇ ପମ୍ପ ଚଳାଉ ଥିଲେ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କଟକଣା ପରେ ଚାଷୀ ଜଣଙ୍କ ହତାଶ ହୋଇ ପାଣି ପମ୍ପ କୁ ଟାଙ୍କିକୁ ଆଣିଛନ୍ତି।



## ହାଉସିଂ ବୋର୍ଡ ବିଶ୍ୱନାଥ ମନ୍ଦିରରେ ୪ରେ ହେବ ଜଳାଭିଷେକ କାର୍ଯ୍ୟକ୍ରମ



**ଯାଜପୁର ରୋଡ଼,୨୫।୭(ସଂଚାର ବ୍ୟୁରୋ):** ଶ୍ରାବଣ ମାସକୁ ମାସୋର୍ତ୍ତମ କୁହାଯାଏ। ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ। ଏହି ମାସର ସୋମବାର ସହ ଭଗବାନ ଶିବଶଙ୍କରଙ୍କ ଗଭୀର ସଂପର୍କ ରହିଛି। ସେଥିପାଇଁ ସହସ୍ର ସହସ୍ର ଶିବ ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି। ଭଗବାନ ଶିବଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ତାଙ୍କର ମନସ୍କାମନା ଜଣାଇ ଭକ୍ତଗଣ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି। ତେବେ ଏହି ପରିପ୍ରେକ୍ଷୀରେ ଆସନ୍ତା ଅଗଷ୍ଟ ମାସ ତା ୪/୮/୨୫ ରିଖ ତଥା ଉକ୍ତ ସୋମବାର ଦିନ ବ୍ୟାସନଗର ପୌରାଅଞ୍ଚଳ ସହରର ୱାର୍ଡ ନମ୍ବର -୧୬ ଅନ୍ତର୍ଗତ ଉମାପଦା, ହାଉସିଂ ବୋର୍ଡ ଠାରେ ବିରାଜମାନ ହୋଇଥିବା 'ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର'ର ଠାକୁରଙ୍କ ଲିଙ୍ଗ ଉପରେ ଜଳାଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଅଛି। ତେଣୁ ଆଖପାଖ ଅଞ୍ଚଳର ଯେଉଁ ବୋଲବମ କାଉଡ଼ିଆ ଭକ୍ତମାନେ ଜଳାଭିଷେକ କରିବେ ସେମାନଙ୍କ ଲାଗି ସ୍ଥାନୀୟ, 'ସଂକ୍ରାନ୍ତି ସେବା ସମିତି' ଅନୁଷ୍ଠାନ ତରଫରୁ ସୁସ୍ୱାଦୁ ଜନିତ ଖେଚୁଡ଼ି, ଡାଲମା, ଖଟା ଓ ବିଭିନ୍ନ ରକମର ଖାଦ୍ୟ ବ୍ୟବସ୍ଥା ଆୟୋଜନ କରାଯାଉଅଛି। ସେଥିପାଇଁ ଅଞ୍ଚଳର ବୋଲବମ୍ କାଉଡ଼ିଆ ଭକ୍ତ ମାନେ ଉକ୍ତ ଦିନ ଜଳାଭିଷେକ କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କ ଆଶ୍ରିର୍ବାଦ ଲାଭ କରିବା ପାଇଁ ଅନୁଷ୍ଠାନ ତରଫରୁ ସାଦର ନିମନ୍ତ୍ରଣ ରଖାଯାଇଅଛି।

## ଅବସରପ୍ରାପ୍ତ ଏୟାରଫୋର୍ସ କର୍ମଚାରୀଙ୍କ ମୃତ୍ୟୁ, ଅଞ୍ଚଳରେ ଶୋକର ଛାୟା

**ନୀଳଗିରି,୨୫।୭(ସଂଚାର ବ୍ୟୁରୋ):** ନୀଳଗିରି ଅଞ୍ଚଳର ଅବସରପ୍ରାପ୍ତ ଏୟାରଫୋର୍ସ କର୍ମଚାରୀ ଭାସ୍କର ଚନ୍ଦ୍ର ପଟ୍ଟନାୟକ(୭୫) ଙ୍କ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ଉକ୍ତ ଖବର ପ୍ରଚାରିତ ପରେ ପରିବାର ସମେତ ନୀଳଗିରି ଓ ବରହମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ବରମପୁର ଗ୍ରାମର ଭାସ୍କର ଚନ୍ଦ୍ର ପଟ୍ଟନାୟକ ୧୯୫୦ମସିହା ସେପ୍ଟେମ୍ବର ୧୩ତାରିଖରେ ଜନ୍ମଗ୍ରହଣ କରିଥିଲେ। ପରେ ଶିକ୍ଷାସମାପ୍ତ ପରେ ଏୟାର ଫୋର୍ସରେ ଚାକିରୀ କରିବା ସମୟରେ ନିଜକୁ ସମାଜସେବା କ୍ଷେତ୍ରରେ ସାମିଲ କରିଥିଲେ। ଅବସର ପରେ ନୀଳଗିରି ଅଞ୍ଚଳରେ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ହଠାତ ଗତ ୧୮ତାରିଖ ଦିନ ଅସୁସ୍ଥ ହେବାରୁ ପରିବାର ଲୋକେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ଗୁରୁବାର ଭୋର ୪ଟା ସମୟରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସାଇବାଳିନ, ପୁତ୍ର ଆଶିଷ, ପୁତ୍ରବଧୂ ଅଭିଷିକା ନାତି ଆୟନଆରିୟନ, ଝିଅ ମୋନାଲିସା, ଜୁଇଁ ନେତ୍ରାନନ୍ଦ, ଭାଇ ସୁଧାକରଚନ୍ଦ୍ର ପଟ୍ଟନାୟକ, ଦିବାକରପଟ୍ଟନାୟକ, ଭଣଜା, ପୁତୁରା, ଝିଆରୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ ଲକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ଆଶିଷ ମୁଖାଗ୍ନି ଦେଇଛନ୍ତି।

## ବିଦ୍ୟୁତ ସଂସ୍ପର୍ଶରେ ଆସି ୫ ବର୍ଷର ଶିଶୁ ମୃତ



**ସୁବର୍ଣ୍ଣପୁର,୨୫।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଜାମଛାପର ଗ୍ରାମରେ ଏକ ଅଭାବନୀୟ ଅଘଟଣ ଘଟିଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ୫ ବର୍ଷର ଶିଶୁ ର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ହେଲେ ହିମାଂଶୁ ସନ୍ୟାସୀଙ୍କ ପୁଅ ଶ୍ରେୟାଂଶା ଓରଫ ସୁବ୍ରତ ସନ୍ୟାସୀ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଶ୍ରେୟାଂଶ କୌଣସି କାରଣରୁ ଘରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲା। ଫଳରେ ତାର ମୁହଁ ଏବଂ ହାତର କିଛି ଅଂଶ ପୁଡ଼ି ଯାଇଥିଲା। ତୁରନ୍ତ ପରିବାର ଲୋକେ ତାଙ୍କୁ ବିନିକା ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ୟୁରିୟା ସାର ଅଭାବ: ଚିନ୍ତାରେ ଚାଷୀ

## କଳାବଜାରୀ ରୋକିବାରେ ପ୍ରଶାସନ ବିଫଳ

**ମ.ରାମପୁର,୨୫।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସାର କଳା ବଜାରୀ ରୋକିବା ଦିଗରେ ସଚେତନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା କହୁଛନ୍ତି। ଏହାବାଦ ସାର କଳାବଜାରୀ ଯେମିତି ନହେବ ସେନେଇ ସମବାୟ ସମିତି ଜରିଆରେ ଚାଷୀମାନଙ୍କୁ ସରକାରୀ ଦରରେ ସାର ଯୋଗାଇବା ଦାଇତ୍ୱ ମଧ୍ୟ ଦେଇଛନ୍ତି। ମାତ୍ର ସମବାୟ ସମିତି କୁ ସାର ଆସୁନଥିବା ଯୋଗୁଁ ଚାଷୀ ଏବେ କଳାବଜାରି ର ଶିକାର ହେଉଛନ୍ତି।ସମୟ ଥିଲା ଚାଷୀମାନେ କ୍ଷେତରେ ଧାନ ନ ବୁଣିବା ଆଗରୁ ଗୋବର ଖତ ପ୍ରୟୋଗ କରି ପରେ ଧାନ ବୁଣା/ରୁଆ କରୁଥିଲେ।ଓ ଭଲ ବର୍ଷା ହେଲେ ଦୁଇଗୁଣା ଫସଲ ଅମଳ ମଧ୍ୟ ପାଉଥିଲେ। ଏହି ଗୋବର ଖତ ଭଲ ଭାବରେ ଥରେ ପ୍ରୟୋଗ କଲେ ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ଧାନ ଭଲ ହେଉଥିଲା। ବର୍ତ୍ତମାନ ଉକ୍ତ ଅଞ୍ଚଳରେ ଗାଈ ଗୋରୁ ଅଭାବ ପରିଲକ୍ଷିତ ହୋଇଯାଇଛି। ଏବେ କୌଣସି ଚାଷୀଙ୍କ ଘରେ ଗାଈଗୋରୁ ନଥିବା କହିଲେ ଚଳେ। କାଁ ଭାଁ ଅଳ୍ପ ଚାଷୀଙ୍କ ଘରେ ଗାଈ ଗୋରୁ ଅଛି। ଯାହାଫଳରେ ଅଞ୍ଚଳର ଲୋକେ ଦୀର୍ଘ ବର୍ଷ ହେଲା ରାସାୟନିକ ସାର ର ପ୍ରୟୋଗକୁ ଆଦରି ନେଇଛନ୍ତି। ଏହି ରାସାୟନିକ ସାର ଯଥା - ୟୁରିଆ, ଡିଏପି, ପଟାସ, ଗ୍ରୋମର ଇତ୍ୟାଦି ପ୍ରୟୋଗ ପ୍ରତିବର୍ଷ ନକଲେ ଧାନ ଫସଲ ହେବାର ପ୍ରଶ୍ନ ଉଠୁନାହିଁ। ଚାଷୀ ମାନେ ବାଧ୍ୟ ହୋଇ ଏହି ରାସାୟନିକ ସାର୍ ପ୍ରୟୋଗ କରି ଆସୁଛନ୍ତି। ସରକାର ସମବାୟ ସମିତି ମାଧ୍ୟମରେ ସମସ୍ତ ଚାଷୀ ଧାନ ବିହନ ସହିତ ସମସ୍ତ ପ୍ରକାର ସାର ଯୋଗାଇ ଦିଆଯିବ ବୋଲି କହୁଛନ୍ତି। କିନ୍ତୁ ସମବାୟ ସମିତି କାର୍ଯ୍ୟାଳୟରେ ମଧ୍ୟ ସାର ମିଳୁନାହିଁ। ଚଳିତ ବର୍ଷ ଅନ୍ୟ ସାର ଅପେକ୍ଷା ୟୁରିଆ ସାରର ଘୋର ଅଭାବ ପରିଲକ୍ଷିତ ହୋଇଛି। ଯାହାଫଳରେ କଳା ବେପାରୀ ମାନେ ଚଢ଼ାଦରରେ ୟୁରିଆ ସାରକୁ ବିକ୍ରୟ କରୁଥିବା ବେଳେ ୧୫ ରୁ ଅଧିକ ଦିନ ହେଲା ଚାଷୀଙ୍କୁ ପ୍ରଯ୍ୟାପ୍ତ ପରିମାଣ ରେ ୟୁରିଆ ସାର ମିଳୁନଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ଭିନ୍ନକ୍ଷମଙ୍କୁ ମିଳୁଥିବା ପ୍ରମାଣପତ୍ରକୁ ନେଇ ଦ୍ୱନ୍ଦ୍ୱ

**ମୁନିଗୁଡ଼ା,୨୫।୭(ସଂଚାର ବ୍ୟୁରୋ):** ଗୁପ୍ତେଶ୍ୱରୀଙ୍କୁ ୧୮% ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିବାରୁ ସେ ବି ସରକାରୀ ଯୋଜନାରୁ ବଞ୍ଚିତ। ସବୁଠାରୁ ଆଶ୍ଚର୍ଯ୍ୟକର କଥାଟି ହେଉଛି, ୨୦୧୦ରେ ୪ଜଣ ଡାକ୍ତରଙ୍କ ଦସ୍ତଖତରେ ୯୦% ଦିବ୍ୟାଙ୍ଗ ଝିଅଟି, ୨୦୨୫ରେ ଡିଜିଟାଲ ପ୍ରମାଣପତ୍ରରେ କେମିତି ୧୮% ଦିବ୍ୟାଙ୍ଗ ପାଲଟିଗଲେ। ମୁନିଗୁଡ଼ାରେ ଆୟୋଜିତ ଭିନ୍ନକ୍ଷମ ଶିବିରରୁ ସେହି ପ୍ରଶ୍ନର ଉତ୍ତର ନପାଇ ନିରାଶରେ ଫେରିଛନ୍ତି ଦିବ୍ୟାଙ୍ଗ ଯୁବତୀ ଓ ତାଙ୍କ ମା'। ସୁଲତାନ ଓ ଗୁପ୍ତେଶ୍ୱରୀଙ୍କ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଖିଲେ ମନରେ କିଛି ପ୍ରଶ୍ନ ଉଙ୍କିମାରୁଛି।



## ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଆର୍‌ପି. ସିଏମ୍. ଆସୋସିଏସନ୍ ପକ୍ଷରୁ ଦାବିପତ୍ର ପ୍ରଦାନ



**ରାୟଗଡ଼ା,୨୫।୭ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଆର୍‌ପି. ସିଏମ୍. ଆସୋସି ଏସନ୍ ସଭାନେତ୍ରୀ ହୀରା ଦେବୀ ପ୍ରଧାନ ଏବଂ ସବିତା ପରିଚ୍ଛାଙ୍କ ନେତୃତ୍ୱରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତ ରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ୱେତମ୍ବର ପ୍ରଧାନୀଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଭାରତୀୟ ମଜଦୂର ସଂଘର ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ସିଆରପି ସିମ୍ ଆସୋସିଏସନ୍ ର ଜିଲ୍ଲା ସଭାନେତ୍ରୀ ଭାରତୀ ନାୟକ, ଜିଲ୍ଲା କୋଷାଧ୍ୟକ୍ଷ ଶ୍ରୀମତୀ ଯାଗାମା ପେରିସିକା ଯୋଗଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି. ସିଏମ୍. କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି। କିନ୍ତୁ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଉଥିବା ଅଣଦେଖାକୁ ଦୃଢ଼ ନିନ୍ଦା କରିବା ସହ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ସମାଧାନ ନକରନ୍ତି ତାହାହେଲେ ଆସନ୍ତା ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଲଳିତା କୁମାରୀ ନାଲାଦୋରା, ସନ୍ଧ୍ୟା ଦଣ୍ଡସେନା, ବନିତା କୈଳାସ ପରିଚାଳନା କରିଥିଲେ ବେଳେ କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସମସ୍ତ ସିଆର୍‌ପି. ସିଏମ୍ ମାନେ ଯୋଗ ଦେଇଥିଲେ। ବିଭିନ୍ନ ଦାବି ମଧ୍ୟରେ ସିଆର୍‌ପି. ସିଏମ୍. ମାନଙ୍କ ପାଇଁ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ବେତନ ଦଶ ହଜାର ଟଙ୍କା ପ୍ରଦାନ କରାଯାଉ। ଏଥି ସହ ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ମେସିନ୍ ପ୍ରଦାନ କରାଯିବା, ସିଆର୍‌ପି.ସିଏମ୍. ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ପ୍ରଦାନ କରିବା ଓ ସିଆର୍‌ପି. ସିଏମ୍. ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବିରେ ଉଲ୍ଲେଖ ରହିଥିଲା।